

ବିରଳ କ୍ଲବରେ ଜାଡେଜା
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 315 | ଭାଗ ୩୨ | ସଂଖ୍ୟା ୩୧୫ Bhubaneswar | Saturday 8 February 2025 | Page 8 Rs. 4.00 ● ଭୁବନେଶ୍ୱର ଶନିବାର ୮ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ୮ ମାସରେ ୨୬ ହଜାରରୁ ଅଧିକ ନିଯୁକ୍ତି

# ସରକାରୀ ଚାକିରି ଜନସେବାର ମାଧ୍ୟମ



- ଦୁର୍ନୀତି ବିରୋଧୀ ଅଭିଯାନ ଜାରି ରହିବ: ମୁଖ୍ୟମନ୍ତ୍ରୀ
- ୯ ବିଭାଗରେ ୬,୩୯୦ ଜଣଙ୍କୁ ମିଳିଲା ନିଯୁକ୍ତି
- ଖୋଲା ମନ, ଖୋଲା ହୃଦୟର ସହ କାମ କରନ୍ତୁ



ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ସରକାରୀ ଚାକିରି କେବଳ ଏକ ଜୀବନଜୀବିକାର ସାଧନ ନୁହେଁ, ବରଂ ଏହା ଜନସେବାର ଏକ ମାଧ୍ୟମ। ସାଧାରଣ ଜନତା, ସରକାର ଏବଂ ସରକାରୀ ବିଧି ବ୍ୟବସ୍ଥାରୁ ଅନେକ ଆଶା ଆକାଂକ୍ଷା କରିଥାନ୍ତି ଏବଂ ସେସବୁକୁ ପୂରଣ କରିବା ଦିଗରେ ଆପଣମାନେ ହେଉଛନ୍ତି ସବୁଠାରୁ ବଡ଼ ମାଧ୍ୟମ। କାରଣ, ତୃଣମୂଳ ସ୍ତରରେ ଯୋଜନା ଏବଂ କାର୍ଯ୍ୟକ୍ରମର ରୂପାୟନ ଦାୟିତ୍ୱ ଆପଣଙ୍କ କାନ୍ଧରେ। ତେଣୁ ମୁଁ ଆଶା କରୁଛି ଏହାକୁ ପୂରଣ କରିବାରେ ଆପଣମାନେ ସମସ୍ତେ ସମର୍ଥ ହେବେ ବୋଲି ଆଜି ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇ ମତ ବ୍ୟକ୍ତ କରିଛନ୍ତି। ଏହି ନିଯୁକ୍ତି ମେଳାରେ ଆଜି ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ କେବଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨,୮୭୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨,୭୬୭, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୨୩୨, ଅର୍ଥ ବିଭାଗରେ ୧୩୦, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୪, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୬୨, ଜଳ ସମ୍ପଦ ବିଭାଗରେ ୫୭ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୭ ମାସରେ ୬ ଥର ନିଯୁକ୍ତି ମେଳାର ଆୟୋଜନ କରି ୨୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଇସାରିଛି। ଆଜିର ନିଯୁକ୍ତି ମେଳାରେ ପ୍ରଦାନ କରାଯାଇଥିବା ନିଯୁକ୍ତି ପରେ ଏହି ସଂଖ୍ୟା ୨୬ ହଜାର ଟପିଛି। ସରକାର ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଏ ଦିଗରେ କ୍ରମଶଃ ଆଗକୁ ଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଜୀବନର ଏକ ନୂତନ ଅଧ୍ୟାୟ ଆଜି ଆରମ୍ଭ ହୋଇଛି। ଆଜିକାଲି ବିଶେଷ ଭାବେ ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ସରକାରୀ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ବହୁତ କମ୍। ଉଦାହରଣସ୍ୱରୂପ, ପ୍ରତିରକ୍ଷାକୁ ମିଶାଇ କେନ୍ଦ୍ର ସରକାରରେ ପ୍ରାୟ ୩୫ ଲକ୍ଷ ଲୋକ ନିଯୁକ୍ତ ହୋଇଥିବା ବେଳେ ଓଡ଼ିଶାରେ ବର୍ତ୍ତମାନ ପ୍ରାୟ ୩ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଖାଲିଥିବା ପଦ ପଦବୀକୁ ସାମିଲ କଲେ ମଧ୍ୟ ସର୍ବାଧିକ ସାଢ଼େ ୪ ଲକ୍ଷ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ ପୃଷ୍ଠା-୬

### 'ବେଟି ବଚାଓ ବେଟି ପଢ଼ାଓ'କୁ ୧୦ ବର୍ଷ

## ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି ୫ ଯୋଜନା



ନୂଆଦିଲ୍ଲୀ,୭।୨: ଭାରତରେ ଉଦବେଗଜନକ ଲିଙ୍ଗଗତ ଅସନ୍ତୁଳନ ଓ ହ୍ରାସ ପାଉଥିବା ଶିଶୁ ଲିଙ୍ଗ ଅନୁପାତର ସମାଧାନ ପାଇଁ ଗତ ୨୦୧୫ ଜାନୁଆରୀ ୨୨ରେ 'ବେଟି ବଚାଓ ବେଟି ପଢ଼ାଓ' (ବିବିବିପି) ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାର ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ 'ନିର୍ଭୟା କଢ଼ି' (ନିର୍ଭୀକ ଝିଅ), ଗଞ୍ଜାମରେ 'ମୋ ଗେହ୍ଲା ଝିଅ', ଢେଙ୍କାନାଳ ଓ କେନ୍ଦୁଝରରେ 'ସ୍ୱର୍ଣ୍ଣ କଳିକା' ଓ ଦେବଗଡ଼ ଜିଲ୍ଲାରେ 'ବୀରାଙ୍ଗନା ଯୋଜନା' ଆଦି କାର୍ଯ୍ୟକାରୀ ହୋଇଥିଲା ବୋଲି ଆଜି 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ୧୦ ବର୍ଷ ପୂର୍ତ୍ତି ଅବସରରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହି ବିବୃତି ଅନୁସାରେ, ବାଲ୍ୟ ବିବାହକୁ ପ୍ରତ୍ୟାଖ୍ୟାନ କରିବା, ଲିଙ୍ଗ ଚୟନ ଏବଂ କନ୍ୟାଭ୍ରୁଣ ହତ୍ୟା ବିରୋଧରେ ଲଢ଼େଇ କରିବା, ଉଚ୍ଚ ଶିକ୍ଷା ସହ ଶିକ୍ଷା ଜାରି ରଖିବା ଓ ମାର୍ଶାଲ ଆର୍ଟ ଏବଂ ଆତ୍ମରକ୍ଷା କୌଶଳ ମାଧ୍ୟମରେ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସକୁ ପ୍ରୋତ୍ସାହିତ କରିବା ପାଇଁ କିଶୋରୀମାନଙ୍କ ପାଇଁ ଉପରୋକ୍ତ ଯୋଜନା ଆରମ୍ଭ କରାଯାଇଛି। ଗଞ୍ଜାମ ଜିଲ୍ଲାରେ 'ନିର୍ଭୟ କଢ଼ି' ଓ 'ମୋ ଗେହ୍ଲା ଝିଅ' ଯୋଜନା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିଲା।

ଜିଲ୍ଲାର ପ୍ରାୟ ୩୩୦୯ଟି ଗାଁର ୧୧ରୁ ୧୮ ବର୍ଷ ବୟସର ପ୍ରାୟ ୧,୮୩,୯୩୩ ଜଣ କିଶୋରୀଙ୍କୁ 'ନିର୍ଭୟା କଢ଼ି'ରେ ସାମିଲ୍ କରାଯାଇଥିବା ବେଳେ 'ମୋ ଗେହ୍ଲା ଝିଅ' ଯୋଜନା ଜିଲ୍ଲାରେ ଲିଙ୍ଗ ଚୟନ ଓ କନ୍ୟା ଭ୍ରୁଣ ହତ୍ୟା ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିଆସିଛି। ଏହାର ଫଳସ୍ୱରୂପ ଗତ ୨୦୨୨ ଜାନୁଆରୀ ୩ରେ ପ୍ରଶାସନ ଗଞ୍ଜାମ ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ ଘୋଷଣା କରିଥିଲା। ବାଲ୍ୟବିବାହ ରୋକିବା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିବାରୁ ନବମ ପ୍ରତିଷ୍ଠା ପୃଷ୍ଠା-୬

## ୫ ବର୍ଷ ପରେ କମିଲା ରେପୋ ରେଟ୍

### ଶସ୍ତା ହେବ ଗୃହ, କାର୍ ଋଣ



**ମଧ୍ୟବିତ୍ତଙ୍କୁ ଆରବିଆଇର ଉପହାର**

ନୂଆଦିଲ୍ଲୀ,୭।୨: ଶେଷରେ ଦୀର୍ଘ ୫ ବର୍ଷ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଗୃହ ଋଣ ନେଇଥିବା ହିତାଧିକାରୀଙ୍କୁ ଆଶ୍ୱସ୍ତିକର ଖବର ଦେଇଛନ୍ତି। ଆଜି ବ୍ୟାଙ୍କ୍ ପକ୍ଷରୁ ରେପୋ ରେଟ୍‌ରେ ୦.୨୫ ପ୍ରତିଶତ ହ୍ରାସ କରାଯିବା ଫଳରେ ଏଣିକି ପୂର୍ବ ତୁଳନାରେ ଗୃହ ଋଣ ନେଇଥିବା ହିତାଧିକାରୀମାନଙ୍କୁ କମ୍ ସୁଧ ହାର ପଇଠ କରିବାକୁ ପଡ଼ିବ। ଏହି ହ୍ରାସ ଫଳରେ ଆର୍‌ବିଆଇର ରେପୋ ରେଟ୍ ୬.୨୫ରେ ପହଞ୍ଚିଛି। ରିଜର୍ଭ ବ୍ୟାଙ୍କର ଏମପିସି (ମୁଦ୍ରା ନୀତି କମିଟିମନିଟାରି ପଲିସି କମିଟି) ନିଷ୍ପତ୍ତି ଘୋଷଣା ସମୟରେ ଏନେଇ ସାମ୍ବାଦିକ ସମ୍ମିଳନୀରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ, ଶେଷ ଥର ପାଇଁ ଗତ ୨୦୨୦ ମେ'ରେ ରେପୋ ରେଟ୍ ହ୍ରାସ ପାଇଥିଲା। ସେହିପରି ଗତ ୨୦୨୩ ଜୁନ୍ ପରେ ଆଜି ପ୍ରଥମ ଥର ପାଇଁ ରେପୋ ରେଟ୍‌ରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇଛି। ଶେଷ ଥର ପାଇଁ ରେପୋ ରେଟ୍‌କୁ ୬.୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଗତ ୫ ତାରିଖରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ବସିଥିବା ଏମ୍‌ପିସି ବୈଠକର ଆଜି ଶେଷ ଦିନ ଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ରେପୋ ରେଟ ହ୍ରାସ ଉପରେ ନିଷ୍ପତ୍ତି ନିଆଯାଇଛି। ଆଜି ବୈଠକ ଶେଷ ହେବା ପରେ ଶ୍ରୀ ମଲହୋତ୍ରା ରେପୋ ରେଟ୍‌ରେ ୦.୨୫ ପ୍ରତିଶତ ହ୍ରାସ ଘୋଷଣା କରିଛନ୍ତି। କୋଭିଡ ସମୟରେ ଦେଶର ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ସକାଶେ ତତ୍କାଳୀନ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ରେପୋ ରେଟ୍‌କୁ ୦.୦୪ ପ୍ରତିଶତ (୪୦ ବେସିସ୍ ପଏଣ୍ଟ) ହ୍ରାସ କରିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ଆର୍‌ବିଆଇ ଗଭର୍ଣ୍ଣର କେତେକ ପ୍ରମୁଖ ଘୋଷଣା କରିଥିବା ବେଳେ ସେଥି ମଧ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦେଶର ଅଭିବୃଦ୍ଧି ଲକ୍ଷ୍ୟକୁ ୬.୬ରୁ ୬.୭ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଖାଦ୍ୟ ସାମଗ୍ରୀ ପ୍ରତି ଅନୁକୂଳ ଦୃଷ୍ଟିକୋଣ ଯୋଗୁଁ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ଲକ୍ଷ୍ୟ ଅନୁଯାୟୀ ଏହା ଧୀରେ ଧୀରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ସେହିପରି ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଉଥିବା ବେଳେ ସହରାଞ୍ଚଳରେ ଏହା ଯଥେଷ୍ଟ ମନ୍ଥର ରହିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୪.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୁଦ୍ରାସ୍ଫୀତି ପୃଷ୍ଠା-୬

### ପୂର୍ବାଞ୍ଚଳ ରାଜ୍ୟ ପ୍ରତିନିଧି-ସିଏସିପି ଅଧ୍ୟକ୍ଷ ଆଲୋଚନା

## ବଢ଼ିପାରେ ଧାନ ଓ ତୈଳଜାତ ଦ୍ରବ୍ୟର ଏମ୍ଏସ୍‌ପି




ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଖରିଫ ଫସଲର ମୂଲ୍ୟ ତଥା ବିକ୍ରୟଭିତ୍ତିକ ନିୟାମକ ଗଠନ ନିମନ୍ତେ ସିଏସିପି (କମିଶନ୍ ଫର୍ ଏଗ୍ରିକଲ୍‌ଚରାଲ୍ କଷ୍ଟ୍‌ସ ଏଣ୍ଡ୍ ପ୍ରାଇସେସ୍) ଅଧ୍ୟକ୍ଷଙ୍କର ଆଜି ପୂର୍ବାଞ୍ଚଳ ରାଜ୍ୟର ପ୍ରତିନିଧିମାନଙ୍କ ସହ ସ୍ଥାନୀୟ ରାଜ୍ୟ ଅତିଥି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅଧ୍ୟକ୍ଷ ପ୍ରଫେସର ବିଜୟ ପାଲ ଶର୍ମା ଚଳିତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଗୁରୁତ୍ୱାରୋପ କରିଛନ୍ତି। ପୁଣିଥରେ ଧାନର ସହାୟକ ମୂଲ୍ୟ ବଢ଼ାଇପାରନ୍ତି କେନ୍ଦ୍ର ସରକାର। ଧାନ ସହ ଡାଲି ଓ ତୈଳ ଜାତୀୟ ଦ୍ରବ୍ୟର ବି ସହାୟକ ମୂଲ୍ୟ ବଢ଼ିପାରେ। ଆଜି ଏନେଇ ବୈଠକରେ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ପ୍ରସ୍ତାବ ରଖିଛନ୍ତି। ବୈଠକରେ ଧାନ, ଗହମ, ଡାଲି ଓ ତୈଳ ଜାତୀୟ ଶସ୍ୟ କେଉଁ ରାଜ୍ୟରେ ଉତ୍ପାଦନ ଦର କେତେ ରହୁଛି, ଏନେଇ ଏକ ତଥ୍ୟ କେନ୍ଦ୍ର ଆଗରେ ଉପସ୍ଥାପନା କରିଥିଲେ। ଏହି ଅନୁପାତରେ ଏମ୍ଏସ୍‌ପିର ମୂଲ୍ୟ କେତେ ବୃଦ୍ଧି କରାଗଲେ ଚାଷୀ ଉପକୃତ ହେବେ ସେନେଇ ଆଲୋଚନା ହୋଇଥିଲା। ତେବେ ଖୁବ୍ ଶୀଘ୍ର ରାଜ୍ୟଗୁଡ଼ିକ ଲିଖିତ ଆକାରରେ କେନ୍ଦ୍ରକୁ ପ୍ରସ୍ତାବ ପଠାଇବେ ବୋଲି ପ୍ରଫେସର ଶର୍ମା କହିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଭାରତ ବିଶ୍ୱର ସର୍ବବୃହତ୍ ବଜାର ହୋଇଥିବା ବେଳେ ଧାନ, ଗହମର ବଳକା ଦେଶ। ସେହିପରି ଶ୍ରୀଅନ୍ନ ପୂର୍ବରୁ ଆମ ଖାଦ୍ୟର ଅଂଶ ଥିଲା। ଏବେ ଲୋକେ ଏହାକୁ ହୃଦୟଙ୍ଗମ କରି ପୁନଶ୍ଚ ଥାଳିରେ ଆଣିବାକୁ ପ୍ରଚେଷ୍ଟା କରାଯାଉଛି। ଆଜିର ସମୟରେ ପୃଷ୍ଠା-୬

## ଅଛୁଆଁ ହେଉଛନ୍ତି କ୍ରୀତଦାସ

- ଦଳ ଛାଡ଼ିଲେ ଉଦଳା ବ୍ଲକ ଅଧ୍ୟକ୍ଷା
- ମୟୂରଭଞ୍ଜରେ ଏଣ୍ଟ୍ରି ପଡ଼ିଲା ମହଙ୍ଗା

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଗତ ସାଧାରଣ ନିର୍ବାଚନରେ ବିଜେଡିର ବିଜେଡି ମାଟି କାମୁଡିବା ପରେ ମଧ୍ୟ ନବୀନ ପଟ୍ଟନାୟକ ସନ୍ୟାସୀ ଓ କ୍ରୀତଦାସଙ୍କ ହାତ ଛାଡିପାରୁନାହାଁନ୍ତି, ଯାହାକୁ ନେଇ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଛି। ନିକଟରେ ପ୍ରଣବ ପ୍ରକାଶ ଦାସ ଓରଫ କ୍ରୀତଦାସଙ୍କୁ ଉଦଳା ସମେତ ୫ ନିର୍ବାଚନମଣ୍ଡଳୀରେ ଦଳର ସାଙ୍ଗଠନିକ ନିର୍ବାଚନ ଦାୟିତ୍ୱ ଦେବା ପରେ ଗ୍ରାଉଣ୍ଡରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। କ୍ରୀତଦାସଙ୍କୁ ଦାୟିତ୍ୱ ଦେବାର ୧୦ ଦିନ ନପୂରୁଣୁ ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ ନିଜର ଶତାଧିକ ସମର୍ଥକ ଓ ବହୁ ନିର୍ବାଚିତ ପ୍ରତିନିଧିଙ୍କ ସହ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। କେବଳ ଉଦଳା ନୁହେଁ, ବବିଙ୍କୁ ଦିଆଯାଇଥିବା ରାଇରଙ୍ଗପୁର, ବଡ଼ସାହି, ଛେଣ୍ଡିପଦା ଓ ବଡ଼ଚଣାରେ ମଧ୍ୟ ତୃଣମୂଳ ସ୍ତରର ଦଳୀୟ କର୍ମୀ ଏବେ ତାଙ୍କୁ ଗ୍ରହଣ କରିବା ମୁଡରେ ନାହାନ୍ତି। ସେମାନେ ସାଙ୍ଗଠନିକ କାର୍ଯ୍ୟରେ କ୍ରୀତଦାସଙ୍କୁ ସହଯୋଗ କରିବା ପରିବର୍ତ୍ତେ ଦଳୀୟ ନେତୃତ୍ୱଙ୍କ ଏଭଳି ଅସହାୟତାକୁ ଦେଖି ବିଜେପିମୁହାଁ ହେଉଥିବା ଚର୍ଚ୍ଚା। ଶ୍ରୀମତୀ ବିଶ୍ୱାଳଙ୍କ ସମେତ ପଞ୍ଚାୟତ ସମିତି ସଦସ୍ୟା ମାଳତି ଟୁଡୁ, ପୂର୍ବତନ ଜିଲ୍ଲା ପରିଷଦ ଉଦଳା ଲକ୍ଷ୍ମୀଧର ମୁର୍ମୁ, ଶତ୍ରୁଘ୍ନ ବିଶ୍ୱାଳ, ଡମ୍ବରୁଧର ବିଶ୍ୱାଳ, ରୋହିଦାଶ ଟୁଡୁ, ଯୋଗେନ୍ଦ୍ର ଖଡିକା, ଶ୍ରୀଧର ଖଉଡେଇ, ଗୋପୀନାଥ ପ୍ରଧାନ, ଶ୍ରୀକାନ୍ତ ନାଏକ, ରାମ ଚରନ ପାନିଆଲ୍, ହରିଶ୍ ଚନ୍ଦ୍ର ନାଏକ, ସୁଶାନ୍ତ କୁମାର ବରଶାଳିଆ, ପ୍ରସନ୍ନ ପାନିଆଲିଆ, ଗୋବିନ୍ଦ ରଣସିଆ, ହରେକୃଷ୍ଣ ବିଶ୍ୱାଳ ଆଜି ବିଜେଡି ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ନବୀନଙ୍କ ସାଙ୍ଗଠନିକ କାର୍ଯ୍ୟରେ ଅନାଗ୍ରହ, ନେତୃତ୍ୱକୁ ଆଉଟସୋର୍ସିଂରେ ଦେବା ଓ ବିଶେଷକରି ପୃଷ୍ଠା-୬





**କାନ ଡେରିଥା**

ସାମ୍ବାଦିକ ଏବେ ଚାହିଁ ବସିଛନ୍ତି
କିଛି ତ ନିଶ୍ଚୟ ହେବ
ସରକାର ଯଦି ଦାବୀ ନ ମାନନ୍ତି
ଆନ୍ଦୋଳନ ରୂପ ନେବ
କିଏ ଯେ କେତେ ସହିବ...
ଏଇ ଥର ଯଦି ଦାବୀ ଦବିଯାଏ
ରାସ୍ତାରେ ନିଆଁ ଜଳିବ!

■ ଦେବାଶିଷ

### ଅଯୋଗ୍ୟଙ୍କ ହାତରେ ବସଷ୍ଟାଣ୍ଡ

## ଖୋଲୁଛି ସରୋଜଙ୍କ ଦୁର୍ନୀତି ପେଡ଼ି



- ଆରଟିଓଙ୍କ ସହ ମିଶି ଖେଳ
- ଛୋଟ କମ୍ପାନୀକୁ ଦେଇଛନ୍ତି ବଡ଼ ଫାଇଦା





ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଜିଲ୍ଲାପାଳ ଥିବା ସମୟରେ ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡ ନିର୍ମାଣ ଓ କାର୍ଯ୍ୟ ଆବଣ୍ଟନରେ ମହାଘୋଟାଲା କରିଛନ୍ତି ବର୍ତ୍ତମାନର ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ। ବେଦାନ୍ତଠାରୁ ଏମ୍‌ସିଏଲ୍ ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀଠାରୁ କୋଟି କୋଟି ଟଙ୍କା ଆଣି ବସଷ୍ଟାଣ୍ଡ ନିର୍ମାଣ କରିଥିବାବେଳେ ଯୋଗ୍ୟତା ନଥିବା ସଂସ୍ଥାକୁ ଏହାର ପରିଚାଳନା ଭାର ଦେଇଛନ୍ତି। ଏହି କାର୍ଯ୍ୟରେ ଜିଲ୍ଲାପାଳ ଭାବେ ସରୋଜ ସମୟରେ ଜିଲ୍ଲାପାଳ ଥିଲେ ସରୋଜ ସାମଲ। ବସଷ୍ଟାଣ୍ଡ ନିର୍ମାଣର ଖର୍ଚ୍ଚ ବଢ଼ିବା ସହିତ ଅନିୟମିତତାରେ ଜଡ଼ିତ ଥିବା ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ସତ୍ୟ ନାରାୟଣ ରାଓ। ଅଭିଯୋଗ ଅନୁଯାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନୀୟ କମ୍ପାନୀମାନଙ୍କଠାରୁ ଏଥିପାଇଁ ଟଙ୍କା ଆଦାୟ ହେଲା। କମ୍ପାନୀମାନେ ବି ବିନା ଦ୍ୱିଧାରେ ଟଙ୍କା ଦେଲେ। ତେବେ ବସ୍‌ଷ୍ଟାଣ୍ଡ ନିର୍ମାଣ ପରେ ଆରମ୍ଭ ହେଲା ଅସଲ ଖେଳ। କେଉଁ ସଂସ୍ଥାକୁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବ, ସେଥିରେ ମୁଣ୍ଡ ପୂରାଇଲେ ଜିଲ୍ଲାପାଳ ପୃଷ୍ଠା-୬

## ପୁଲିସ୍‌କୁ ବଦନାମ କରୁଛନ୍ତି ବିଜେଡି ମାର୍କା ଖାକି ବାବୁ

- ସଚିବାଳୟରୁ ପ୍ରସ୍ତୁତ ହେଉଛି ରଣନୀତି
- ସନ୍ୟାସୀଙ୍କୁ ଦେଉଛନ୍ତି ଗୁପ୍ତ ଖବର

ଭୁବନେଶ୍ୱର,୭।୨ (ସଂଚାର ବ୍ୟୁରୋ): ବିଜେଡି ସରକାର ସମୟରେ ସକ୍ରିୟ ଥିବା ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ ଏବେ ରାଜ୍ୟ ପୁଲିସ୍ ପ୍ରଶାସନକୁ ବଦନାମ କରୁଛନ୍ତି। ସଚିବାଳୟରେ ବସିଥିବା ଏହି ଖାକି ବାବୁ ଜଣଙ୍କ ବିଭିନ୍ନ ପୁଲିସ୍ ଅଧିକାରୀଙ୍କୁ କିଭଳି ବଦନାମ କରିହେବ, ସେଥିରେ ଲାଗି ପଡ଼ିବା ସହିତ କମିଶନରେଟ ପୁଲିସ୍‌ର ଜଣେ ପୂର୍ବତନ କମିଶନର ହାତ ମିଳାଇବା ଯୋଗୁଁ ରାଜଧାନୀରୁ ବିଜେଡି ମାର୍କା ଖାକି ବାବୁମାନେ ସହିତ ବେନାମୀ ପିଟିସନ ପ୍ରସ୍ତୁତ କରି ପକାଉଥିବା ଆଲୋଚନା ହେଉଛି। ଏହି ବରିଷ୍ଠ ଅଧିକାରୀଙ୍କ ବାହାରକୁ ବଦଳି ହୋଇପାରୁନାହାନ୍ତି କି ବାହାରେ ଥିବା ଦକ୍ଷ ଅଫିସରମାନେ ରାଜଧାନୀକୁ ଆସିପାରୁନାହାନ୍ତି।

ସଚିବାଳୟରେ ବସି ଗୋଟି ଚଳାଉଥିବା ଏହି ବରିଷ୍ଠ ଖାକି ବାବୁ ଜଣଙ୍କ ବିଜେଡି ସରକାର ସମୟରେ ଅତ୍ୟନ୍ତ ସକ୍ରିୟ ଥିଲେ। ପ୍ରତି ଘଣ୍ଟାରେ ଥରେ ବିଜେଡିର ମାମଲତକାରମାନଙ୍କୁ ଗୁଇନ୍ଦା ଖବର ପଠାଉଥିଲେ। ଅବସ୍ଥା ଏଭଳି ହୋଇଥିଲା ଯେ ସୁଯୋଗ ନେଇ ସେ ଅନେକଙ୍କ ଟିକଟ କାଟିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯିଏ ଦେଖାକଲା ସିଏ ଭଲ ସାର୍ଟିଫିକେଟ ପାଇ ଦଳୀୟ ଟିକଟ ହାତେଇଲା। ଯିଏ ଦେଖା ନକଲା ତା' ନାଁରେ ଦଳ ବିରୋଧୀ ନଚେତ ଦୁର୍ବଳ ପ୍ରଦର୍ଶନ ଗୁଇନ୍ଦା ଖବର ମାମଲତକାରମାନଙ୍କୁ ଦିଆଗଲା।

ଏବେ ଏହି ଖାକି ବାବୁ ଜଣଙ୍କ ପୁଲିସ୍ ଅଫିସରଙ୍କ ବଦଳି ଫାଇଲକୁ ଖାଲି ତଳ ଉପର କରିବାରେ ଲାଗିଛନ୍ତି। ତାଙ୍କ ସହିତ କମିଶନରେଟ ପୁଲିସ୍‌ର ଜଣେ ପୂର୍ବତନ କମିଶନର ହାତ ମିଳାଇଥିବା ଆଲୋଚନା ହେଉଛି। ଉଭୟ ମିଶି ନିଜ ପୃଷ୍ଠା-୬


SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES IN COMPUTING
Computer Science and Engineering
Computer Science and Information Technology
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2024
14th Best in University Category
26th Best in Engineering Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ମୋଦି ଓ ଟ୍ରମ୍ପଙ୍କ କୁଶପୁତ୍ତଳିକା ଦାହ




**କେନ୍ଦ୍ରାପଡା, ୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ମୋଦି ଓ ଟ୍ରମ୍ପଙ୍କୁ ବିରୋଧ କରି କୁଶପୁତ୍ତଳିକା ଦାହ କରିଛନ୍ତି। କହିଛନ୍ତି କି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ ବୋଲି ଦାବି କରୁଥିବା ବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପ ବେଆଇନ ଅନୁପ୍ରବେଶକାରୀ ବୋଲି କହି ୧୦୪ ଜଣ ଭାରତୀୟଙ୍କୁ ଯେଉଁଭଳି ହାତରେ ହାତକଡି, ଅଣ୍ଟାରେ ଶିକୁଳି ଓ ଗୋଡରେ ବେଡି ପକାଇ ଅତ୍ୟନ୍ତ ଅପମାନଜନକ ଭାବେ ଆଣି ଅମୃତସର ବିମାନ ବନ୍ଦରରେ ଛାଡିଲେ ତାହା କେବଳ ଅମାନବୀୟ ନୁହେଁ ବରଂ ଦେଶ ପାଇଁ ଲଜ୍ଜାଜନକ। ମୋଦିଙ୍କ ଗୋଟିଏ ଫୋନକଲରେ ୟୁକ୍ରେନ ଓ ଋଷ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇପାରୁଥିବା ବେଳେ ନିଜ ଦେଶର ନାଗରିକଙ୍କୁ ଆମେରିକା ସରକାରର ଏଭଳି ନିଷ୍ଠୁର ଓ ନିର୍ଲଜ ଆଚରଣ ବିରୁଦ୍ଧରେ ମୋଦି ସରକାର କେବଳ ଚୁପ୍ ରହିନାହାନ୍ତି ବରଂ ଓଲଟି ଆମେରିକାର ଓକିଲାତି କରିଛନ୍ତି । ଗତକାଲି ସଂସଦରେ ଏହି ପ୍ରସଙ୍ଗ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର ଯେଉଁଭଳି ସ୍ପଷ୍ଟୀକରଣ ଦେଲେ ସେଥିରୁ ବିଜେପି ଓ ଆରଏସଏସର ଆମେରିକା ନିକଟରେ ଆତ୍ମସମର୍ପଣ ବୋଲି ଅବିହିତ କରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆଜି କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡରେ ପ୍ରତିବାଦ ସଭା କରାଯାଇ ଆମେରିକାର ରାଷ୍ଟ୍ରପତି ଡୋନାଲଡ଼ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ।

**ମାର୍ଶାଘାଇ ବ୍ଲକର ଅଙ୍ଗନୱାଡିକେନ୍ଦ୍ର ଗୁଡିକରେ ଦୁର୍ନୀତି !**

# ବିନା ଭାଉଚରରେ ସାମଗ୍ରୀ କିଣୁଥିବା ଅଭିଯୋଗ

**କେନ୍ଦ୍ରାପଡ଼ା, ୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇ.ସି.ଡି.ଏସ.) କାର୍ଯ୍ୟାଳୟ ଅଧିନରେ ଥିବା ଅଙ୍ଗନୱାଡିକେନ୍ଦ୍ର ଗୁଡିକ କିଣୁଥିବା ସାମଗ୍ରୀର କୌଣସି ଭାଉଚର ରଖିନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାଣିକପୁର ଗ୍ରାମର ଶ୍ରୀଚରଣ ମାହାଲିଙ୍କ ପୁଅ ସୂଚନା ଅଧିକାର ଅଭିଯାନ କର୍ମୀ ରମାକାନ୍ତ ମାହାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେ ସୂଚନା ଅଧିକାର ଆଇନରେ ମାର୍ଶାଘାଇ ଆଇ.ସି.ଡି.ଏସ.କୁ କେତେକ ତଥ୍ୟ ମାଗିଥିଲେ । ମାର୍ଶାଘାଇ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇ.ସି.ଡି.ଏସ.) କାର୍ଯ୍ୟାଳୟ ସୂଚନା ଅଧିକାର ଆଇନରେ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ ସେହି କାର୍ଯ୍ୟାଳୟ ଅଧିନରେ ୧୮୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ଏହି ୧୮୦ଟି ଅଙ୍ଗନୱାଡି କେନ୍ଦ୍ର ପାଖରେ ସେମାନେ କିଣୁଥିବା ଛତୁଆ, ଅଣ୍ଡା, ଲଡୁ, ମୁଆଁ, ସୁଇଟର, ପିଲାଙ୍କ ପୋଷାକ, ଜୋତା ଓ ମୋଜା ପ୍ରଭୃତିର କୌଣସି ଜିଏସଟି ଭାଉଚର ନଥିବା ସେମାନେ ସୂଚନା ଅଧିକାର ଆଇନରେ ପ୍ରଦାନ କରିଥିବା ତଥ୍ୟ କହୁଛି । ସାରା ମାର୍ଶାଘାଇ ବ୍ଲକର ୧୮୦ଟି ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ପ୍ରତିବର୍ଷ ସରକାରୀ ଅନୁଦାନରେ କିଣା ଯାଉଥିବା କୋଟି କୋଟି ଟଙ୍କାର ସାମଗ୍ରୀ କିଭଳି ବିନା ଜିଏସଟି ଭାଉଚରରେ କିଣା ଯାଉଛି । ତେଣୁ ଏଥିରୁ ଅନୁମେୟ ଯେ କିଭଳି ବେଆଇନ ଭାବେ ସରକାରୀ ଅର୍ଥକୁ ହରିଲୁଟ କରାଯାଉଛି ବୋଲି ସୂଚନା ଅଧିକାର ଅଭିଯାନର କର୍ମୀ ଶ୍ରୀ ମାହାଲି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତେଣୁ ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଇ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶ୍ରୀ ମାହାଲି ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

# ଚତୁର୍ଥଶ୍ରେଣୀ କର୍ମଚାରୀ ସଙ୍ଘର ଦାବି

**ରାଜନଗର, ୭।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଘଡିଆମାଳ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜନଗର ବ୍ଲକ ଗ୍ରାମ ପଂଚାୟତ ପିଅନ ସଙ୍ଘର ୨୮ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଙ୍ଘର ସଭାପତି ବିଷ୍ଣୁ ଚରଣ ବରାଳ ଙ୍କ ପୌରାହିତ୍ୟ ରେ ବ୍ଲକ ର ୨୯ ପଞ୍ଚାୟତ ର ସମସ୍ତ ଚତୁର୍ଥଶ୍ରେଣୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ବୈଠକରେ କର୍ମଚାରୀଙ୍କ ୧୦ଟି ପ୍ରମୁଖ ଦାବି ଉପରେ ଆଲୋଚନା ହୋଇଥିଲା। ଦାବି ଗୁଡିକ ହେଲା



ପଞ୍ଚାୟତ ରେ ପିଅନ ପଦ ସୃଷ୍ଟି କରିବା, ପଞ୍ଚାୟତରାଜ ବିଧିବ୍ୟବସ୍ଥା ରେ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା, ୨୦୧୪ମସିହା ନିୟମ ୧୨୫ ଓ ୧୯୬୪ମସିହା ୧୨୩ ଆଇନ କୁ ତୁରନ୍ତ ସଂଶୋଧନ, ରାଜ୍ୟ ବଜେଟ ରେ ଏହି କର୍ମଚାରୀ ମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ଶିକ୍ଷାଗତ ଯୋଗ୍ୟତା ଅନୁଯାଇ ପଦୋନ୍ନତି, ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରୀ ୪୫୦ଟଙ୍କାରୁ କମ ହୋଇନଥିବା, ଚାକିରୀ କ୍ଷେତ୍ରରେ ସୁରକ୍ଷା ପ୍ରଦାନ ପ୍ରଭୃତି ଦାବି ଗୁଡିକ ସମ୍ପର୍କ ରେ ଆଲୋଚନା କରାଯାଇଥିଲା। ସରକାର ଏମାନଙ୍କ ଦାବି ପୂରଣ ନ କଲେ ଆଗାମୀ ଦିନରେ ସଂଘ ପକ୍ଷରୁ ଜନ ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ ବଳରାମ ରାଉତ, ଅର୍ଜୁନ ଚରଣ ବେହେରା, କମଳାକାନ୍ତ ରାଉଳ, ଦେବଦୁଲାଳ ଜେନା, ପରମେଶ୍ୱର ଜେନା, ପ୍ରତାପ ଖଣ୍ଡୁଆଳ, ଯଯାତି ମହାରଥୀ, ପଞ୍ଚାନନ ବାରିକ, ବାସୁଦେବ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜାତୀୟ ରାଜପଥ ପ୍ରଶସ୍ତିକରଣ ହୋଇଛି ଜିଲ୍ଲାବାସୀଙ୍କ ଦୁଃଖ

**କେନ୍ଦ୍ରାପଡ଼ା, ୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଛାତି ଉପରେ ଯାଇଥିବା ଚଣ୍ଡିଖୋଲ-ପାରାଦ୍ୱିପ ୫୩ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏଥିରେ ଜିଲ୍ଲାପାଳ ଖୁସି, ସରକାର ଖୁସି, ଠିକାଦାର ଖୁସି ଓ ରାସ୍ତା ନିର୍ମାଣକାରୀ ସଂସ୍ଥାର ଲାଭ ୧୦୦ ଗୁଣ ବୃଦ୍ଧି ପାଇଛି । ପୂର୍ବ ଭାରତର ସୂର୍ଯ୍ୟୋଦୟ ଦେଖାଉଥିବା ସରକାର ପୂର୍ବ ଓଡିଶାର କେନ୍ଦ୍ରାପଡାକୁ ଅନ୍ଧାର ଭିତରେ ବୁଡେଇ ସାରିଲେଣି।

୫ ବର୍ଷ ତଳେ ପୂର୍ବ ଓଡିଶାର ଉଚ୍ଚତା ରେଳପଥ କରି ହାରାହାରୀ ୧୦୦୦ ହେକ୍ଟର ଚାଷ ଜମିରୁ ମାଟି ଲୁଟି ନେଇଥିବା ବେଳେ ଏକ ୮ ଧାଡିଆ ଜାତୀୟ ରାଜପଥ ନିର୍ମାଣ କରି ପ୍ରାୟ ୫୦ ହଜାର ହେକ୍ଟର ଚାଷ ଜମିରୁ ମାଟି ନେଇ ଖାଲ କରିବାକୁ ମସୁଧା କରିବାରୁ ଗତବର୍ଷ ମାର୍ଚ୍ଚ ୧୭ ତାରିଖରେ ମା-ବା-ପା ସୁରକ୍ଷା ମଂଚ ଅଭିଯୋଗ କରିବା ସହିତ ତତକାଳୀନ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା। ତଦ୍ୱାରା ଏପ୍ରିଲ ପରଠାରୁ କେନ୍ଦ୍ରାପଡାରୁ ମାଟି ଉଠାଣ ବନ୍ଦ ହୋଇଥିଲା। ଡିସେମ୍ବର ପର୍ଯ୍ୟନ୍ତ ପାଉଁଶ ଓ ଜିପସମ ଓ ପଥର ମୋରମ ରାସ୍ତା ହେଉଥିଲା । ଗତ ବର୍ଷ ସାରା ଜାତୀୟ ରାଜପଥକୁ ଅତିକ୍ରମ କରିଥିବା ପାଟନାଳୀ

**ଗ୍ରାମବାସୀଙ୍କୁ ଠିକା ସଂସ୍ଥାର ଧମକ**

ଓ କେନାଲ ମୁହଁକୁ ମନଇଚ୍ଛା ବନ୍ଦ କରି ରଖିବାରୁ ଗତ ବର୍ଷ ଡେରାବିଶ, କେନ୍ଦ୍ରାପଡା, ଗରଦପୁର, ମାର୍ଶାଘାଇ ଓ ମହାକାଳପଡା ବ୍ଲକର ବହୁ ଚାଷ ଜମିରୁ ଧାନ ଅମଳ ୭୦ ଭାଗ କମିଯାଇଛି । ଜଳ ସେଚନ ଓ ଜଳ ନିଷ୍କାସନର ଜାତୀୟ ରାଜପଥ ବାଧକ ସାଜିଛି। ଜିଲ୍ଲାରେ ଥିବା ଜଳସେଚନ ବିଭାଗର ଅଧିକାରୀ ମାନଙ୍କୁ ଭୟଭୀତ କରି ରଖିଛି ଠିକାସଂସ୍ଥା । ନଚେତ୍ ସେମାନଙ୍କ ସହ ସମଝୋତା କରି ଚାଷୀ ମାରଣ ବ୍ୟବସ୍ଥା କରିଛି ପ୍ରଶାସନ । ଏଣୁ ବେଳହୁଁ ସାବଧାନ ହୋଇ ସମସ୍ତ ଜଳ ସେଚନ ଓ ନିଷ୍କାସନ ପଥକୁ ପରିଷ୍କାର, ସୁଗମ କରିବା ସହ ଗତ ବର୍ଷର କ୍ଷତି ପୂରଣ କରିବାକୁ ଦାବୀ କରିଛି ସୁରକ୍ଷା ମଞ୍ଚ ।

ଠିକ ସେହିପରି ଜାତୀୟ ରାଜପଥକୁ ସଂଯୁକ୍ତ କରୁଥିବା ସମସ୍ତ ରାସ୍ତାକୁ ମନଇଚ୍ଛା ରାସ୍ତା ନିର୍ମାଣ କରି ପୂର୍ବ ବ୍ୟବସ୍ଥାକୁ ନଷ୍ଟ କରି ମନଇଚ୍ଛା ଅଣ୍ଡର ପାସ୍ ନିର୍ମାଣ କରିବା ଫଳରେ ରାସ୍ତାର ଉଭୟ ପଟରେ ବସବାସ କରୁଥିବା ଜନତା ଓ ଚାଷୀ ଭାଇମାନେ ଦୀର୍ଘ ପଥ ଅତିକ୍ରମ କରି ଚାଷ ଜମିକୁ ଯିବାକୁ ସଂସ୍ଥା ବାଧ୍ୟ କରିବା ସହ ଅନେକ ସ୍ଥାନରେ ଗତାଗତ ରାସ୍ତାକୁ ବନ୍ଦ କରିସାରିଲାଣି । ଶୁକ୍ରବାର ସେଥିପାଇଁ ମାର୍ଶାଘାଇର ଟୁବିହୁଡା ନିକଟରେ ଗ୍ରାମବାସୀଙ୍କୁ ଠିକା ସଂସ୍ଥା ଧମକ ଦେଇଥିବା ନେଇ ଥାନାରେ ଏତଲା ହୋଇଛି । ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ ଓ ବ୍ଲକ ରାସ୍ତାର ଅଧିକାରୀ ମାନେ ଭୟରେ ନିରବଦ୍ରଷ୍ଟା ସାଜିଛନ୍ତି ।

ଏତଦ୍ ବ୍ୟତୀତ ଏହି କମ୍ପାନୀରେ ଠିକାସଂସ୍ଥା କର୍ମଚାରୀମାନେ ଏହି ବୈଠକରେ ମିଛ ପ୍ରତିଶ୍ରୁତି ଦେଇ ପରେ ଜିଲ୍ଲା ଅଧିକାରୀ ଓ ଜିଲ୍ଲାରେ ବସବାସ କରୁଥିବା ଓ ରାସ୍ତା ବ୍ୟବହାରକାରୀଙ୍କୁ ଅନୁପ୍ରବେଶକାରୀଙ୍କ ଠାରୁ ଆହୁରି ହୀନ ବ୍ୟବହାର କରୁଛନ୍ତି । ଯଦି ଜାତୀୟ ରାପଜଥ ନିର୍ମାଣକାରୀଙ୍କୁ ଏତେ ସୁରକ୍ଷା ଦିଆଯିବ ତେବେ କେନ୍ଦ୍ରାପଡା ସାଧାରଣ ଲୋକ କଣ କରିବେ ବୋଲି ମା-ବା-ପା ସୁରକ୍ଷା ମଞ୍ଚ ଅଭିଯୋଗ କରିଛି ।

# ମହାକାଳପଡ଼ାରେ ମାତିଲେଣି ଚୋରା ମଦ ବ୍ୟବସାୟୀ

**ମହାକାଳପଡ଼ା, ୭।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ାରେ ଚୋରାମଦ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି। ମୋଟା ଅଙ୍କର ମୁନାଫା ପାଇଁ ଅସାଧୁ ବ୍ୟକ୍ତିମାନେ ଗାଁ ଗାଁରେ ଚୋରା ମଦ ବ୍ୟବସାୟ



ଚଳାଇଛନ୍ତି। ସରକାରୀ ମଦ କାଉଣ୍ଟରରୁ ଅଖାରେ ବାନ୍ଧି ବାଇକ୍ ଯୋଗେ କିଛି ଅସାଧୁ ବ୍ୟକ୍ତି ଦିନ ଦ୍ୱିପ୍ରହରରେ ପୋଲିସ ଆଖିରେ ଧୂଳି ଦେଇ ଚୋରା ମଦ ବ୍ୟବସାୟୀଙ୍କ ପାଖରେ ମଦ ପହଞ୍ଚାଉଛନ୍ତି। ଅବକାରୀ ବିଭାଗ ଏଥିପାଇଁ ନିରବଦ୍ରଷ୍ଟା ସାଜିଛି। ଯାହାର ଫାଇଦା ଉଠାଉଛନ୍ତି ଚୋରା ମଦ ବେପାରୀ।

ଗାଁରେ ଏବେ ଦିନକୁ ଦିନ ଚୋରା ମଦ ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାର ଲାଗିଛି। ସହଜ ଓ ସୁବିଧାରେ ଘର ପାଖରେ ମଦ ପହଞ୍ଚି ଯାଉଛି ବୋଲି ବେପାର କରିବା ପାଇଁ ସୁବିଧା ହେଉଛି। ଅର୍ଡର ଦେଲେ ବାଇକ୍ ଯୋଗେ ସରକାରୀ ମଦ କାଉଣ୍ଟରରୁ ଭିନ୍ନ ଭିନ୍ନ

**ଦିନ ଦ୍ୱିପ୍ରହରରେ ବେଧଡକ୍ ଚାଲିଛି ମଦ ଚାଲାଣ**

**ବାଇକ୍‌ରେ ବୋହୁଛନ୍ତି ପେଟି ପେଟି ମଦ**

**ନାହିଁରେ ତେଲ ଦେଇ ଶୋଇଛି ଅବକାରୀ ବିଭାଗ**

କମ୍ପାନୀର ଦେଶୀ ବିଦେଶୀ ମଦ ପହଞ୍ଚୁଛି। କେତେକ ଅସାଧୁ ବ୍ୟକ୍ତି ମାନେ ବାଇକ୍‌ରେ ଲଦି ଦିନ ଦ୍ୱିପ୍ରହରରେ ମଦ ଚୋରା ଚାଲାଣ କରୁଛନ୍ତି। ମହାକାଳପଡ଼ା ସରକାରୀ ମଦ କାଉଣ୍ଟରରୁ ଜାଲକଣା ମୁଖ୍ୟ ରାସ୍ତା ଦେଇ ମଦ ଚୋରାଚାଲାଣ ହେଉଛି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏବିଷୟରେ ଜାଣି ପାରୁନାହାଁନ୍ତି କି ସବୁ ଜାଣି ନିରବ ରହୁଛନ୍ତି ତାହା ସନ୍ଦେହ ବଢ଼ାଇଛି। ଆଜି ଅପରାହ୍ନ ସମୟରେ ଓଡି୦୨ଏଏକ୍ସ୬୪୦୬ ନମ୍ବର ବିଶିଷ୍ଟ ଏକ ବାଇକ୍ ରେ ଚୋରା ମଦ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। କାହା ଛତ୍ରଛାୟାରେ ରହି ଏମିତି ବ୍ୟବସାୟ ରେ ଲିପ୍ତ ଅଛନ୍ତି ଅସାଧୁ ମଦ ବ୍ୟବସାୟୀ। ପୋଲିସ ଗୁଇନ୍ଦା ଓ ଅବକାରୀ ବିଭାଗ କରୁଛନ୍ତି କ'ଣ ? କାହିଁକି ଚୋର ମଦ ବ୍ୟବସାୟ ଉପରେ ହେଉନି ଚଢ଼ାଉ ? ଦିନ ଦ୍ୱିପ୍ରହରରେ ମଦ ବ୍ୟବସାୟ ହେଉଛି ଅର୍ଥାତ ଅବକାରୀ ବିଭାଗ ଜାଣି ପାରୁନି। ତେବେ ରାତିରେ ପୋଲିସ ଓ ଅବକାରୀ ବିଭାଗ କେତେ ସଜାଗ ଥିବ ତାହା ଆପଣ ବେଶ୍ ଅନୁମାନ କରିପାରୁଥିବେ।

ଚୋରା ମଦ ବ୍ୟବସାୟ ସମ୍ପର୍କରେ ସଂଚାରରେ ଘନ ଘନ ଖବର ପ୍ରସାରଣ ପରେ ମହାକାଳପଡ଼ା ଥାନା ଅଧିକାରୀ ବିଭିନ୍ନ ସମୟରେ ଚଢ଼ାଉ କରି କେତେଜଣ ବ୍ୟକ୍ତିଙ୍କୁ ଗିରଫ କରିବା ସହିତ ମଦ ଜବତ କରି କୋର୍ଟ ଚାଲାଣ କରାଇଥିଲେ। ହେଲେ ସେମାନେ ପୁଣି ଜାମିନ ରେ ଆସି ଏହି କାରବାରରେ ଲିପ୍ତ ରହୁଛନ୍ତି। ଅବକାରୀ ବିଭାଗର ଢିଲାପଣ ପାଇଁ ଏବେ ଏହି ଅସାଧୁ ବ୍ୟକ୍ତି ମାନେ ଚୋରା ମଦ ବ୍ୟବସାୟ ଚଳାଇଛନ୍ତି। ସହଜ ଓ ସୁବିଧାରେ ଘର ପାଖରେ ମଦ ପହଞ୍ଚି ଯାଉଥିବାରୁ ମଦୁଆ ଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ନାନା ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ଏଥିପାଇଁ କଡ଼ା ନଜର ରଖି ଅସାଧୁ ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏମିତି କାରବାର ହ୍ରାସ ପାଆନ୍ତା ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।



# ବଳଦେବଜୀଉ ମନ୍ଦିରରେ ହରିହାଟ ମହୋତ୍ସବ

**କେନ୍ଦ୍ରାପଡା, ୭।୨ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଶୁକ୍ରବାର ସନ୍ଧ୍ୟାରେ ବହୁ ଆଡମ୍ବର ସହକାରେ ହରିହାଟ ମହୋତ୍ସବ ପାଳନ କରାଯାଇଛି। ସନ୍ଧ୍ୟା ଆଳତି ପରେ ମହାପ୍ରଭୁ ବିଜେ ପ୍ରତିମା ଗୋବିନ୍ଦ ଜୀଉ ସାମିଲ ହୋଇଥିଲେ। ପରେ ଭାଗବତ ପୁରାଣ ପାଠ ବ୍ରାହ୍ମଣଙ୍କ ଦ୍ୱାରା କରାଯାଇଥିଲା । ଏହା ପରେ ଭକ୍ତଙ୍କ ଦ୍ୱାରା ବ୍ରାହ୍ମଣଙ୍କୁ ବସ୍ତ୍ର ଦକ୍ଷିଣା ପ୍ରଦାନ ଓ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ପ୍ରତି ବର୍ଷ ମାଘମାସ ଶୁକ୍ଳ ଦଶମୀ ତିଥିରେ ଅନୁଷ୍ଠିତ ହୁଏ। ଏଥିରେ ଅଗଣିତ ଭକ୍ତ ସେବାୟତ ସାମିଲ ହୋଇ ପ୍ରଭୁ କୃପା ଲାଭ କରିଥାନ୍ତି ।

# ମାର୍ଶାଘାଇ ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ



**ମାର୍ଶାଘାଇ, ୭।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ ଶୁକ୍ରବାର ପଞ୍ଚାୟତ ସମିତି ରାଜୀବଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ନିୟମିତ ଭାବରେ ଅଧିବେଶନ କରାନଯାଇ ଦୀର୍ଘ ଛଅ ମାସ ପରେ ଅଧିବେଶନ କରାଯାଉଥିବାରୁ ଉପସ୍ଥିତ ସଦସ୍ୟ ସଦସ୍ୟାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଉନ୍ନୟନ ମୂଳକ କାର୍ଯ୍ୟର ବିଲ ପେମେଣ୍ଟ ନେଇ ବିଳମ୍ବ କରାଯାଉଥିବାରୁ ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, କରିଲୋ ପାଟଣା ସରପଞ୍ଚ ନମିତାବାଳା ରଥ ଅସନ୍ତୋଷ ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ପ୍ରତାପ ମଲିକ, ଦୁର୍ଗାବତୀ ପ୍ରଧାନ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିପିଇଓ ସୋନାଲି ବେଉରା ପ୍ରମୁଖ ମଞ୍ଚାସୀନ ଥିଲେ । ମାର୍ଶାଘାଇ ସରପଞ୍ଚ ଭାଗବତ ବେଉରା, ଯମପଡ଼ା ସରପଞ୍ଚ ମନୋଜକାନ୍ତ ପରିଡା, ହିନ୍ଦୁଳିଆ ସରପଞ୍ଚ ମନୋଜ ସ୍ୱାଇଁ, ବ୍ଲକ ଶିକ୍ଷଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ,ଜଳସମ୍ପଦ ବିଭାଗ ପକ୍ଷରୁ ମାର୍ଶାଘାଇ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଉପସ୍ଥିତ ଥିଲେ।

**ଶିକ୍ଷୟିତ୍ରୀଙ୍କୁ ହତ୍ୟା ଘଟଣା**

# ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ହେବ ତଦନ୍ତ: ଆଇଆଇସି

**କେନ୍ଦ୍ରାପଡା, ୭।୨ (ସଂଚାର ବ୍ୟୁରୋ):** ଖାଦ୍ୟରେ ବିଷ ଦେଇ ଜଣେ ବେସରକାରୀ କମ ବେତନଭୋଗୀ ଶିକ୍ଷୟତ୍ରୀଙ୍କୁ ହତ୍ୟା ପରେ ଘଟଣାକୁ ୪ ଦିନ ବିତିଥିଲେ ମଧ୍ୟ ପୋଲିସ ଚୁପ ବସିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ବଦଳରେ ୧୦ ହଜାର ଟଙ୍କା ଲାଞ୍ଚ ମଗାଯାଉଛି। ୧୦ ହଜାର ଦେଲେ ଯୌତୁକ ବାବଦ ଦିଆଯାଇଥିବା ଅର୍ଥ, ଅଳଙ୍କାର ଓ ବିଭିନ୍ନ ଆସବାବପତ୍ର ଅଭିଯୁକ୍ତଙ୍କ ଘରୁ ଜବତ କରାଯିବ । ନହେଲେ ଆମେ କିଛି କରିବୁ ନାହିଁ ବୋଲି ରୋକଠୋକ ମନାକରାଯାଇଛି ବୋଲି ଅଭିଯୋଗ ହୋଇଛି।



**ଅଭିଯୁକ୍ତଙ୍କୁ ବାନ୍ଧିବା ବଦଳରେ ଲାଞ୍ଚ ମାଗୁଛି ପୁଲିସ**

**ସମାଧାନ କରିବାକୁ ଶଶୁରଙ୍କ ଚାପ**

ହତ୍ୟା ଘଟଣାରେ ନ୍ୟାୟ ଦେବା ବଦଳରେ ଟଙ୍କା ଏହା କେଉଁଭଳି ମାନସିକତା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଯଦି ଏହିଭଳି ଗରିବ ନିଷ୍ପେସିତଙ୍କୁ ଶୋଷଣ କରିବାକୁ ପୋଲିସ ପଛଘୁଂଚା ଦେଉନି ତେବେ କୁଦାନଗରୀ ଥାନା କାହାକୁ କେମିତି ନ୍ୟାୟ ଦେଉଥିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଅଭିଯୁକ୍ତମାନଙ୍କଠାରୁ ଟଙ୍କା ନେଇ କେଉଁ ପର୍ଯ୍ୟନ୍ତ ସୁରକ୍ଷା ପୋଲିସ ଦେବ ତାହା ଦେଖିବାକୁ ବାକି ରହିଲା । ଅନ୍ୟପଟେ ଶଶୁର ଘର ତରଫରୁ ମାମଲାର ସମାଧାନ ପାଇଁ ଚାପ ପକାଯାଉଥିବା ନେଇ ଅଭିଯୋଗ ହୋଇଛି ।

ପ୍ରକାଶଯୋଗ୍ୟ, ମାର୍ଶାଘାଇ ଥାନା ଅଧିନ କରିଲୋପାଟଣାର ତଳଗାଁରେ ଗରଦପୁର ବ୍ଲକ ମାହାଳ ଅଞ୍ଚଳର ୩୧ ବର୍ଷୀୟ ଶିକ୍ଷୟିତ୍ରୀ ସୁଭାଷିନୀ ନାୟକଙ୍କୁ ଖାଦ୍ୟରେ ବିଷ ଦିଆଯାଇଥିବା ନେଇ ଗତ ୫ ତାରିଖରେ କୁଦାନଗରୀ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା । ସୁଭାଷିନୀଙ୍କ ମୃତ୍ୟୁ ପରେ ଶାଶୁ ଘର ଲୋକଙ୍କ ନିକଟରେ ପାରିପାର୍ଶିକ ଚିତ୍ର ଏବଂ ପରିବାର ଲୋକଙ୍କ ଭିନ୍ନ ଭିନ୍ନ ବୟାନ ତାଳ ମେଳ ଖାଉନଥିବା ସୁଭାଷିନୀ ଙ୍କ ବାପା ଓ ଭାଇ ଗଣମାଧ୍ୟମ କୁ ସୂଚନା ଦେଇଥିଲେ । କିନ୍ତୁ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଘଟଣାର ସତ୍ୟାସତ୍ୟ ପଦାକୁ ଆଣିପାରିଥାନ୍ତା ହେଲେ ଏପର୍ଯ୍ୟନ୍ତ ତାହା ହେଉନଥିବା ଅଭିଯୋଗ ହୋଇଛି। କିନ୍ତୁ ଏହି ଘଟଣା ସମ୍ପର୍କରେ ପଚାରିବାରୁ କୁଦାନଗରୀ ଥାନା ଅଧିକାରିଣୀ କହିଛନ୍ତି ମୃତ ମହିଳା ଙ୍କ ପୋଷ୍ଟମଟମ୍ ରିପୋର୍ଟ ଆସିଲେ ତଦନ୍ତ କରାଯିବ । ବର୍ତ୍ତମାନ କିଛି କରିହେବ ନାହିଁ। ଯାହାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ଉଠିଛି ।

# ରାଜ୍ୟସ୍ତରୀୟ ଇଜତମାରେ ପ୍ରଥମ ଦିନରେ ହଜାର ହଜାର ଭକ୍ତଙ୍କ ସମାଗମ

**କେନ୍ଦ୍ରାପଡ଼ା, ୭।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଚଉଦକୁଲାଟ ଠାରେ ମୁସଲିମ ସଂପ୍ରଦାୟ ପକ୍ଷରୁ ଆୟୋଜନ କରାଯାଇଥିବା ରାଜ୍ୟ ସ୍ତରୀୟ ଇଜତମାର ପ୍ରଥମ ଦିନରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ଶୁକ୍ରବାର ଥିବାରୁ କେନ୍ଦ୍ରାପଡା ସହର, ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡା, ଯାଜପୁର, ବିଂଝାରପୁର, ଚାରିନଙ୍ଗଳ, କୁଜଙ୍ଗ, ପାରାଦ୍ୱୀପ ପ୍ରଭୃତି ଅଂଚଳ ସହିତ ଓଡିଶାର ବିଭିନ୍ନ ଜିଲ୍ଲାରୁ ଭକ୍ତମାନେ ଇଜତମା



ରେ ପହଁଚି ନମାଜ ପ୍ରାର୍ଥନା କରିଛନ୍ତି । ଭକ୍ତମାନଙ୍କ ପାଇଁ ପାର୍କିଂ ଜାଗା ଠାରୁ ଆରମ୍ଭ କରି ରହଣୀ, ଖାଇବା ପିଇବା, ପାନୀୟ ଜଳ, ବିଦ୍ୟୁତ୍, ଯାତାୟତ ରାସ୍ତା ଗାଡି ରହଣି ସ୍ଥାନ ବେସ୍ ସୁନ୍ଦର ଭାବରେ ଆୟୋଜନ କରାଯାଇଛି। ଭକ୍ତ ମାନଙ୍କ ପାଇଁ ଗଗୁଆ ଛକରୁ ଇଜତମା କମିଟିର ସଦସ୍ୟ ମାନେ ଯାତାୟତ ବ୍ୟବସ୍ଥାକୁ ସରଳ କରିଛନ୍ତି । ଆସନ୍ତା ୨ ଦିନ ମଧ୍ୟରେ ଆହୁରି ଭକ୍ତ ସମାଗମ ହେବ ବୋଲି ଆଶା ରଖାଯଇଛି। ତେବେ ଭକ୍ତ ମାନଙ୍କର କୌଣସି ଅସୁବିଧା ନହୁଏ ସେଥିପ୍ରତି ଇଜତମା କମିଟି, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଧାୟକ ଓ ସ୍ଥାନୀୟ ଅଂଚଳର ସରପଂଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ସମସ୍ତ ପ୍ରକାର ସହଯୋଗ କରିଥିବା ଜଣାପଡିଛି ।

**ଭିକ୍ଷାବୃତ୍ତିଠାରୁ ଆତ୍ମନିଯୁକ୍ତି ବଡ଼**

# ରୋଜଗାରର ମାଧ୍ୟମ ଦେଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

**କେନ୍ଦ୍ରାପଡ଼ା, ୭।୨ (ସଂଚାର ବ୍ୟୁରୋ):** ଭିକ୍ଷା ବୃତ୍ତି ଠାରୁ ଆତ୍ମନିଯୁକ୍ତି ବଡ଼, ମାଗି ଯାଚି ଚଳିବା ଅପେକ୍ଷା ନିଜେ ରୋଜଗାର କରି ପରିବାର ପ୍ରତି ପୋଷଣ କରିବା ସବୁଠୁ ବୁଦ୍ଧିମାନର କାର୍ଯ୍ୟ । ପୂର୍ବରୁ ଭିକ୍ଷା ବୃତ୍ତି କରି କଷ୍ଟରେ ଚଳୁଥିବା ଜଣେ ବ୍ୟକ୍ତି ଆଜି ଗୋଟେ ଛୋଟ ଦୋକାନ କରିବାକୁ ପାଇଛନ୍ତି । କେନ୍ଦ୍ରାପଡା ବ୍ଲକ ପଳସୀଙ୍ଗା ପଂଚାୟତ ଅନ୍ତର୍ଗତ ଗରଜଙ୍ଗା ଗ୍ରାମ ରେ ରୁହନ୍ତି ଦିବ୍ୟାଙ୍ଗ ପ୍ରହଲ୍ଲାଦ ଜେନା। ସେ ଜନ୍ମରୁ ଦିବ୍ୟାଙ୍ଗ ଅଟନ୍ତି। ତାଙ୍କର ପରିବାର କହିଲେ ତାଙ୍କ ସ୍ତ୍ରୀ ଓ ଛୋଟ ଛୋଟ ଦୁଇଟି ପିଲା। ପରିବାର ବଢିବା ପରେ ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରହଲ୍ଲାଦ ଦୂର ସ୍ଥାନ କୁ ଯାଇ ଭିକ୍ଷା ବୃତ୍ତି କରିଥାନ୍ତି। ସେ ନିଜର ତିନିଚକିଆ ସାଇକେଲ ରେ ସୁଦୂର ୨୫ କିଲୋମିଟର ଦୂର କେନ୍ଦ୍ରାପଡ଼ା ସହରରେ ଭିକ୍ଷା ବୃତ୍ତି କରନ୍ତି। ଏଥିରେ ଯାହା ରୋଜଗାର ହୁଏ କଷ୍ଟେମଷ୍ଟେ ଚଳିଯାନ୍ତି। ଥରେ ସେ ଖବର କାଗଜରୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ବିଷୟ ରେ ଜାଣିବାକୁ ପାଇଥିଲେ। ସହାୟତା ନିମନ୍ତେ ସଭାପତି ଦମନ ମହାନ୍ତିଙ୍କୁ ସପରିବାର ଭେଟିଥିଲେ। ଟ୍ରଷ୍ଟ ପକ୍ଷରୁ ଏହି ପରିବାରର ପ୍ରାଥମିକ ତଦନ୍ତ କରାଯାଇଥିଲା।



ଏହାପରେ ଦିବ୍ୟାଙ୍ଗ ପ୍ରହଲ୍ଲାଦଙ୍କ ମନ ଅନୁଯାୟୀ ଏକ ଗ୍ରସୋରି ଦୋକାନ କରି ଦିଆଯାଇଥିଲା। ଏହି ଦୋକାନରେ ବିଭିନ୍ନ ପ୍ରକାରର ରାସନ ସାମଗ୍ରୀ ଥିଲା। ସନ୍ଧ୍ୟା ସମୟରେ ବାଦାମ ବ୍ୟାପାର କରାଇବା ପାଇଁ କଞ୍ଚା ବାଦାମ ଓ ବିଟ ଲୁଣ ପ୍ରଦାନ କରାଯାଇଛି। ଏହି ଦୋକାନର ନାମ ଦିଆଯାଇଛି ଜଗନ୍ନାଥ ଭେରାଇଟି ଷ୍ଟୋର । ଜଣେ ଭିନ୍ନକ୍ଷମ ସମାଜ ପାଇଁ ବୋଝ ନୁହେଁ, ସେ ମଧ୍ୟ ସକ୍ଷମ। ସ୍ଥାୟୀ ସମାଧାନ ଯୋଜନାରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ବାର୍ତ୍ତା ବୋଲି ଟ୍ରଷ୍ଟର ସଭାପତି ଶ୍ରୀ ମହାନ୍ତି ମତ ଦେଇଛନ୍ତି। ଦିବ୍ୟାଙ୍ଗ ପ୍ରହଲ୍ଲାଦଙ୍କୁ ଏହି ଦୋକାନ ହସ୍ତାନ୍ତର କରିବା ପରେ ତାଙ୍କ ଖୁସୀ କହିଲେ ନ ସରେ। ସେ ହସି ହସି କହିଦେଲେ ମତେ ଆଉ କାହା ଦୁଆର ଦୁଆର ବୁଲି ବାକୁ ପଡିବନି ଏବେ ଲୋକେ ଆମ ଦୁଆରକୁ ଜିନିଷ ନେବାକୁ ଆସିବେ। ଏହି ସବୁ ଘଟଣା ଦେଖି ଗ୍ରାମବାସୀମାନେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କାର୍ଯ୍ୟକୁ ସାଧୁବାଦ ଜଣାଇଛନ୍ତି ।

# ବିନା ଏଷ୍ଟିମେଣ୍ଟରେ ବିଦ୍ୟୁତ୍ ଖୁଣ୍ଟ ପକାଇବା ନେଇ ଅଭିଯୋଗ



**ରାଜନଗର, ୭।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ରାଜନଗର ଗ୍ରା ପ ରେ ବିନା ଏଷ୍ଟିମେଟ୍ ବିଦ୍ୟୁତ୍ ଖୁଣ୍ଟ ପକାଇବାକୁ ନେଇ ରାଜନଗର ଗ୍ରାମର କିଛି ଲୋକ ବିଦ୍ୟୁତ୍ ବିଭାଗରେ ଅଭିଯୋଗରେ କରିଛନ୍ତି। ରାଜନଗର କଲୋନୀ ସ୍ଥିତ ରଂଜନ ମହାନ୍ତି ଘର ଠାରୁ ସୁଶିଲ ସେଠୀ ଙ୍କ ଘର ପର୍ଯ୍ୟନ୍ତ ଦୁଇଟି ଖୁଣ୍ଟ ପକାଯାଇଛି। ଜେ ଇ ନିରଂଜନ ବରାଳ ଓ ଠିକା ସଂସ୍ଥା ର କିଛି କର୍ମଚାରୀ ଲାଞ୍ଚ ନେଇ ଏହି ଖୁଣ୍ଟ ପକାଇ ଛନ୍ତି। ବିଦ୍ୟୁତ୍ ବିଭାଗରେ ଆଗ ଏଷ୍ଟିମେଣ୍ଟ ପରେ ବିଭାଗ ପକ୍ଷରୁ ପରେ ଖୁଣ୍ଟ ପକାଇ ବିଦ୍ୟୁତ୍ ଯୋଗାଇ ଦିଆଯାଏ। କିନ୍ତୁ ଏଥି ଲାଞ୍ଚ ନେଇ ଖୁଣ୍ଟ ପକାଯାଇଥିବା ନେଇ ବିଦ୍ୟୁତ୍ ବିଭାଗକୁ ରାଜନଗର ଗ୍ରାମର ପଦ୍ମଲୋଚନ ପରିଡ଼ା, ସହଦେବ ସେଠି, ଶତ୍ରୁଘ୍ନ ମଲିକ, ବିଭୂତି ମଲିକ ପ୍ରଭୁତି ବିଦ୍ୟୁତ୍ ବିଭାଗରେ ଅଭିଯୋଗରେ କରିଛନ୍ତି।

# ପଟ୍ଟାମୁଣ୍ଡାଇ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ପଟ୍ଟାମୁଣ୍ଡାଇ, ୭।୨ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ମନ୍ମଥ ନାଥ ହାଇସ୍କୁଲ୍ ପଡିଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ ବି ଏସ ଏସ ଓ ସୁଧାଂଶୁ ଶେଖର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିର ଉଦଘାଟନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ, ଜିଲ୍ଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ, ଅତିରିକ୍ତ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ ,୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ୧୫ନଂ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶିନୀ ତରାଇ, ସିଂହ ଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ, ସରପଞ୍ଚ ସଂଘ ସଭାପତି ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମ୍ପାଦକ ପ୍ରିୟବ୍ରତ ଓଝା, ତରଡ଼ି ପାଳ ସରପଞ୍ଚ ଦେବବ୍ରତ ନାୟକ ସମିତି ସଭ୍ୟ ନିରଞ୍ଜନ ବାରିକ, ଅଳପୁଆ ସରପଞ୍ଚ ପ୍ରତିନିଧି ରଶ୍ମି ରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିରର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗ ରେ ୬୩୬, ଶିଶୁ ବିଭାଗରେ ୭୫, ମାନସିକ ବିଭାଗରେ ୨୭୦,ଅସ୍ତ୍ରୋ ପଚାର ବିଭାଗରେ ୧୫୩, ଚକ୍ଷୁ ବିଭାଗ ୨୦୨ନାମ ପଞ୍ଜିକରଣ କରାଯାଇଥିଲା । ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ୍ ସୋସିଆଲ ଅଡିଟର ନଳିନୀ କାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଶିବିରକୁ ଜି ପି ଡ଼ି ଓ ପିତାମ୍ବର ଜେନା, ପି ଇ ଓ ପ୍ରଭାତ ମଲ୍ଲିକ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅମ୍ବିକା ମହାନ୍ତି ତପନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକର ୩୧ଟି ପଂଚାୟତର ସରପଞ୍ଚ ସମିତି ସଭ୍ୟ, ପି ଇ ଓ, ଜି ଆର ଏସ ବ୍ଲକ ମେଡିକାଲ କର୍ମଚାରୀ ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।



# ୪୭୯୯ ଜଣ କୃତକାର୍ଯ୍ୟ

● ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମିନାରୀ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମିନାରୀ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ମୋଟ ୪୭୯୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଏହି ପରୀକ୍ଷାଫଳ ପ୍ରକାଶ ନେଇ ଆୟୋଗ ପକ୍ଷରୁ ନୋଟିସ ପ୍ରକାଶ ପାଇଛି। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ୧୫୭୩ ଜଣ ମହିଳା। ଅଛନ୍ତି। ଲୋକସେବା ଆୟୋଗର ୱେବସାଇଟରେ ଉପଲବ୍ଧ ହେଉଛି ପରୀକ୍ଷାଫଳ। ଲିଖିତ ପରୀକ୍ଷା ପାଇଁ ପରେ ତାରିଖ ଧାର୍ଯ୍ୟ କରାଯିବ ବୋଲି ଓପିଏସସି ପକ୍ଷରୁ କୁହାଯାଇଛି। ଓପିଏସ୍‌ସିର ୱେବ୍‌ସାଇଟ୍ http://opsc.gov.inରେ ରୋଲନମ୍ବର ଏଣ୍ଟ୍ରି କରି ପ୍ରାର୍ଥୀମାନେ ସେମାନଙ୍କ ଫଳାଫଳ ଜାଣିପାରିବେ। ଏହି ପରୀକ୍ଷା ଗତ ବର୍ଷ ଡିସେମ୍ବର ୧୫ ତାରିଖରେ ଅନୁଷ୍ଠିତ ହୋଇଥିଲା।

## ରାସ୍ତା ପାର୍ ବେଳେ ମହିଳାଙ୍କ ଉପରେ ଚଢ଼ିଗଲା ଗ୍ୟାସ ଟ୍ୟାଙ୍କର, ଘଟଣାସ୍ଥଳରେ ମୃତ୍ୟୁ




ଚୌଦ୍ୱାର,୭।୨ (ସଂଚାର ବ୍ୟୁରୋ): ଟ୍ୟାଙ୍କର ଧକ୍କାରେ ମହିଳା ମୃତ। କଟକ ଜିଲ୍ଲା ଟାଙ୍ଗୀ ଥାନା ସ୍ଥିତ ୧୬ ନଂ ଜାତୀୟ ରାଜପଥ ମଙ୍ଗୁଳି ଛକ ଓଭର ବ୍ରିଜ ନିକଟରେ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ ବେଳେ ଜଣେ ମହିଳାଙ୍କ ଉପରେ ଚଢ଼ିଗଲା ଗ୍ୟାସ ଟ୍ୟାଙ୍କର । ଘଟଣାସ୍ଥଳରେ ମହିଳାଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି। ଟ୍ୟାଙ୍କର ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଛି। ମହିଳା ଜଣକ ଓଭର ବ୍ରିଜ ନିକଟରୁ ରାସ୍ତା ପାର୍ ହୋଇ ଚୌଦ୍ୱାର ରାସ୍ତାକୁ ଆସୁଥିଲେ। ଟ୍ୟାଙ୍କରଟି କଟକ ଚଣ୍ଡିଖୋଲ ରାସ୍ତାରେ ଯାଉଥିବାବେଳେ ହଠାତ ଚୌଦ୍ୱାର ଆଡ଼କୁ ଯିବା ବେଳେ ମାଡି ଆସିବାରୁ ମହିଳାଙ୍କ ଉପରେ ଚଢି ଯାଇଥିଲା । ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି । ଅନ୍ୟପଟେ ଆଜି କଟକ ମଲାଚଣ୍ଡିଆ ଛକ ନିକଟରେ ଜଣେ ପରିବା ବ୍ୟବସାୟୀଙ୍କୁ 'ମୋ ବସ୍'ଧକ୍କା ଦେଇଥିଲା। ଆଜି ସକାଳେ ବ୍ୟବସାୟୀ ଜଣକ ଲୁନାରେ ପରିବା ବିକିବାକୁ ଯାଉଥିବାବେଳେ ମୋ ବସ୍ ଧକ୍କା ଦେଇଥିଲା । ଆହତ ଅବସ୍ଥାରେ ତାଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି। ବାରମ୍ବାର ମୋ ବସ୍ ଦୁର୍ଘଟଣା ଘଟୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମୋ ବସ୍ ଚାଳକଙ୍କ ବେପରୁଆ ଗାଡ଼ି ଚାଳନାକୁ ଦାୟୀ କରିଥିଲେ ।

## ଚିକିତ୍ସାଳୟରେ ରୋଗୀଙ୍କୁ ଦୁର୍ବ୍ୟବହାର, ଧାରଣାରେ ବସିଲେ ପରିବାର ଲୋକେ



ନୀଳଗିରି,୭।୨ (ସଂଚାର ବ୍ୟୁରୋ): ସମସ୍ତଙ୍କ ପାଇଁ ଡାକ୍ତର ହେଉଛନ୍ତି ଭଗବାନଙ୍କ ରୂପ । କିନ୍ତୁ ଯଦି ଡାକ୍ତରମାନେ ଏଭଳି କାଣ୍ଡ ରଚାଇବେ ତେବେ କାହା ଉପରେ ବା ଭରଷା କରିବେ ଲୋକେ। ଡାକ୍ତର ଜୀବନ ବଞ୍ଚାଇବା ସ୍ଥାନରେ ରୋଗୀଙ୍କୁ କରିଛନ୍ତି ଦୁର୍ବ୍ୟବହାର । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ। ଯାହାପରେ ଚିକିତ୍ସାଳୟ ଗେଟ୍ ସମ୍ମୁଖରେ ରୋଗୀଙ୍କ ସହ ପରିବାର ଲୋକେ ଧାରଣା ଦେଇଥିଲେ । ଦୀର୍ଘ ପାଞ୍ଚ ଦିନ ହେଲା ନୀଳଗିରି ଚୀମିନି ଭାଟି ଅଞ୍ଚଳର ଖକନ ବେହେରା ହୃଦରୋଗରେ ଚିକିତ୍ସିତ ହେଉଥିଲେ। କିନ୍ତୁ ଗତକାଲି ମେଡ଼ିକାଲ ଖକନଙ୍କ ପାଖରେ ପରିବାର ଲୋକ ନଥିବା ବେଳେ ହଠାତ ଜଣେ ମେଡ଼ିକାଲ କର୍ମଚାରୀ ରୋଗୀଙ୍କ ପାଖରେ ପହଞ୍ଚି ତାଙ୍କୁ ରେଫର କରିବା ପାଇଁ ଜୋର ଜବରଦସ୍ତି ଓ ଦୁର୍ବ୍ୟବହାର କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ତେବେ ଯେ ପର୍ଯ୍ୟନ୍ତ ନ୍ୟାୟ ମିଳିଛି ସେ ପର୍ଯ୍ୟନ୍ତ ପରିବାର ଲୋକ ଉଠିବେନି ବୋଲି କହିଥିଲେ ।

## ଧଉଳି କଳିଙ୍ଗ ମହୋତ୍ସବ ୨୦୨୫ ଉଦ୍‌ଘାଟିତ

# ଓଡ଼ିଶୀ ଓ ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ



ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଐତିହାସିକ ଧଉଳିର ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ପକ୍ଷରୁ ଆୟୋଜିତ ୨୧ତମ ଧଉଳି କଳିଙ୍ଗ ମହୋତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, କଳା, ସଂସ୍କୃତି, ଐତିହ୍ୟକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର କରିବା ଉତ୍ସବର ମୂଳ ଉଦ୍ଦେଶ୍ୟ ହୋଇଥିବା ବେଳେ ଭାରତୀୟ ନୃତ୍ୟ ଓ ସଙ୍ଗୀତ ପରମ୍ପରାରେ ସମ୍ପୃକ୍ତ ଥିବା ୨୦୦ରୁ ଅଧିକ କଳାକାର ଉତ୍ସବରେ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବାକୁ ଥିବା ବିଶିଷ୍ଟ ଓଡ଼ିଶୀ ନୃତ୍ୟସାଧକ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବପ୍ରଥମେ ଗୁରୁ (ଡକ୍ଟର) ଜ୍ୟୋତ୍ସ୍ନା ସାହୁଙ୍କ ପ୍ରତିଷ୍ଠିତ 'ସୁରମନ୍ଦିର'ର ଶିଳ୍ପୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାର ସଙ୍ଗୀତ ସଂଯୋଜନା ଗୁରୁ ଅଗ୍ନିମିତ୍ର ବେହେରା, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ଜ୍ୟୋତ୍ସ୍ନା ସାହୁ କରିଥିଲେ । ସେହିପରି ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ମୁମ୍ବାଇରୁ ଆସିଥିବା ଗୁରୁ ପବିତ୍ର ଭଞ୍ଜଙ୍କ ପ୍ରତିଷ୍ଠିତ ପବିତ୍ର ଆର୍ଟ ଭିଜୁଆଲ୍ ଇନ୍‌ଷ୍ଟିଚ୍ୟୁଟର ଶିଳ୍ପୀଗଣ। ସନ୍ଧ୍ୟାର ଶେଷ ପରିବେଷଣ ଥିଲା ପୁରୀର ଗୁରୁ ଜ୍ଞାନରଞ୍ଜନ ମହାନ୍ତି ଓ ସାଥୀଙ୍କ ଦ୍ୱାରା ମଲ୍ଲଖମ (ଫତେ ଫାଇଟର୍) ନୃତ୍ୟ। ସେମାନେ ଭଗବାନ ଗଣେଶଙ୍କ ଜନ୍ମ ସମ୍ପର୍କିତ ଏକ କାହାଣୀ ଶିବଗଣେଶ ପରିବେଷଣ କରିଥିଲେ। ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ଏହି ମଲ୍ଲଖମ ନୃତ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଓ ରୋମାଞ୍ଚକ ଥିଲା।- ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ସଙ୍ଗୀତଜ୍ଞ ତଥା ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ (ପ୍ରଫେସର) ରାମହରି ଦାସ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ରଞ୍ଜନ ଦାସ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ବିଶିଷ୍ଟ ନୃତ୍ୟ ସଂରଚକ ଜନାର୍ଦ୍ଦନ ରାଜୁୟରର୍ସ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ଗୁରୁ (ଡକ୍ଟର) ଅରୁଣା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର ଶ୍ରୀନିବାସ ଘଟୁଆରୀ ଓ ନାଜିଆ ଆଲାମ ପରିଚାଳନା କରିଥିଲେ।

## ଗଞ୍ଜେଇ ଚାଷ ବିରୋଧରେ ପୁଲିସ୍‌ର ସ୍ୱତନ୍ତ୍ର ଅଭିଯାନ

# ୫୯୧ ମାମଲା ରୁଜୁ, ୨୫ ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ



ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୁଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ରାଜ୍ୟ ପୁଲିସ୍ ଡିଜି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ ଡିଜିପି ଶ୍ରୀ ଖୁରାନିଆ ଗଞ୍ଜେଇ ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନ ଗତବର୍ଷ ନଭେମ୍ବର ୧ରୁ ଆରମ୍ଭ ହୋଇଥିଲାବେଳେ ଅଦ୍ୟାବଧି ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଗତ ୨୦୨୪ରେ ୩୫୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଥିଲା। ସେହିପରି ୨୦୨୩ରେ ୪୨୮ଟି ମାମଲା ରୁଜୁ ହୋଇଥିବା ବେଳେ ୧୦ ହଜାର ୫୪୧ ଏକର, ୨୦୨୨ ମସିହାରେ ୫୭୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୪ ହଜାର ୩୯୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା। ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆଇଜିପି (ଅପରେସନ) ଜୟନାରାୟଣ ପଙ୍କଜ, ଡିଆଇଜି (ଅପରେସନ) ଅଖିଳେଶ୍ୱର ସିଂ, ଡିଆଇଜି (ଏସଆଇଡବ୍ଲ୍ୟୁ) ଓଃ କନଓ୍ୱର ବିଶାଲ ସିଂଙ୍କ ସମେତ ବିଭିନ୍ନ ରେଞ୍ଜର୍ ଆଇଜି, ଡିଆଇଜି ଏବଂ ଜିଲ୍ଲା ଏସପିମାନେ ଉପସ୍ଥିତ ଥିଲେ।

## ବଲାଙ୍ଗିରରେ ମାଓ-ସୁରକ୍ଷାକର୍ମୀ ଗୁଳିବିନିମୟ

ବଲାଙ୍ଗିର,୭।୨(ସଂଚାର ବ୍ୟୁରୋ): ପାଖାପାଖି ସପ୍ତାହେ ତଳେ ଛତିଶଗଡ଼-ଓଡ଼ିଶା ସୀମାନ୍ତରେ ୧୬ ଜଣ ମାଓବାଦୀଙ୍କୁ ସୁରକ୍ଷାକର୍ମୀମାନେ ନିପାତ କରିବା ପରେ ଆଜି ସକାଳେ ଏଠାରେ ଏକ ଗୁଳିବିନିମୟ ଘଟଣା ଘଟିଥିବା ଜଣାପଡ଼ିଛି। ବଲାଙ୍ଗିର ଜିଲ୍ଲାର ଗନ୍ଧମାର୍ଦ୍ଦନ ନିକଟବର୍ତ୍ତୀ ହନୁପାଲ୍ଲୀଠାରେ କମ୍ବିଂ ଅପରେସନ୍ ଜାରି ରଖିଥିଲେ।
ଆଜି ଭୋର୍ ସମୟରେ ସେମାନଙ୍କର ମାଓବାଦୀଙ୍କ ସହ ଗୁଳିବିନିମୟ ହୋଇଥିଲା। ତେବେ ଏଥିରେ କୌଣସି ମୃତାହତ ନେଇ ସୂଚନା ମିଳିପାରିନାହିଁ। ଏହି ମାଓବାଦୀମାନେ ସୀମାନ୍ତବର୍ତ୍ତୀ ଛତିଶଗଡ଼ରୁ ନୂଆପଡ଼ା ଦେଇ ଏଠାକୁ ଆସିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ ଗନ୍ଧମାର୍ଦ୍ଦନ ଅଞ୍ଚଳ ମାଓବାଦୀଙ୍କ ପ୍ରମୁଖ ଆଡ୍ଡାସ୍ଥଳୀ ଭାବେ ପରିଚିତ। କାରଣ ଗତ ୨୦୧୯ ଫେବୃଆରୀରେ ଏଠାରେ ସୁରକ୍ଷାକର୍ମୀମାନେ କମ୍ବିଂ ଅପରେସନ୍ ସମୟରେ ଏକ ବଡ଼ ଧରଣର ମାଓ କ୍ୟାମ୍ପ୍ ଠାବ କରିଥିଲେ।

● ଓଲଟିଲା ଇଟା ବୋଝେଇ ଟ୍ରାକ୍ଟର

## ଦମ୍ପତିଙ୍କ ସମେତ ୩ ଶ୍ରମିକ ମୃତ

ଗୁଣୁପୁର,୭।୨(ସଂଚାର ବ୍ୟୁରୋ): ରାଜ୍ୟରେ ସଡ଼କ ସୁରକ୍ଷା ସଂକ୍ରାନ୍ତରେ ବ୍ୟାପକ ସଚେତନତା ସୃଷ୍ଟି ସକାଶେ ବିଭିନ୍ନ ସ୍ତରରେ ପଦକ୍ଷେପ ନିଆଯାଉଥିଲେ ହେଁ ଏହାର ବିଶେଷ କିଛି ପ୍ରଭାବ ପଡୁଥିବା ଦେଖିବାକୁ ମିଳୁନାହିଁ। ଚାଳକମାନଙ୍କ ବେପରୱା ଗାଡ଼ି ଚାଳନା ସହ ଜନସାଧାରଣ ସୁରକ୍ଷିତ ଯାତ୍ରା ନେଇ ସଚେତନ ହେଉନଥିବାରୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ବିଶେଷ କୌଣସି ହ୍ରାସ ଘଟୁନାହିଁ। ଏହି କ୍ରମରେ ଆଜି ରାୟଗଡ଼ା ଜିଲ୍ଲାରେ ୩ ଜଣ ଶ୍ରମିକଙ୍କ ଅମୂଲ୍ୟ ଜୀବନ ବଳିପଡ଼ିଛି। ମିଳିଥିବା ସୂଚନାନୁସାରେ, ଗୁଣୁପୁର ଥାନା ଅନ୍ତର୍ଗତ ଗୁଲୁମୁଣ୍ଡାପାକା ନିକଟସ୍ଥ ମୁଖ୍ୟ ରାସ୍ତାରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିବା ଫଳରେ ଏଥିରେ ୩ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଏହି ଇଟା ବୋଝେଇ ଟ୍ରାକ୍ଟରଟି ଗୁଣୁପୁର ଅଭିମୁଖେ ଆସୁଥିବା ବେଳେ ଅଚାନକ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଇଟା ତଳେ ଶ୍ରମିକମାନେ ଚାପି ହୋଇଯାଇଥିଲେ। ଫଳରେ ଏହି ଦୁର୍ଘଟଣାରେ ଟ୍ରାକ୍ଟର ଚାଳକଙ୍କ ସମେତ ୪ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଛନ୍ତି। ସମସ୍ତ ମୃତାହତ ଶ୍ରମିକଙ୍କ ଘର ଗୁଣୁପୁର ଅଞ୍ଚଳରେ ହୋଇଥିବା ବେଳେ ଆହତମାନେ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତକଙ୍କ ମଧ୍ୟରେ ଦୁଇ ଜଣ ସ୍ୱାମୀ-ସ୍ତ୍ରୀ ଅଛନ୍ତି। ସେମାନେ ଚୈତନ୍ୟ ଶବର ଓ ମମିତା ଶବର ବୋଲି ଜଣାପଡ଼ିଛି। ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଅଞ୍ଚଳର ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ୪ ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଫାର୍ମାସିଷ୍ଟଙ୍କ ଭୁଲ୍ ବର୍ଗୀକରଣ

# ସଂଶୋଧନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରୀ ସୂଚନାରେ ଫାର୍ମାସିଷ୍ଟମାନଙ୍କୁ 'ପାରାମେଡିକ୍ସ' ଭାବେ ଭୁଲବଶତଃ ବର୍ଗୀକରଣ ସମ୍ପର୍କରେ 'ଓଡ଼ିଶା ପଞ୍ଜିକୃତ ଫାର୍ମାସିଷ୍ଟ ମହାସଂଘ' (ଓଆର୍‌ପିଏଚ୍ଏ) ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖାଯିବା ସହ ଏହାକୁ ସଂଶୋଧନ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ମହାସଂଘ ପକ୍ଷରୁ ଏପରି ଭୁଲ ବର୍ଗୀକରଣ ଫାର୍ମାସିଷ୍ଟଙ୍କ ବୃତ୍ତିଗତ ପରିଚୟକୁ କ୍ଷୁର୍ଣ୍ଣ କରିବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ସେମାନଙ୍କ ଭୂମିକାକୁ ଭୁଲ ଭାବେ ଉପସ୍ଥାପନ କରୁଛି ବୋଲି କୁହାଯାଇଛି। ମହାସଂଘ ପକ୍ଷରୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଫାର୍ମାସିଷ୍ଟମାନେ ଔଷଧ ବିଜ୍ଞାନ, ଔଷଧ ସେବନ , ଔଷଧ ତିଆରି ଓ କ୍ଲିନିକାଲ୍ ଫାର୍ମାସି ଅଭ୍ୟାସରେ ସ୍ୱତନ୍ତ୍ର ଜ୍ଞାନ ହାସଲ କରିବା ସହ ଉଚ୍ଚ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା ବୃତ୍ତି ସହ ଜଡ଼ିତ। ଔଷଧର ଯୁକ୍ତିଯୁକ୍ତ ବ୍ୟବହାର, ରୋଗୀ ପରାମର୍ଶ ଓ ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପରେ ଯୋଗଦାନ ସୁନିଶ୍ଚିତ କରିବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛନ୍ତି। ତଥାପି ପାରାମେଡିକ୍ସ ଭାବେ ଫାର୍ମାସିଷ୍ଟମାନଙ୍କ ଭୁଲ ବର୍ଗୀକରଣ ସେମାନଙ୍କ ବୃତ୍ତିଗତ ସ୍ଥିତିକୁ ବିକୃତ କରିବା ସହ ରୋଗୀ ସେବାରେ ସେମାନଙ୍କ ଅବଦାନକୁ ସୀମିତ କରୁଛି ବୋଲି ମହାସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗତ ୨୦୨୩ ଜୁନ୍ ୧୩ ତାରିଖରେ ଭାରତୀୟ ଫାର୍ମାସି ପରିଷଦ (ପିସିଆଇ) ଏକ ବିଜ୍ଞପ୍ତି ଜାରି କରି ଫାର୍ମାସି ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ସ୍ୱାସ୍ଥ୍ୟସେବା ବୃତ୍ତି। ଏହା ପାରାମେଡିକାଲ୍ କ୍ଷେତ୍ରଠାରୁ ପୃଥକ ବୋଲି ସ୍ପଷ୍ଟ କରିଛନ୍ତି। କିନ୍ତୁ ଏପରି ସ୍ପଷ୍ଟୀକରଣ ସତ୍ତ୍ୱେ ସରକାରୀ କାଗଜପତ୍ରରେ ଫାର୍ମାସିଷ୍ଟମାନଙ୍କୁ ପାରାମେଡିକ୍ସ ଭାବେ ଉଲ୍ଲେଖ କରାଯିବା ଦୁର୍ଭାଗ୍ୟର ବିଷୟ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ଏପରି ସ୍ଥିତିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯିବା ସକାଶେ ମହାସଂଘ ଦାବି କରିଛି, ଯାହା ଫାର୍ମାସିଷ୍ଟମାନଙ୍କୁ ପାରାମେଡିକ୍ସଠାରୁ ପୃଥକ କରିବା ସହ ରୋଗୀସେବା, ଜନସ୍ୱାସ୍ଥ୍ୟ ଓ ଔଷଧ ସୁରକ୍ଷାରେ ସେମାନଙ୍କର ଅବଦାନକୁ ଉନ୍ନତ କରିବ ବୋଲି ମହାସଂଘ ଉକ୍ତ ଚିଠିରେ ଉଲ୍ଲେଖ କରିଛି।

● ସତ୍ୟବାଦୀ ବକୁଳବନର ପୁନରୁଦ୍ଧାର ଯୋଜନା ନେଇ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟା

# ପଣ୍ଡିତ ଗୋପବନ୍ଧୁଙ୍କ ସ୍ୱପ୍ନ ସାର୍ଥକ ହେବ

**ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଧନ୍ୟବାଦ**



ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ପୁଣ୍ୟାତ୍ମା ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଐତିହ୍ୟକୁ ସୁରକ୍ଷିତ ରଖାଯାଇ ଏହାର ପୁନରୁଦ୍ଧାର ଓ ବିକାଶ କରିବା ଦିଗରେ ରାଜ୍ୟ ସରକାରଙ୍କ ଯୋଜନାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶଂସା କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଐତିହ୍ୟସମ୍ପନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ ରଖୁଥିବା ଏହି ପବିତ୍ର ସ୍ଥାନର ପୁନରୁଦ୍ଧାର ହୋଇପାରିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ। ଉତ୍କଳମଣି ଓଡ଼ିଶାରେ ସ୍ୱତନ୍ତ୍ରତା ସଂଗ୍ରାମର ନେତୃତ୍ୱ ନେବା ସହ ଦେଶ ସ୍ୱାଧୀନତା ପାଇଁ ଯେଉଁ ଯୋଜନା ଓ ପରିକଳ୍ପନା କରିଥିଲେ, ତା'ର ପ୍ରୟୋଗଶାଳା ଥିଲା ସତ୍ୟବାଦୀ ବକୁଳବନ ବିଦ୍ୟାଳୟ। ଏହି ପବିତ୍ର ସ୍ଥାନରୁ ହିଁ ପଣ୍ଡିତ ଗୋପବନ୍ଧୁଙ୍କ କଳ୍ପନାରେ ନୂଆ ଜାତୀୟ ଶିକ୍ଷା ନୀତିର ଅଭ୍ୟୁଦୟ ହୋଇଥିଲା। ତାଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ଆଦି ମହାପୁରୁଷ ବକୁଳବନରେ ଛାତ୍ରଛାତ୍ରୀଙ୍କୁ ମୌଳିକ ଶିକ୍ଷା ସହ ରୋଜଗାର ଦେବା ଭଳି ଶିକ୍ଷା ପ୍ରଦାନ କରୁଥିଲେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ନିଦର୍ଶନ ବହନ କରୁଥିବା ଏହି ଐତିହ୍ୟସମ୍ପନ୍ନ ଅନୁଷ୍ଠାନର ମହତ୍ୱକୁ ଦୃଷ୍ଟିରେ ରଖି ଗୁଜୁରାଟର ବଡ଼ନଗରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଠ ପଢ଼ିଥିବା 'ପ୍ରେରଣା ସ୍କୁଲ'ର ଢାଞ୍ଚା ଅନୁସାରେ ବକୁଳ ବନ ବିଦ୍ୟାଳୟର ବିକାଶ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ପ୍ରଧାନମନ୍ତ୍ରୀ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ପ୍ରେରଣା ବିଦ୍ୟାଳୟ ଆଜି ଯେପରି ଶିକ୍ଷା ଓ ମୂଲ୍ୟବୋଧର ଏକ ଅନନ୍ୟ କେନ୍ଦ୍ରରେ ପରିଣତ ହୋଇଛି, ସେପରି ଭାବେ ଏହି ବକୁଳବନ ବିଦ୍ୟାଳୟର ନବୀକରଣ ହେଲେ ଆମର ବରପୁତ୍ର ଓ ମହାପୁରୁଷମାନେ ଦେଖିଥିବା ସ୍ୱପ୍ନ ସାକାର ହୋଇପାରିବ। ପ୍ରାଚୀନ ଭାରତରେ ଗୁରୁକୁଳ ପରମ୍ପରାକୁ ପୁନଃଜୀବିତ କରିବାର ପ୍ରୟାସ ଏହି ବକୁଳବନରୁ ଆରମ୍ଭ ହୋଇଥିଲା। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଏହି ମଣିଷ ତିଆରି କାରଖାନାର ପୁନରୁଦ୍ଧାର ହେଲେ ଗୋପବନ୍ଧୁଙ୍କ ଆଦର୍ଶ ଓ କଳ୍ପନାରେ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନରେ ଏକ ସ୍ୱପ୍ନ ସାକାର ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ବକୁଳ ବନର ପୁନରୁଦ୍ଧାର ସଂକ୍ରାନ୍ତ ନିଷ୍ପତ୍ତି ପାଇଁ ଧନ୍ୟବାଦ ଦେଇଛନ୍ତି।

# ଦୁର୍ଘଟଣା ରୋକିବ କ୍ୟାମେରା, ମଦୁଆ ଚାଳକଙ୍କୁ ଧରିବ ସେନ୍ସର

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ସ୍ଥାନରେ 'ମୋ ବସ୍'ର ଚାଳକମାନେ ଦୁର୍ଘଟଣା ଘଟାଇ ସାଧାରଣ ଧନଜୀବନ ହାନି ଘଟାଉଥିବା ବେଳେ ଏହାକୁ ରୋକିବା ସକାଶେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। 'ମୋ ବସ୍'ର ଦୁର୍ଘଟଣା ରୋକିବା ସକାଶେ କ୍ୟାପିଟାଲ ଅର୍ବାନ ରିଜନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ଅଟୋମେଟିକ୍ ଆଡଭାନ୍ସ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ (ଏଡିଏଏସ୍) ଲଗାଯିବ। ଏହାଦ୍ୱାରା ୩୬୦ ଡିଗ୍ରୀ କ୍ୟାମେରା ସହ ମଦ ପିଇ ଗାଡ଼ି ଚଳାଇଲେ ଆପେ ଆପେ ଗାଡ଼ିର ଷ୍ଟାର୍ଟ ବନ୍ଦ ହୋଇଯିବ। ଅର୍ଥାତ୍ ମୋ ବସ୍‌ରେ ମଦୁଆ ଚାଳକଙ୍କୁ ଗାଡ଼ି ଚାଳନାରୁ ବିରତ କରିବା ସକାଶେ ସେନ୍ସର୍ ଲଗାଯିବ। ଏସବୁ ବ୍ୟବସ୍ଥା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି କ୍ରୁଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନିକଟରେ ଗତ ମଙ୍ଗଳବାର ପଟିଆ ରଘୁନାଥପୁର ଛକ ନନ୍ଦନକାନ ଥାନା ସାମ୍ନାରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କ ଉପରେ 'ମୋ ବସ୍' ମାଡ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ 'ମୋ ବସ୍'କୁ ଅଟକାଇବା ସହ ରାସ୍ତାରେ ଧାରଣା ଦେଇଥିଲେ। ତା'ଛଡ଼ା ସହର ଭିତରେ ଇତିମଧ୍ୟରେ ମୋ ବସ୍ ଚାଳକଙ୍କ ବେପରୁଆ ଚାଳନା ଯୋଗୁଁ ୧୦ରୁ ଅଧିକ ଜୀବନ ହାନି ହୋଇଥିବା ମଧ୍ୟ ଜଣାପଡ଼ିଛି। 'ମୋ ବସ୍' ବିରୋଧରେ ବଢୁଥିବା ଜନଆକ୍ରୋଶ ଓ ଲୋକଙ୍କ କ୍ଷୋଭକୁ ଦୃଷ୍ଟିରେ ରଖି ଏବେ ଏଭଳି କିଛି ନୂଆ ପଦକ୍ଷେପ ନେଇଛନ୍ତି କର୍ତ୍ତୃପକ୍ଷ। ଏ ସଂକ୍ରାନ୍ତରେ 'କ୍ରୁଟ'ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଏଭଳି ଦୁର୍ଘଟଣାଜନିତ ସମସ୍ୟାକୁ ରୋକିବା ସକାଶେ ଏଡିଏଏସ୍ ଚିପ୍ ଲାଗିବ, ଯାହାଦ୍ୱାରା ଦୁର୍ଘଟଣା ପାଖାପାଖି ୭୦ ପ୍ରତିଶତ ପର୍ଯ୍ୟନ୍ତ କମିଯିବ। ଏହି ସୁବିଧା ଦ୍ୱାରା ଗାଡ଼ିର ଆଗପଛ ଚାରି ପାଖରେ ୩୬୦ ଡିଗ୍ରୀରେ କ୍ୟାମେରାରେ ସବୁ କିଛି ଦେଖାଯାଇପାରିବ। ସେହିପରି ଦୁର୍ଘଟଣା ସମୟରେ ସ୍ୱୟଂଚାଳିତ ବ୍ରେକ୍ ଲାଗି ଗାଡ଼ି ଅଟକିଯିବ। ଗାଡ଼ି ଚାଳକଙ୍କ ସାମ୍ନାରେ ଏକ ସ୍କ୍ରିନରେ ଆଗ ପଛରେ କ'ଣ ହେଉଛି, ତା'ର ସ୍ପଷ୍ଟ ଚିତ୍ର ଦେଖାଯିବ। ଏପରିକି ୨ଟି ଗାଡ଼ି ମଧ୍ୟରେ ଦୂରତା ଓ କୌଣସି ସମସ୍ୟା ଥିଲେ, ସ୍ୱୟଂଚାଳିତ ଭାବେ ଗାଡ଼ିଟି ଦୁର୍ଘଟଣାରୁ ବର୍ତ୍ତିଯାଇପାରିବ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

## ବିବାହିତ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

● ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

କାମାକ୍ଷାନଗର,୭।୨(ସଂଚାର ବ୍ୟୁରୋ): କାମାକ୍ଷାନଗର ଥାନା ନୂଆଆଳତୁମା ଯୋଗୀସାହିରେ ଘରଭଡ଼ା ନେଇ ରହୁଥିବା ଜଣେ ବିବାହିତ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ ଭୁବନ ଥାନା ବାଲିବୋ ଗାଁର ଜିତୁ ସ୍ୱାଇଁ ବୋଲି ଜଣାପଡ଼ିଛି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ବୋହୂ, ପୁଅର ଶାଶୂ, ଶ୍ୱଶୁର ଓ ବୋହୂର ଧରମ ଭାଇ ସମସ୍ତେ ମିଳିମିଶି ତାଙ୍କ ପୁଅକୁ ହତ୍ୟା କରିଥିବା ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି ମୃତ ଯୁବକଙ୍କ ବାପା।

ଭୁବନ ଥାନା ଅନ୍ତର୍ଗତ ବାଲିବୋ ଗ୍ରାମର ନିରଞ୍ଜନ ସ୍ୱାଇଁଙ୍କ ପୁଅ କାମାକ୍ଷାନଗର ଥାନା କଇଁବିଲି ଗାଁର ମୋହନ ସାହୁଙ୍କ ଝିଅ ଚୁଲବୁଲିଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ଦୁଇ ଜଣ କାମାକ୍ଷାନଗର ସହରର ଯୋଗୀସାହିରେ ଘରଭଡ଼ା ନେଇ ରହିଆସୁଥିଲେ। ତାଙ୍କର ଗୋଟିଏ ୫ ବର୍ଷର ପୁଅ। ଜିତୁ ପେସାରେ ଜଣେ ଗାଡି ଡ୍ରାଇଭର ହୋଇଥିବା ବେଳେ ବିବାହ ପରଠାରୁ ସେ ତାଙ୍କ ଗାଁକୁ ଯାଉନଥିବା ବେଳେ କାମାକ୍ଷାନଗରରେ ରହିଆସୁଥିଲେ।

ତେବେ ଗତକାଲି କୌଣସି କାରଣରୁ ଜିତୁଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ।

ବାହାଘର ପରେ ପୁଅକୁ ତା' ସ୍ତ୍ରୀ ପରିବାର ଲୋକଙ୍କ ସହ ମିଶାଇ ଦେଉନଥିଲେ ବୋଲି ଜିତୁଙ୍କ ମା' ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ, ଗତକାଲି ପୁଅକୁ ସମସ୍ତେ ମିଶି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିବା ପରେ କାମାକ୍ଷାନଗର ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ପରେ କାମାକ୍ଷାନଗର ପୁଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି।

## ଗଡ଼ିଲା ଶ୍ରମିକ ସଚେତନତା ରଥ

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ 'ଶ୍ରମିକ ସଚେତନତା ରଥ'ର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ୟୁନିଟ-୩ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ହଲାଇ ଶ୍ରୀ ତ୍ରିପାଠୀ ଏହି ରଥର ଶୁଭାରମ୍ଭ କରିଥିବା ବେଳେ ଏହା ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ମାସେ ବ୍ୟାପୀ ବୁଲିବା ସହ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରିବ। ଏହି ରଥ ମାଧ୍ୟମରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ଶ୍ରମିକମାନଙ୍କ କଲ୍ୟାଣ ସାଧନ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପଦକ୍ଷେପ, ଶ୍ରମ ସଂସ୍କାର, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ଶିଶୁ ଶ୍ରମିକ ଆଇନ ସମ୍ବନ୍ଧରେ ଜିଲ୍ଲାର ଶ୍ରମିକମାନେ ସଚେତନ ହେବା ସହ ଏ ସମ୍ପର୍କରେ ଅବଗତ ହୋଇପାରିବେ।

## ସତ୍ୟର ସାମ୍ନା କରିବାକୁ ରାଜସ୍ୱ ମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ସତ୍ୟ, ଦ୍ୱାପର, ତ୍ରେତୟା ଓ କଳିଯୁଗରେ ସଦା ସତ୍ୟର ଜୟ ହୋଇଆସିଛି। କଣ୍ଟକିତ ପଥରେ ସାମ୍ବାଦିକତା ବୃତ୍ତିରେ ଥିବା ସାମ୍ବାଦିକ ଜୀବନକୁ ବିପନ୍ନ କରି ଖବର ପରିବେଷଣ କରୁଥିଲେ ମଧ୍ୟ ଉପଯୁକ୍ତ ମର୍ଯ୍ୟାଦା ନ ମିଳିବା ପରିତାପର ବିଷୟ। ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ। ସତ୍ୟର ସାମ୍ନା କରି ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ଯାଇଥିଲେ ମଧ୍ୟ ସତ୍ୟରୁ ବିଚ୍ୟୁତ ନ ହେବା ସମସ୍ତଙ୍କ ପାଇଁ ଉଦାହରଣ। ୪ର୍ଥ ସ୍ତମ୍ଭ ଦୋଷ ଦୁର୍ବଳତା ପଦାକୁ ଆଣିଲେ ଅନ୍ୟ ୩ଟି ସ୍ତମ୍ଭ ସୁଦୃଢ଼ ହୋଇଥାଏ। ସାମ୍ବାଦିକମାନଙ୍କ ସର୍ବନିମ୍ନ ଦାବିକୁ ସରକାର ପୂରଣ କରିବା ସହ ସେମାନଙ୍କ ସୁରକ୍ଷା ଓ ଜୀବନ ଜୀବିକା ପ୍ରତି ସଚେତନ ରହିଲେ ସାମ୍ବାଦିକମାନେ ଅଧିକ ଉତ୍ସାହିତ ହେବା ସହିତ ସତ୍ୟ ଖବର ପରିବେଷଣ କରିବେ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶାର ୫ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମତ ଦେଇଛନ୍ତି। ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନୟୁଜେର ରାଷ୍ଟ୍ରୀୟ ସଭାପତି ସୁରେଶ ଶର୍ମା ସ୍ୱତନ୍ତ୍ର ଅତିଥି, ମୁଖ୍ୟ ବକ୍ତା ଭାବେ ଧୂରୀଣ ସାମ୍ବାଦିକ ରାଜାରାମ ଶତପଥୀ ଯୋଗଦେଇ ଥିଲେ। ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱର ମହାନଗର ମେୟର ସୁଲୋଚନା ଦାସ, ଜାତୀୟ ସମ୍ପାଦକ ବବୁଲ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ ପ୍ରାକ୍ ସୂଚନା ରଖିଥିବା ବେଳେ ଉପସଭାପତି ବାସୁଦେବ ତ୍ରିପାଠୀ ଅତିଥି ପରିଚୟ ରଖିଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଉପସଭାପତି ମେହେବୁବ ମହତାବ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ସଂଗଠନର ମୁଖପତ୍ର 'ସଙ୍କଳ୍ପ' ଉନ୍ମୋଚିତ ହୋଇଥିଲା।

# ପରୀକ୍ଷା ଚାପରେ ଛାତ୍ରଛାତ୍ରୀ

ଏବେ ଓଡ଼ିଶା ସମେତ ସାରା ଦେଶରେ ଆରମ୍ଭ ହୋଇଛି ପରୀକ୍ଷା ଋତୁ। ଚଳିତ ମାସରେ ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶାରେ ମାଧ୍ୟମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯଥାକ୍ରମେ ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ଏହା ସହିତ ବିଭିନ୍ନ ସ୍କୁଲକଲେଜରେ ଶ୍ରେଣୀ ପରୀକ୍ଷା ବା ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବା ପାଇଁ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ପରବର୍ତ୍ତୀ ସମୟରେ ସ୍ନାତକ ଏବଂ ସ୍ନାତକୋତ୍ତର ପରୀକ୍ଷା ମଧ ହେବ। ଏହା ସହିତ ଆଗକୁ ସର୍ବଭାରତୀୟ ଏବଂ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଛାତ୍ରଛାତ୍ରୀମାନେ ଏବେ ପ୍ରସ୍ତୁତିରେ ଲାଗିଛନ୍ତି। ଏହା ସହିତ ସେମାନେ ମାନସିକ ଚାପରେ ମଧ ଅଛନ୍ତି। କାଳେ ପରୀକ୍ଷାରେ ଆଶାନପୁରୂପ ସଫଳତା ମିଳିବ ନାହିଁ, କାଳେ ସେମାନେ ପ୍ରତିଯୋଗିତାରେ ପଛରେ ପଡ଼ିଯିବେ, ସେମାନଙ୍କ ପରିଶ୍ରମ ବ୍ୟର୍ଥ ହୋଇଯିବ ଏବଂ ବାପା-ମା'ଙ୍କ ଆଶା ପୂରଣରେ ସେମାନେ ବିଫଳ ହେବେ ସେହି ଆଶଙ୍କାରେ ଅନେକ ଛାତ୍ରଛାତ୍ରୀ ଏବେ ମାନସିକ ଚାପରେ ଅଛନ୍ତି। ଏହା ଆମ ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା। ଏଠାରେ ଶିକ୍ଷା ଅନେକଙ୍କ ପାଇଁ ଏକ ବୋଝ ପାଲଟିଯାଇଛି। ସେମାନେ ଶିକ୍ଷାକୁ ଏକ ସୁଯୋଗ ବା ସୁଖମୟ ଅନୁଭୂତି ଭାବେ ବିଚାର କରୁନାହାଁନ୍ତି। ଅନେକ ଛାତ୍ରଛାତ୍ରୀ ନିଜ ପସନ୍ଦ ବିରୋଧରେ ପାଠ ପଢ଼ନ୍ତି। କେଉଁ ପାଠ ପଢ଼ିଲେ ସହଜରେ ସେମାନେ ନିଯୁକ୍ତି ସୁଯୋଗ ପାଇବେ ସେଥିଲାଗି ସେମାନେ ଚିନ୍ତା କରୁଛନ୍ତି। ଅନେକ ସମୟରେ ବାପା-ମା'ଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେମାନେ ପାଠ ପଢ଼ୁଛନ୍ତି। ଯାହାର କଳାରେ ଦଖଲ ରହିଛି, ସେ ବିଜ୍ଞାନ ପଢ଼ୁଛି। ବିଫଳ ହେଲେ ସେ ଏଥିପାଇଁ ନିଜକୁ ଦୋଷୀ ବୋଲି ବିଚାର କରୁଛି ଏବଂ ଅନେକ ସମୟରେ ମାନସିକ ଚାପ ସହ୍ୟ କରିନପାରି ଆତ୍ମହତ୍ୟା ଭଳି ଏକ ଜଘନ୍ୟ ପଥ ଆପଣାଉଛି। ଏହା ସମଗ୍ର ଦେଶ ପାଇଁ ଏକ ଚିନ୍ତାର କାରଣ ହୋଇଛି। ଛାତ୍ର ସମାଜକୁ ଏଥିରୁ ଉଦ୍ଧାର କରିବା ଜରୁରୀ। ସେମାନଙ୍କୁ ବିନା ଚାପରେ ନିଜ ଇଚ୍ଛା ମୁତାବକ ପାଠ ପଢ଼ିବାକୁ ସୁଯୋଗ ଦିଆଯିବା ଜରୁରୀ। ସଫଳତା ଆପେ ଆପେ ଆସିଯିବ। ବଡ଼ ଚାକିରୀ କରିବା ଶିକ୍ଷାର ଲକ୍ଷ୍ୟ ନୁହେଁ। ନିଜକୁ ଉପଯୁକ୍ତ ଭାବେ ଗଢ଼ିବା ଏବଂ ଏକ ନିର୍ଦ୍ଦିଷ୍ଟ ବିଷୟରେ ନିପୁଣ ହେବା ଶିକ୍ଷାର ଉଦ୍ଦେଶ୍ୟ। ଜୀବନରେ ପରିପକ୍ୱତା ଆଣିବା ଶିକ୍ଷାର ଲକ୍ଷ୍ୟ। ସ୍କୁଲ କଲେଜର ପାଠ ସବୁକିଛି ନୁହେଁ। ଜୀବନରେ ଅନେକ ପରୀକ୍ଷା ଆସିବ। ସବୁ ପରୀକ୍ଷାରେ ଆମେ ନିଜ ଶତ ପ୍ରତିଶତ ସଫଳତା ପାଇବୁ ବୋଲି ଆଶା କରିବା ଅନୁଚିତ। ଗୋଟିଏ ପରୀକ୍ଷାରେ ବିଫଳ ହେଲେ ପରବର୍ତ୍ତୀ ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଉଚିତ। ବିଫଳତା ଲାଗି ଆତ୍ମହତ୍ୟା ଏକ ଅପରାଧ। ଏହା ହେଉଛି ଆତ୍ମସର୍ପଣ। ବିଫଳତା ଆଗରେ ମୁଣ୍ଡ ତଳକୁ ନକରି ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ହେଉଛି ପ୍ରକୃତ ବିଦ୍ୟାର୍ଥୀର ଧର୍ମ। ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ ପାଇଥାଆନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ ମେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲଢ଼େଇ କରିବାର ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢ଼ୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡ଼ୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍‌ଥିକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର। କୋ÷ଣସି କାରଣରୁ ସେମାନେ ପରୀକ୍ଷାରେ ସଫଳ ହୋଇପାରିନାହାଁନ୍ତି। ହୁଏତ ସେମାନଙ୍କ ପାଇଁ ଅନ୍ୟ ରାସ୍ତା ଉନ୍ମୁକ୍ତ ଥିବ। ଗୋଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ବୋଲି ଜୀବନ ଲକ୍ଷ୍ୟଚ୍ୟୁତ ହୋଇଗଲା ବୋଲି ଭାବିବା ଅନୁଚିତ। ସେମାନେ ଏଥିଲାଗି ଭାଙ୍ଗି ନପଡ଼ି ସାହସର ସହିତ ପୁଣି ଲଢ଼େଇ ପାଇଁ ପ୍ରସସ୍ତୁତ ହେବା ଉଚିତ। ଏଥିରେ ଶିକ୍ଷକ, ଅଭିଭାବକ ଓ ଅନ୍ୟ ଆତ୍ମୀୟଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନେ ମାନସିକ ଚାପରୁ ମୁକ୍ତ ହୋଇ ପରବର୍ତ୍ତୀ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଉତ୍ସାହିତ କରିବା ଉଚିତ। ଛାତ୍ରଛାତ୍ରୀମାନଙ୍କୁ ସେଥିପାଇଁ ଉତ୍ତମ କାଉନସେଲିଂର ଆବଶ୍ୟକତା ରହିଛି। ସ୍କୁଲ ସ୍ତରରୁ ଏହି କାଉନସେଲିଂ ଆବଶ୍ୟକ। ଏହା ଏକ ଛୋଟ ସମସ୍ୟା ବା ପ୍ରସଙ୍ଗ ନୁହେଁ। ଏହା ଏକ ଜାତୀୟ ସମସ୍ୟା। ଏଥିଲାଗି ପୁରା ସମାଜ ଚିନ୍ତା କରିବା ଉଚିତ। ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଲାଗି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ବାପା-ମା' ସେମାନଙ୍କୁ ନିଜ ଇଚ୍ଛାରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ କରିବା ଅନୁଚିତ। ଏବେ ସାରା ଦେଶରେ ପରୀକ୍ଷା ଋତୁ ଚାଲିଛି। ପିଲାମାନେ ଚାପରେ ଅଛନ୍ତି। ବର୍ଷ ତମାମ କଠିନ ପରିଶ୍ରମ କରି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେମାନଙ୍କୁ ଯେପରି ନିଜ ପରିଶ୍ରମ ଏବଂ ଅଧ୍ୟବସାୟର ଫଳ ମିଳିପାରିବ ସେଥିଲାଗି ସେମାନେ ଚିନ୍ତିତ। ସେମାନଙ୍କୁ ଚିନ୍ତାମୁକ୍ତ, ଚାପମୁକ୍ତ କରାଯିବା ଜରୁରୀ। ନୈରାଶ୍ୟରୁ ମୁକ୍ତ ହୋଇ ସେମାନଙ୍କ ଜୀବନରେ ଯେପରି ଆଶାର କିରଣ ସୃଷ୍ଟି ହେବ ସେଥିଲାଗି ସମାଜ ଉଦ୍ୟମ କରିବା ଉଚିତ। ଛାତ୍ର ସମାଜକୁ ନୈରାଶ୍ୟମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ।

# ଦିଲ୍ଲୀ ଦରବାର



## କିଶୋର ଚନ୍ଦ୍ର ବେହେରା

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ମାଧ୍ୟମରେ ଜନସାଧାରଣ ସେମାନଙ୍କର ଲୋକ ପ୍ରତିନିଧିମାନଙ୍କୁ ଚୟନ କରନ୍ତି। ଏକ ଅବାଧ, ମୁକ୍ତ, ସ୍ୱଚ୍ଛ ଓ ନୀରପେକ୍ଷ ସାବାଳକ ମତଦାନଭିତ୍ତିକ ନିର୍ବାଚନ ବ୍ୟବସ୍ଥା ହେଉଛି ଗଣତନ୍ତ୍ରର ମୂଳଦୁଆ। ନିର୍ବାଚିତ ଲୋକ ପ୍ରତିନିଧିମାନେ ମତଦାତାଙ୍କ ନିକଟରେ ବାସ୍ତବରେ ଉତ୍ତରଦାୟୀ। ରାଷ୍ଟ୍ରର ବିକାଶ ନିମନ୍ତେ ଉଭୟ ଜନପ୍ରତିନିଧି ଓ ଜନତା ମଧ୍ୟରେ ଉତ୍ତମ ଯୋଗାଯୋଗ ରହିବାର ଆବଶ୍ୟକତା ପଡ଼ିଥାଏ। ସାଧାରଣ ଜନତାଟିଏ ନିଜ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଶାସନ ଗାଦିରେ ବସାଇ ଥାଏ ଗଣତାନ୍ତ୍ରିକ ଅନୁଚିନ୍ତାକୁ ଆଖି ଆଗରେ ରଖି। ଏହି ପରିପ୍ରେକ୍ଷୀରେ ଦିଲ୍ଲୀରେ ୭୦ ସଂଖ୍ୟା ଆସନ ବିଶିଷ୍ଟ ବିଧାନ ସଭା ନିର୍ବାଚନ ଚଳିତ ମାସ ପାଞ୍ଚ ତାରିଖରେ ଅନୁଷ୍ଠିତ ହୋଇଯାଇଅଛି। ଉଭୟ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳମାନେ ବିଭିନ୍ନ ପ୍ରତିଶୃତି ଦେଇ ମତଦାତାଙ୍କ ନିକଟତର ହେବାକୁ ଚେଷ୍ଟା କରିବା ସହ ଦିଲ୍ଲୀ ଦରବାରକୁ ଅକ୍ତିଆର କରିବାରେ ଆପ୍ରାଣ ଉଦ୍ୟମ ଜାରି ରଖିଥିବାବେଳେ ତାହାର ଫଳାଫଳ ଚଳିତ ମାସ ଆଠ ତାରିଖରେ ସାର୍ବଜନୀନ ହେବାକୁ ଯାଉଛି। ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ଯେତିକି ଆତଙ୍କିତ ମତଦାତା ସେତିକି ଉତ୍କଣ୍ଠାର ସହ ଅପେକ୍ଷା କରିଛି କି'ଏ ଗଢ଼ିବ ସରକାର। ଦିଲ୍ଲୀରେ ହୋଇଛି ତ୍ରିମୁଖୀ ଲଢ଼େଇ ବିଜେପି, ଆପ୍ ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର। ମୋଟ ୬୯୯ ପ୍ରାର୍ଥୀ ମୈଦାନକୁ ଓହ୍ଲାଇଛନ୍ତି ଆପ୍ ଓ କଂଗ୍ରେସ ୭୦ ଆସନରେ ପ୍ରାର୍ଥୀ ଦେଇଛନ୍ତିଏନଡିଏ ମେଣ୍ଟରୁ ବିଜେପି ୬୮ ଆସନରେ ଲଢୁଛିବାକି ୨ ଆସନରେ ଲଢୁଛନ୍ତି ଜେଡିୟୁ ଓ ଏଲଜେପି(ଆର)ବିଏସ୍‌ପି ୭୦ ଓ ଏନ୍‌ସିପି ୩୦ ଆସନରେ ପ୍ରାର୍ଥୀ ଦେଇଛି। ତିନି ପ୍ରମୁଖ ଦଳ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିନାହାନ୍ତି। ଆପ୍ ବିଜୟୀ ହେଲେ କ୍ରେଜିୱାଲ ମୁଖ୍ୟମନ୍ତ୍ରୀ ହେବେ କି ନାହିଁ ସନ୍ଦେହ। ମୁଖ୍ୟମନ୍ତ୍ରୀ ଚେହେରା ନେଇ ବିଜେପି ଓ କଂଗ୍ରେସ କାର୍ଡ ଖୋଲିନାହାନ୍ତି ନିର୍ବାଚନ ଫଳାଫଳ ପରେ ମୁଖ୍ୟମନ୍ତ୍ରୀ ଚେହେରା ଉପରୁ ହଟିବ ପରଦା ଦିଲ୍ଲୀ ନୂଆ ନା ପୁରୁଣା ମୁଖ୍ୟମନ୍ତ୍ରୀ ପାଇବ ତାହାକୁ ଅପେକ୍ଷା କରିଛନ୍ତି ଦିଲ୍ଲୀ ବାସିନ୍ଦା। ଗତ ଦୁଇଟି ନିର୍ବାଚନରେ ବାଜି ମାରିଛି ଆମ ଆଦମୀ ପାର୍ଟିକଂଗ୍ରେସର ଗଡ଼ ଭାଙ୍ଗି ଶାସନ କ୍ଷମତା ଅକ୍ତିଆର କରିଛି ଆପ୍ ୨୦୧୫ ଓ ୨୦୨୦ରେ ପୂର୍ଣ୍ଣ ବହୁମତ ସହ ସରକାର ଗଢିଥିଲା ଆପ୍ ୨୦୧୫ ନିର୍ବାଚନରେ ୬୭ଟି ଆସନ ଜିତିଥିଲା ବେଳେ ୬୨ ଆସନ ସହ ୨୦୨୦ରେ ଆପ୍ ସରକାର ଗଢ଼ିଥିଲା। ୨୦୨୪ ସେପ୍ଟେମ୍ବର ଯାଏଁ ମୁଖ୍ୟମନ୍ତ୍ରୀ ଥିଲେ ଅରବିନ୍ଦ କ୍ରେଜିୱାଲଉଭୟ ନିର୍ବାଚନରେ ବିଜେପି ଯଥାକ୍ରମେ ୩ ଓ ୮ ଆସନ ଜିତିଥିଲାଗତ ୨ଟି ନିର୍ବାଚନରେ ଦିଲ୍ଲୀରେ ଖାତା ଖୋଲିପାରିନି କଂଗ୍ରେସ।

ଶାସନ ଗାଦିରେ ବସିବା ପାଇଁ ପ୍ରମୁଖ ତିନି ରାଜନୈତିକ ଦଳ ଆପ୍ , କଂଗ୍ରେସ ଓ ବିଜେପି ଦିଲ୍ଲୀ ବାସିନ୍ଦାଙ୍କ ଦିଲ୍ ଜିତିବା ପାଇଁ ଅନେକ ପ୍ରତିଶୃତି ଓ ଦଳୀୟ ଇସ୍ତାହାର ପ୍ରକାଶିତ କରିଛନ୍ତି। ଆପ୍‌ର ୧୫ ଗ୍ୟାରେଣ୍ଟି ମଧ୍ୟରରୋଜଗାରର ଗ୍ୟାରେଣ୍ଟିମହିଳା ସମ୍ମାନ ଯୋଜନାରେ ପ୍ରତି ମହିଳାଙ୍କୁ ୨୧୦୦ ଟଙ୍କା ସଞ୍ଜିବନୀ ଯୋଜନାରେ ୬୦ ବର୍ଷରୁ ଅଧିକ ବୟସ୍କଙ୍କୁ ମାଗଣା ଚିକିତ୍ସା, ପାନୀୟଜଳ ବାବଦକୁ ଭୁଲ୍ ବିଲ୍ ଥିଲେ ଛାଡ଼୨୪ ଘଣ୍ଟା ପାନୀୟ ଜଳ ଯୋଗାଣୟୁରୋପ ଭଳି ହେବ ଦିଲ୍ଲୀ ସଡ଼କଯମୁନା ନଦୀର ପାଣି ପରିଷ୍କାର ହେବଡକ୍ଟର ଆମ୍ବେଦକର ସ୍କଲାରସିପ୍ ଯୋଜନାର ଆରମ୍ଭଛାତ୍ରଛାତ୍ରୀଙ୍କୁ ମାଗଣା ବସ୍ ଯାତ୍ରା, ଦିଲ୍ଲୀ ମେଟ୍ରୋ ଭଡ଼ାରେ ରିହାତିପୂଜାରୀ ଓ ଗ୍ରନ୍ଥୀ ସମ୍ମାନ ଯୋଜନାରେ ପ୍ରତିମାସ ୧୮ ହଜାର ଟଙ୍କାଦିଲ୍ଲୀରେ ଭଡ଼ାଟିଆଙ୍କୁ



ମାଗଣା ବିଜୁଳି ଓ ପାଣି ସୁବିଧାପୁରୁଣା ସ୍ୱେରେଜକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତିନୂଆ ରାସନକାର୍ଡ ହିତାଧିକାରୀ ଚିହ୍ନଟ କରାଯିବ ଅଟୋଚାଳକଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା, ଝିଅଙ୍କ ବିବାହ ପାଇଁ ୧ ଲକ୍ଷ ଓ ପିଲାଙ୍କୁ ମାଗଣା କୋଚିଂ। ସେହିପରି ବିଜେପିର ସଂକଳ୍ପପତ୍ରରେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରଭାବୀ ଓ ଦୁର୍ନୀତିମୁକ୍ତ କରାଯିବ। ମହିଳା ସମୃଦ୍ଧି ଯୋଜନାରେ ଗରିବ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା। ମୁଖ୍ୟମନ୍ତ୍ରୀ ମାତୃତ୍ୱ ସୁରକ୍ଷା ଯୋଜନାରେ ଗର୍ଭବତୀଙ୍କୁ ୨୧ ହଜାର ଟଙ୍କା। ଗରିବ ମହିଳାଙ୍କୁ ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ଓ ଦୀପାବଳି ଓ ହୋଲିରେ ମାଗଣାରେ ଗୋଟିଏ ଲେଖାଏଁ ସିଲିଣ୍ଡର ପ୍ରଦାନ। ଆୟୁଷ୍ମାନ ଯୋଜନାରେ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବୀମାରେ ଅତିରିକ୍ତ ୫ ଲକ୍ଷର ମାଗଣା ଚିକିତ୍ସା। ଜେ.ଜେ. କ୍ଲଷ୍ଟରରେ ଅଟଳ କ୍ୟାଣ୍ଟିନ୍‌ରେ ୫ ଟଙ୍କାରେ ମିଲ୍ ସ୍ୱାସ୍ଥ୍ୟ, ଯାତାୟତ, ବିଜୁଳି, ପାନୀୟଜଳ ସହ ଜଡ଼ିତ ସମସ୍ୟାର ତ୍ୱରିତ୍ୱ ସମାଧାନ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଓ ପୂର୍ବ ସରକାର କରିଥିବା ଦୁର୍ନୀତିର ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କେଜିରୁ ପିଜି ପର୍ଯ୍ୟନ୍ତ ସରକାରୀ ଶିକ୍ଷାନୁଷ୍ଠାନରେ ମାଗଣା ଶିକ୍ଷା ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତି ପାଇଁ ବାର୍ଷିକ ୧୫ ହଜାର ଟଙ୍କା। ବି.ଆର ଆମ୍ବେଦକର ଷ୍ଟାଇପେଣ୍ଡ ଯୋଜନାରେ ମାସିକ ୧୦୦୦ ଟଙ୍କା। ପିଏମ ସ୍ୱନୀଧି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟାକୁ ଦୁଇଗୁଣା ଲକ୍ଷ୍ୟ। ଅଟୋ, ଟ୍ୟାକ୍ସି ଚାଳକ ଓ ଘରୋଇ ସହାୟକଙ୍କ ପାଇଁ ୱେଲଫେୟାର ବୋର୍ଡ ଗଠନ ଓ ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ରାଶି ୬ ହଜାରରୁ ୯ ହଜାରକୁ ବୃଦ୍ଧି। କଂଗ୍ରେସର ଘୋଷଣାନାମାରେ ସରକାର ଗଠନର ୬ ମାସ ମଧ୍ୟରେ ଲୋକପାଳ ବିଲ୍ ମହିଳାଙ୍କ ପାଇଁ "ପ୍ୟାରୀ ଦିଦି ଯୋଜନା" । ଗରିବ ପରିବାରର ଜଣେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କାସମସ୍ତ ନାଗରିକଙ୍କୁ ୨୫ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା। ବେକାର ଯୁବକ ଯୁବତୀଙ୍କୁ ଘରୋଇ କ୍ଷେତ୍ରରେ ୧ ବର୍ଷର ଆପ୍ରେଣ୍ଟିସିପ୍ ଚାକିରି ମିଳିବା ଯାଏ ମାସିକ ମିଳିବ ୮,୫୦୦ ଟଙ୍କାର ଷ୍ଟାଇପେଣ୍ଡ। ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ସହ ମାଗଣାରେ ରାସନ କିଟ୍‌୫ କିଲୋ ଚାଉଳ, ୨ କିଲୋ ଚିନି, ୧ ଲିଟର ଖାଇବା ତେଲ, ୬ କିଲୋ ଡାଲି ସମସ୍ତ ପରିବାରକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି। ଆସିବ ଶୀଲା ଦୀକ୍ଷିତଙ୍କ ସମୟରେ ଥିବା ଜନକଲ୍ୟାଣକାରୀ ଯୋଜନା ଅନୁସୂଚିତ ଜାତି ବର୍ଗଙ୍କୁ ଆର୍ଥିକ ସଶକ୍ତ କରିବାକୁ ୧୫% ସରକାରୀ କାମ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଛାତ୍ର ବୃତ୍ତି ରାଶି ବୃଦ୍ଧି। ସରକାରୀ ସଂସ୍ଥାରେ ଜନସଂଖ୍ୟା ଆଧାରରେ ଓବିସି ବର୍ଗର ପ୍ରତିନିଧିତ୍ୱ ଓବିସି ବର୍ଗ ପାଇଁ ସଂରକ୍ଷଣକୁ ସୁନିଶ୍ଚିତ କରିବାମଣ୍ଡଳ ଆୟୋଗର ପ୍ରତିଟି ସୁପାରିଶ ଲାଗୁ ହେବପାରମ୍ପରିକ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ପାଇଁ ଋଣ ପ୍ରଦାନ।

ଯଦି ଆମେ ଏକଜିଟ ପୋଲ ଆଧାରରେ କଥା ହେବା, ତେବେ କିଛି ଲୋକ ଭାଜପା ସରକାର ଗଠନ କରିବ ବୋଲି ଦେଖାଉଛନ୍ତି। ସେହି ସମୟରେ, କେତେକ ଲୋକ କହୁଛନ୍ତି ଯେ ଆମ ଆଦମୀ ପାର୍ଟି ଲଗାତାର ତୃତୀୟ ଥର ପାଇଁ ସରକାର ଗଠନ କରିବ। ନିଷ୍ପତ୍ତି କ'ଣ ହେବ, ତାହା ଫେବୃଆରୀ ୮ ତାରିଖରେ ଜଣାପଡିବ। ବିଧାନସଭାରେ ମୋଟ ୭୦ଟି ଆସନ ଅଛି। ବହୁମତ ସଂଖ୍ୟା ହାସଲ କରିବା ପାଇଁ, ଯେକୌଣସି ଦଳକୁ ସରକାର ଗଠନ କରିବା ପାଇଁ ଅଧାରୁ ଅଧିକ ଅର୍ଥାତ ଅତି କମରେ ୩୬ ଆସନ ଆବଶ୍ୟକ ହେବ। ଯଦି ଆମେ ଏକଜିଟ ପୋଲ ଆଧାରରେ କଥା ହେବା, ତେବେ କଂଗ୍ରେସ ତା'ର ଖାତା ଖୋଲିବା ପରି ମନେ ହେଉନାହିଁ। ସରକାର ଗଠନ ପାଇଁ ଭାଜପା ଏବଂ ଆମ ଆଦମୀ ପାର୍ଟି ମଧ୍ୟରେ ଟଣାଓଟରା ଦେଖାଯାଉଛି। କିନ୍ତୁ ଯଦି ଉଭୟ ଦଳ ୩୫-୩୫ ଆସନ ପାଆନ୍ତି ତେବେ କ'ଣ ହେବ? ଯେତେବେଳେ ସରକାର ଗଠନ ପାଇଁ ୩୬ଟି ଆସନ ଆବଶ୍ୟକ। କିମ୍ବା ଧରାଯାଉ କଂଗ୍ରେସ କିମ୍ବା ଅନ୍ୟମାନେ ଦୁଇଟି ଆସନ ପାଆନ୍ତି। ଏବଂ ଭାଜପା ଏବଂ ଆମ ଆଦମୀ ପାର୍ଟି ୩୪-୩୪ ଆସନ ପାଆନ୍ତି। ତା'ପରେ ମଧ, ଏପରି ପରିସ୍ଥିତିରେ କ'ଣ ହେବ? ଯଦି କୌଣସି ଦଳ ବହୁମତ ପାଏ ନାହିଁ ଏବଂ ମେଣ୍ଟ ସରକାର ମଧ ନିଜର ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାକୁ ଅସମର୍ଥ ହୁଏ। ତେବେ ଏପରି ପରିସ୍ଥିତିରେ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇପାରେ। ଏପରି ପରିସ୍ଥିତିରେ, ଦିଲ୍ଲୀ ବିଧାନସଭାକୁ ସ୍ଥଗିତ ରଖାଯିବ। ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଭାବରେ, ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କୁ ଦିଲ୍ଲୀର ଦାୟିତ୍ୱ ଦେବେ। ବେଳେ ବେଳେ ଘର ବାହୁଡ଼ା ମତାମତ ଭୁଲ ପ୍ରମାଣିତ ହୋଇଯାଏ ପ୍ରକୃତ ମତଦାନ ସଂଖ୍ୟା ଠାରୁ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**


# ପ୍ରୟାଗକୁ ରକ୍ଷା କରିଥିଲା କୁମ୍ଭମେଳା



## ତ୍ରିନାଥ ଓଝା

ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ। ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ, ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭର ବିକାଶର ଗାଥା ଅସୀମ ଓ ଅକଳ୍ପନୀୟ। ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ। ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି ଆଧାତ୍ମିକ ମହତ୍ୱ ବି ସେତିକ। ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ଉଲ୍ଲେଖ ରହିଛି। କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳା। ହିନ୍ଦୁ ଧର୍ମ ସମେତ ବିଶ୍ୱର ଅନ୍ୟ କେତେକ ଧର୍ମ ଓ ସମ୍ପ୍ରଦାୟରେ ପବିତ୍ର ସ୍ନାନ ବିଷୟରେ ଉଲ୍ଲେଖ ରହିଛି। ତେବେ ସଙ୍ଗମ ନଗରୀରେ ଆୟୋଜିତ କୁମ୍ଭମେଳା ବିଶେଷକରି ୧୪୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ମହାକୁମ୍ଭ ମେଳାରେ ପବିତ୍ର ସ୍ନାନରେ ଧାର୍ମିକ ଓ ଆଧାତ୍ମିକ ଗୁରୁତ୍ୱ ରହିଛି। ଆମେ ପୂର୍ବରୁ ଉଲ୍ଲେଖ କରିଥିଲୁ ଯେ ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ମେଳାର ଏହା ମାନ୍ୟତା ପାଇଛି। ବିଶ୍ୱାସ ଯେଉଁଠି ଭଗବାନ ସେଇଠି। ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ଏହି ପ୍ରୟାଗରାଜ କୁମ୍ଭମେଳା। ସମଗ୍ର ବିଶ୍ୱରେ ବଡ଼ ଆଲୋଚ୍ୟ ଖବର ଭାବେ ଏବେ ଏହି ସର୍ବବୃହତ୍ ଧାର୍ମିକ ମେଳା। ସର୍ବ ଧର୍ମର ପ୍ରତୀକ ଏ ମେଳା ହେଉଛି ଭବ୍ୟ, ଦିବ୍ୟ ଓ ଏକତାର ମହାକୁମ୍ଭ। ଆର୍ଯ୍ୟବର୍ତ୍ତ ଭାରତର ଭିନ୍ନ ଏକ ଆଧାତ୍ମିକତା ଓ ଏକତାର ଏ ହେଉଛି ସ୍ପର୍ଦ୍ଧିତ ଜୟଯାତ୍ରା।

କୁମ୍ଭମେଳା ଆୟୋଜିତ ହେଉଥିବା ପ୍ରୟାଗରାଜ ଉପରେ ଅଧିକ ତଥ୍ୟ ଓ ବିଶେଷକରି ତତ୍କାଳୀନ ଇଂରେଜ ସରକାରଙ୍କ ସମୟରେ କୁମ୍ଭମେଳା ସମ୍ପର୍କରେ ଆମେ ଅଧିକ ଜାଣିବା ପାଇଁ ବିଭିନ୍ନ ପୁସ୍ତକ ଓ ସୋସିଆଲ ମିଡ଼ିଆର ସହାୟତା ନେଇଥିଲୁ। ତଥ୍ୟରୁ ଯାହାଜଣା ପଡ଼ିଥିଲା ବ୍ରିଟିଶ ପ୍ରଶାସନ ୧୮୫୮ ମସିହାରେ ପ୍ରଥମେ ସ୍ୱୀକୃତି ପ୍ରାପ୍ତ କୁମ୍ଭମେଳାର ଆୟୋଜନ କରିଥିଲେ। ତେବେ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ଭିଡ଼ ଦେଖି ବ୍ରିଟିଶ ଅଧିକାରୀମାନେ ସ୍ନାନ କର୍ମ ପାଇଁ ଘାଟ ଓ ପରିମଳ ବ୍ୟବସ୍ଥା ଭଳି ମୌଳିକ ଆବଶ୍ୟକତା ଉପରେ ସୁଧାର ଆଣିଥିଲେ ଏବଂ ଏହି ବ୍ରିଟିଶ ଶାସନ ସମୟରେ ପ୍ରୟାଗରାଜ ଯାତ୍ରା ପାଇଁ ସ୍ୱତନ୍ତ୍ର ଭାବରେ କୁମ୍ଭ ସ୍ପେସାଲ ଟ୍ରେନର ବ୍ୟବସ୍ଥା କରାଯାଇଥିଲା। ତେବେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ଭାରତ ସରକାର ମହାକୁମ୍ଭର ଆୟୋଜନ ନିଜ ହାତକୁ ନେଇଥିଲେ। ଆମେ ପ୍ରୟାଗରାଜର କୁମ୍ଭମେଳା ଏବଂ ଇଂରେଜ ମାନଙ୍କ ଭୂମିକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଯେଉଁ ପୁସ୍ତକର ସାହାଯ୍ୟ ନେଇଥିଲୁ ସେଥିରେ ଯେଉଁ ତଥ୍ୟ ଉଲ୍ଲେଖ ରହିଛି ତାହା ସହୃଦୟ ପାଠକମାନେ ଜାଣିଲେ ଆଶ୍ଚର୍ଯ୍ୟଚକିତ ହୋଇଯିବେ। ଖୋଦ ବ୍ରିଟିଶ ସରକାରଙ୍କ ସମୟରେ ଏପରି ଏକ ଅଭାବନୀୟ ପରିସ୍ଥିତି ଓ ପରିପାର୍ଶ୍ୱିକ ଘଟଣାବଳୀ ସୃଷ୍ଟି ହୋଇଥିଲା ଯେ ଏହି କୁମ୍ଭମେଳା ହିଁ ଏକଦା ପ୍ରୟାଗକୁ ବଞ୍ଚାଇ ଦେଇଥିଲା। ଆମେ ଏହି ଆଲୋଚନା କଲାବେଳେ ସିପାହୀ ବିଦ୍ରୋହ ପ୍ରସଙ୍ଗ ଏଠାରେ ଉଲ୍ଲେଖ କରୁଛୁ। କାରଣ ସିପାହୀ ବିଦ୍ରୋହ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଉପରେ ଭାରତୀୟ ସିପାହୀମାନେ ଅନେକ କାରଣ ବଶତଃ କ୍ଷୁବ୍ଧ ହୋଇଥିଲେ ଓ ସେମାନେ ପ୍ରତିଶୋଧ ପରାୟଣ ମଧ ହୋଇଥିଲେ। ସେ ସମୟରେ ସେମାନଙ୍କୁ ସହଯୋଗ କରିଥିଲେ ପ୍ରୟାଗର ତତ୍କାଳୀନ ପ୍ରାଧାନ୍ୟ ଥିବା ବ୍ରାହ୍ମଣ ଓ ପଣ୍ଡିତମାନେ।

ଆଜିର ପ୍ରୟାଗରାଜକୁ ସେତେବେଳେ ଆହ୍ଲାବାଦ ଭାବେ ସମସ୍ତେ ଜାଣୁଥିଲେ। ଏହି ପ୍ରମୁଖ ଅଞ୍ଚଳଟି ଇଷ୍ଟ ଇଣ୍ଡିଆ କମ୍ପାନୀ ଅଧୀନକୁ ଆସି ଯିବା ପରେ ବ୍ରିଟିଶ ସରକାର ପ୍ରୟାଗର ସେ ସମୟରେ ଅନୁଷ୍ଠିତ ମାଘ ମେଳାରେ ଆସୁଥିବା ଶ୍ରଦ୍ଧାଳୁ, ତୀର୍ଥଯାତ୍ରୀ ଏପରିକି ସାଧୁସନ୍ଥଙ୍କ ଉପରେ କର ବସାଇବା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବିଚାର କରିଥିଲେ। ଯେଉଁମାନେ ଏକ ମାସ ପର୍ଯ୍ୟନ୍ତ ସେଠାରେ ରହିବେ ସେମାନଙ୍କୁ ବାଧତାମୂଳକ ଭାବେ ଜଣ ପିଛା ଏକ ଟଙ୍କା ଲେଖାଏଁ ଟିକସ ଦେବାକୁ ପଡ଼ିବ ବୋଲି ଘୋଷଣା ହେଲା। ଏପରିକି ଯେଉଁମାନେ ପବିତ୍ର ମାଘ ସ୍ନାନ କରି ମୁଣ୍ଡନ ହେବେ ସେମାନଙ୍କ ଠାରୁ ଆରମ୍ଭ କରି ମୁଣ୍ଡନ କରୁଥିବା ନାପିତ, ସ୍ଥାନୀୟ ଫୁଲ, ଭୋଗ ଓ ମିଷ୍ଟାନ୍ନ ଦୋକାନୀଙ୍କ ପାଇଁ ମଧ ଧାର୍ଯ୍ୟ ଟିକସର ବ୍ୟବସ୍ଥା ହେଲା ଏବଂ ଏହି ଟିକସକୁ କଡ଼ାକଡ଼ି ଭାବେ ଆଦାୟ କରିବା ପାଇଁ ପବିତ୍ର ସଙ୍ଗମ ସ୍ଥଳରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ଚୌକୀଦାର ପ୍ରହରୀ ରହିବାର ବ୍ୟବସ୍ଥା କରାଗଲା। ହିନ୍ଦୁମାନଙ୍କର ଆସ୍ଥା ଓ ବିଶ୍ୱାସର ପବିତ୍ର ତ୍ରିବେଣୀ ସଙ୍ଗମରେ ପୂଜକ ଓ ପଣ୍ଡିତ ମାନଙ୍କ ଅଧିକାରକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଛଡ଼ାଇ ନେବାକୁ ସେମାନେ ଆଦୌ ସହ୍ୟ କରିପାରିଲେ ନାହିଁ। ଏ ନେଇ ତୀବ୍ର ଅସନ୍ତୋଷ ଓ ଚାପା ଉତ୍ତେଜନା ତଥା ଅଭାବନୀୟ ପ୍ରତିକ୍ରିୟା ଦେଖାଗଲା।

୧୮୫୭ରେ ପ୍ରୟାଗର ପୂଜକ ଓ ବିଦ୍ରୋହୀ ସିପାହୀମାନଙ୍କୁ ବ୍ରିଟିଶ ସେନା ପରାସ୍ତ କରିଦେବା ପରେ ପ୍ରବଳ ପ୍ରତାପୀ ବ୍ରିଟିଶ ସେନା ବିରୁଦ୍ଧରେ ସଙ୍ଗମ ସ୍ଥଳରୁ ପଳାତକ ହୋଇଥିବା ପଣ୍ଡିତ ଓ ପୂଜକମାନେ ବିଭିନ୍ନ ଗାଁ ଭ୍ରମଣ କରି ସେମାନଙ୍କର ଯଜମାନ ମାନଙ୍କୁ ଛଅ ବର୍ଷ ବ୍ୟବଧାନରେ ମାଘ ମେଳାକୁ ଅର୍ଦ୍ଧ କୁମ୍ଭ ବୋଲି ଜଣାଇବାର ଭାବନା ଜାଗ୍ରତ କଲେ। ପରିସ୍ଥିତି ଏପରି ହେଲା ଯେ ଜନତାଙ୍କର ଏଭଳି ପ୍ରଚଣ୍ଡ ଧାର୍ମିକ ବିଶ୍ୱାସକୁ ତତ୍କାଳୀନ ବ୍ରିଟିଶ ସରକାର ଗ୍ରହଣ କରିବାକୁ ପ୍ରକାରାନ୍ତରେ ବାଧ ହେଲେ। ଏହି ସମୟରେ ବ୍ରିଟିଶ ସରକାରଙ୍କ ଲିପିବଦ୍ଧ ତଥ୍ୟ ଆମେ ଏଠାରେ ଉଲ୍ଲେଖ କରୁଛୁ। ପ୍ରୟାଗରେ ପ୍ରଥମ କୁମ୍ଭର ଉଲ୍ଲେଖ ୧୮୬୮ ମସିହାରେ। ଆହ୍ଲାବାଦର ତତ୍କାଳୀନ ଜିଲ୍ଲା ଶାସକ ରିକେଟ ସାହେବଙ୍କ ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା ଯେ - "ଆଉ ପଚିଶ ମାସ ପରେ ୧୮୭୦ ମସିହାରେ ଏଠାରେ ସ୍ଥାନୀୟ ଲୋକ ମାନଙ୍କର ଏକ ବିଶାଳ ମେଳା ଅନୁଷ୍ଠିତ ହେବ। ଯାହାର ନାମ କୁମ୍ଭମେଳା। ଏହାର ଚାଳିଶ ବର୍ଷ ପୂର୍ବେ ମଧ ୧୮୨୮ ମସିହାରେ ଇଷ୍ଟ ଇଣ୍ଡିଆ ଗେଜେଟରେ ହରିଦ୍ୱାରରେ ୧୨ ବର୍ଷ ବ୍ୟବଧାନରେ କୁମ୍ଭମେଳା ଏବଂ ପ୍ରୟାଗରେ ବାର୍ଷିକ ମାଘ ମେଳା ବିଷୟରେ ଉଲ୍ଲେଖ ରହିଛି। ଆମେ ଏ ପ୍ରସଙ୍ଗରେ ଲିପିବଦ୍ଧ ଅନ୍ୟ ଏକ ତଥ୍ୟ ମଧ ଉଲ୍ଲେଖ କରିବାକୁ ପ୍ରୟୋଜନ ମନେ କରୁଛୁ ତାହା ହେଉଛି କିଛି ପ୍ରାଚୀନ ଶିଳାଲେଖାରୁ ମିଳିଥିବା ପ୍ରାମାଣିକ ତଥ୍ୟ ଅନୁସାରେ ଏକଥା ମଧ ବିଶ୍ୱାସ କରାଯାଇଥାଏ ଯେ ମୌର୍ଯ୍ୟ ଓ ଗୁପ୍ତ ଯୁଗରେ ମଧ କୁମ୍ଭମେଳାର ଅସ୍ତିତ୍ୱ ଥିଲା। ଆଜିର ପ୍ରୟାଗରାଜରେ ଅନୁଷ୍ଠିତ ବିଶ୍ୱର ଏହି ବିରାଟ ବଡ଼ ଧାର୍ମିକ ସମାବେଶରେ ସମଗ୍ର ଭାରତ ଏକ ପ୍ରକାର ପ୍ରୟାଗରାଜରେ ଅଟକି ଯାଇଥିବାବେଳେ ସିପାହୀ ବିଦ୍ରୋହ ସମୟରେ ତତ୍କାଳୀନ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ମନମାନୀ, ଦୌରାତ୍ମ୍ୟ, ବାସ୍ତବିକ ବଡ଼ ଆଲୋଚ୍ୟ ପ୍ରସଙ୍ଗ।


**ଆବାହକ, ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ**
**ଧବଳେଶ୍ୱର ଗଡ଼ା, କଟକ, ମୋବାଇଲ୍: ୯୨୩୮୬୦୨୮୨୫**


# ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତି ଭାବେ



## ନିରୁପମା ଭୂୟାଁ

ଆମ ନିତିଦିନିଆ ଜୀବନରେ ଭଗବାନ ହିଁ ଆମର ସବୁ କିଛି। ଭଗବାନଙ୍କ ପ୍ରସଙ୍ଗରେ ଆଲୋଚନା କଲାବେଳେ ଶ୍ରୀମଦ ଭାଗବତର ସେଇ ସ୍ମରଣୀୟ ଧାଡ଼ିଟି ସ୍ମରଣ କରୁଛି 'ସକଳ ଧର୍ମ ଛାଡ଼ି ଯେବେ, ମୋତେ ଭଜନ୍ତି ଭକ୍ତିଭାବେ। ଯେ ସର୍ବଭାବେ ଭକ୍ତି ସାଧେ, ସଂସାର ତାହାକୁ ନ ବାଧେ। ଏ ବୋଲ ଯଦି ବୁଝି ତେବେ, ଆଶ୍ରା କରଇ ମୋର ଭାବେ। ସବ ସଂଶୟ ଦୂର କରି, ନିସ୍ତରେ ନର ଦେହ ଧରି। ଭକତି ଯୋଗ ସାଧ କରି, ଭବୁ ଭକତେ ଯାନ୍ତି ତରି। ଯୋଗୀଏ ଯୋଗମାର୍ଗେ ଭ୍ରମ, କେବଳ ହୋନ୍ତି ପଥଶ୍ରମୀ।' ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନା (କର୍ପୂର) ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ।

ଏହି ଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ ତାହା ପରମାତ୍ମାଙ୍କ ଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି। କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ। ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରି ପାରିବେ ନାହିଁ କାରଣ ନିଜ ସହିତ ମଧ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତାର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରୀକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ। ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହି ପାରନ୍ତି। ଯେତେବେଳେ ଏହି ପୁଷ୍ପ ଆମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ଆମ୍ଭମାନଙ୍କୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କରିବା ତାହାହେଲେ ପୂଜା ଗୃହରୁ ବାହାରି ଆସିଲା କ୍ଷଣି ମନରେ ଭକ୍ତି ରହିବନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବା ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ଈଷ୍ଟଙ୍କ ଆଶ୍ରୀତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।


**ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,**
**ମୋବାଇଲ୍: ୯୯୩୭୪୭୦୯୮୦**

# ସାଇବର ଠକେଇ ରୋକିବାକୁ ରିଜର୍ଭ ବ୍ୟାଙ୍କର ନୂଆ ଉପାୟ

**ମୁମ୍ବାଇ, ୭।୨:** ଦେଶରେ ସାଇବର ଠକେଇ ମାମଲା ବଢ଼ିଚାଲିଛି। ବ୍ୟାଙ୍କମାନେ ଯେତେ ସୁରକ୍ଷା ବ୍ୟବସ୍ଥା କଲେ ବି ଚୋରମାନେ ଅଭିନବ ଉପାୟ ବାହାର କରି ଲୋକମାନଙ୍କୁ ଠକିବାରେ ଲାଗିଛନ୍ତି। ଏବେ ସାଇବର ଠକେଇ ରୋକିବାକୁ ରିଜର୍ଭ ବ୍ୟାଙ୍କ କେତେକ ନୂଆ ପଦକ୍ଷେପ ଘୋଷଣା କରିଛି। ଶୁକ୍ରବାର ରିଜର୍ଭ ବ୍ୟାଙ୍କର ଦ୍ୱିମାସିକ ଋଣନୀତି ସମୀକ୍ଷା ଘୋଷଣା ସମୟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଂଜୟ ମାଲହୋତ୍ରା ଏସବୁ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛନ୍ତି। ପ୍ରଥମ ପଦକ୍ଷେପଟି ହେଉଛି ସମସ୍ତ ବ୍ୟାଙ୍କଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ପ୍ରକାରର ଇଣ୍ଟରନେଟ୍ ଡୋମେନ ନେମ ବ୍ୟବହାର କରାଯିବ। ଏହି ଡୋମେନର ନାଁ ହେଉଛି ବ୍ୟାଙ୍କ ଡଟ୍ ଇନ୍ (bank.in)। ଆସନ୍ତା ଏପ୍ରିଲ ମାସରୁ ଏହି ଡୋମେନ ନାମ ପାଇଁ ପଞ୍ଜୀକରଣ ଆରମ୍ଭ ହେବ। ସମସ୍ତ ବ୍ୟାଙ୍କଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ପ୍ରକାରର ଇଣ୍ଟରନେଟ୍ ଡୋମେନ ନେମ ବ୍ୟବହାର କରାଯିବ। ଏହି ଡୋମେନର ନାଁ ହେଉଛି ବ୍ୟାଙ୍କ ଡଟ୍ ଇନ୍ (bank.in)। ଆସନ୍ତା ଏପ୍ରିଲ ମାସରୁ ଏହି ଡୋମେନ ନାମ ପାଇଁ ପଞ୍ଜୀକରଣ ଆରମ୍ଭ ହେବ। ଏବେ ବ୍ୟାଙ୍କମାନେ ନିଜ ୱେବସାଇଟ ପାଇଁ ଡଟ୍ ଇନ କିମ୍ବା ଡଟ୍ କମ ଡୋମେନ ବ୍ୟବହାର କରୁଛନ୍ତି। କିନ୍ତୁ ସାଇବର ଠକମାନେ ସମାନ ପରି ଦେଖାଯାଉଥିବା ଡୋମେନ ବ୍ୟବହାର କରି ଠକେଇ କରୁଛନ୍ତି। ଏସବୁ ୱେବସାଇଟ ଗୁଡ଼ିକୁ ହଠାତ୍ ଦେଖିଲେ ବ୍ୟାଙ୍କଗୁଡ଼ିକର ଅଫିସିଆଲ ୱେବସାଇଟ ପରି ଦେଖାଯାଏ। ଏଣୁ ଏହା ମାଧ୍ୟମରେ ସେମାନଙ୍କୁ ଠକେଇ କରିବା ସହଜ ହୋଇଥାଏ। କିନ୍ତୁ ନୂଆ ବ୍ୟାଙ୍କ ଡଟ ଇନ ଡୋମେନ ଲାଗୁ ହେବା ପରେ ବ୍ୟାଙ୍କଗୁଡ଼ିକର ୱେବସାଇଟଗୁଡ଼ିକ ଅଧିକ ସୁରକ୍ଷିତ ହୋଇପାରିବ। ସାଇବର ଠକେଇ ରୋକିବାକୁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଆଉ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ତାହାହେଉଛି ଅନ୍ତର୍ଜାତୀୟ ଡିଜିଟାଲ ନେଣଦେଣ ପାଇଁ ଆଡିସନାଲ ଫାକ୍ଟର ଅଫ ଅଥେଣ୍ଟିକେସନ (ଏଏଫଏ) ବ୍ୟବହାର କରାଯିବ। ପୂର୍ବରୁ ଘରୋଇ ଡିଜିଟାଲ ନେଣଦେଣ ପାଇଁ ଏହାକୁ ଲାଗୁ କରାଯାଇଥିଲା।

## ୧୨ରେ ଆମେରିକା ଗସ୍ତ କରିବେ ମୋଦି

**ନୂଆଦିଲ୍ଲୀ,୭।୨:** ଫ୍ରାନ୍ସ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ କ୍ରମେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀ ୧୦-୧୨ ପର୍ଯ୍ୟନ୍ତ ଫ୍ରାନ୍ସ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ଏଠାରେ ଏଆଇ ସମ୍ମିଳନୀର ସହ-ଅଧ୍ୟକ୍ଷତା କରିବେ, ଯେଉଁଥିରେ ଆମେରିକାର ଉପରାଷ୍ଟ୍ରପତି ଏବଂ ଚୀନ୍‌ର ଉପପ୍ରଧାନମନ୍ତ୍ରୀଙ୍କ ସମେତ ଅନେକ ରାଷ୍ଟ୍ରମୁଖ୍ୟ ଯୋଗଦେବେ। ପ୍ରଧାନମନ୍ତ୍ରୀ ମୋଦି ୧୦ ଫେବୃଆରୀ ସନ୍ଧ୍ୟାରେ ପ୍ୟାରିସରେ ପହଞ୍ଚିବେ, ଯେଉଁଠାରେ ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦ୍ୱାରା ଆୟୋଜିତ ରାତ୍ରୀଭୋଜନରେ ଯୋଗଦେବେ। ଏହା ପରେ ମୋଦି ଆମେରିକା ଗସ୍ତ କରିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମୋଦି ଫେବୃଆରୀ ୧୨-୧୩ ତାରିଖରେ ଆମେରିକାକୁ ଏକ ସରକାରୀ ଗସ୍ତରେ ଯିବେ। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଶପଥ ନେବା ପରେ ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ଗସ୍ତ ହେବ। ନୂତନ ପ୍ରଶାସନ କ୍ଷମତାକୁ ଆସିବାର ତିନି ସପ୍ତାହ ମଧ୍ୟରେ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆମେରିକା ଗସ୍ତ ପାଇଁ ନିମନ୍ତ୍ରଣ କରାଯାଇଥିଲା, ଯାହା ଦୁଇ ଦେଶ ମଧ୍ୟରେ ଦୃଢ଼ ସମ୍ପର୍କକୁ ଦର୍ଶାଏ।

## ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ୧୧୦୦ ମାମଲା ରୁଜୁ

**ନୂଆଦିଲ୍ଲୀ,୭।୨:** ଦିଲ୍ଲୀ ବିଧାନସଭା ନିର୍ବାଚନ ଶେଷ ହୋଇଥିବା ବେଳେ ଶନିବାର ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ତେବେ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ପୋଲିସ ୧୧୦୦ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଏହି ମାମଲାରେ ଏବେ ସୁଦ୍ଧା ୩୫ ହଜାରରୁ ଅଧିକ ଲୋକଙ୍କୁ ଗିରଫ କିମ୍ବା ଅଟକ ରଖିଛି ପୋଲିସ। ଏନେଇ ଶୁକ୍ରବାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଏମସିସି ଲାଗୁ ହେବା ପରେ ଜାନୁଆରୀ ୭ ରୁ ଫେବୃଆରୀ ୬ ମଧ୍ୟରେ ଏହି ମାମଲା ରୁଜୁ କରାଯାଇଛି। ପୋଲିସ ୪୭୭ଟି ବେଆଇନ ବନ୍ଧୁକ ଏବଂ ୫୩୮ ଗୁଳି ଜବତ କରିଛି। ୪୯୯ ଜଣଙ୍କୁ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଗିରଫ କରାଯାଇଛି। ଏହା ସହ ଦିଲ୍ଲୀ ପୋଲିସ ୧,୧୫,୧୦୩ ଲିଟର ମଦ ଜବତ କରିଛି। ପ୍ରାୟ ୭୮ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୨୦୭ କେଜି ଡ୍ରଗ୍ସ, ୧୨୦୦ ରୁ ଅଧିକ ନିଶା ଇଞ୍ଜେକ୍ସନ ଧରାପଡ଼ିଥିବା ବେଳେ ଏହା ସହ ଜଡ଼ିତ ୧୭୯ ଜଣଙ୍କୁ ଗିରଫ କରିଛି। ୧୧.୭୦ କୋଟି ଟଙ୍କା ନଗଦ ଏବଂ ୩୭.୩୯ କିଲୋଗ୍ରାମ ରୂପା ମଧ ଜବତ କରାଯାଇଛି। ଦିଲ୍ଲୀର ସମସ୍ତ ୭୦ ବିଧାନସଭା ଆସନ ପାଇଁ ମତଦାନ ବୁଧବାର ଦିନ ହୋଇଥିଲା ଏବଂ ଭୋଟ୍ ଗଣନା ଶନିବାର (୮ ଫେବୃଆରୀ) ହେବାକୁ ଯାଉଛି। ଏସବୁ ଭିତରେ ଶୁକ୍ରବାର ଆପ୍ ବିରୋଧରେ ଦୁର୍ନୀତି ନିବାରଣ ବ୍ୟୁରୋ(ଏସିବି) ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିଜେପି ଆପ୍‌ର ପ୍ରାର୍ଥୀମାନଙ୍କୁ କିଣିବାକୁ ଚେଷ୍ଟା କରିଥିବା ଅଭିଯୋଗ କରିଥିଲେ କେଜ୍ରିଓ୍ୱାଲ ଏବଂ ସଂଜୟ ସିଂହ। ସେପଟେ ନିର୍ଦ୍ଦେଶ ମିଳିବା ପରେ ଏସିବି ଟିମ୍ ଆପ ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କ ବାସଭବନରେ ପହଞ୍ଚିଛି। ଗୁରୁବାର ଦିନ କେଜ୍ରିୱାଲ ଅଭିଯୋଗ କରିଥିଲେ ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ପୂର୍ବରୁ ବିଜେପି ୧୬ ଜଣ ଆପ ପ୍ରାର୍ଥୀଙ୍କୁ ନିଜ ପକ୍ଷ୍ୟକୁ ନେବାକୁ ଚେଷ୍ଟା କରୁଛି। ଆପ ପ୍ରାର୍ଥୀମାନଙ୍କୁ ବିଜେପି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା, ମନ୍ତ୍ରୀ ପଦ ଏବଂ ପକ୍ଷ ପରିବର୍ତ୍ତନ କଲେ ପ୍ରତ୍ୟେକଙ୍କୁ ୧୫ କୋଟି ଟଙ୍କା ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ସମାନ ଅଭିଯୋଗ ଆପ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ମଧ କରିଥିଲେ।

## ଟ୍ରମ୍ପଙ୍କୁ 'ଗୋଲଡେନ୍ ପେଜର' ଗିଫ୍ଟ କଲେ ନେତନ୍ୟାହୁ

**ୱାଶିଂଟନ, ୭।୨:** ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ଏହି ସପ୍ତାହରେ ଓଭଲ ଅଫିସରେ ଉଭୟ ନେତାଙ୍କ ସାକ୍ଷାତ୍ ହୋଇଥିଲା। ଏହି ସମୟରେ ଟ୍ରମ୍ପଙ୍କୁ ଗୋଲଡେନ୍ ପେଜର ଉପହାର ଦେଇଛନ୍ତି ନେତନ୍ୟାହୁ , ଯାହାର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି, ଗତ ବର୍ଷ ହିଜବୁଲ୍ଲାହର ବିରୋଧରେ ଇସ୍ରାଏଲ ଘାତକ ହମଲା ପାଇଁ ପେଜରର ବ୍ୟବହାର କରିଥିଲା। ପେଜରର ବ୍ୟବହାର କରି ଲେବାନନୀ ଆତଙ୍କବାଦୀ ଗ୍ରୁପ୍‌ର ସଦସ୍ୟଙ୍କୁ ଟାର୍ଗେଟ୍ କରାଯାଇଛି, ଯେଉଁଥିରେ ତାର ବେଶୀ କ୍ଷତି ହୋଇଥିଲା। ସୋସିଆଲ ମିଡ଼ିଆରେ ଭାଇରାଲ ଫଟୋରେ ପେଜରକୁ କଟା ହୋଇଥିବା ଗଛର ଗଣ୍ଡିରେ ରଖାଯାଇ ଥିବା ନଜର ଆସୁଛି। ଏହା ଉପରେ ଲେଖା ହୋଇଛି କି , 'ଦୁଇ ହାତରେ ଔଷଧ'। ପେଜର ସହ ସ୍ୱର୍ଣ୍ଣ ପଟ୍ଟିକା ମଧ୍ୟ ରଖାଯାଇଛି। ଯାହା ଉପରେ କଳା ଅକ୍ଷରରେ ଲେଖା ହୋଇଛି , ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମର ସବୁଠୁ ଭଲ ବନ୍ଧୁ ଓ ସବୁଠୁ ବଡ଼ ସହଯୋଗୀ। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ। ମିଡ଼ିଆ ରିପୋର୍ଟ ଅନୁସାରେ କୁହାଯାଇଛି କି, ଉପହାର ମିଳିବାକୁ ନେଇ ଟ୍ରମ୍ପ କହିଛନ୍ତି, ଏହା ଏକ ଭଲ ଅପରେସନ ରହି ଥିଲା। ଇସ୍ରାଏଲ ଗତ ବର୍ଷ ୧୭ ସେପ୍ଟେମ୍ବରରେ ହିଜବୁଲ୍ଲାହ ଉପରେ ଘାତକ ହମଲା କରିଥିଲା। ପୂରା ଲେବାନନରେ ହଠାତ୍ ପେଜର୍ସରୁ ବିପ୍ ବଜାଇବା ଆରମ୍ଭ ହୋଇ ଯାଇଛି। ଯେମିତି ଏହା ଉପରେ ଆସୁଥିବା ଏନକ୍ରିପ୍ଟେଡ୍ ମେସେଜ୍‌କୁ ପଢ଼ିବା ପାଇଁ ବଟନ ବଜାଇଲେ ବ୍ଲାଷ୍ଟ ହୋଇ ଯାଉ ଥିଲା। ଅନ୍ୟପଟେ , ଇସ୍ରାଏଲୀୟ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ କହିଛନ୍ତି କି ହମାସ ବିରୋଧରେ ଲଢେଇ ଇସ୍ରାଏଲର ପ୍ରତିବଦ୍ଧତା।

# 'ଘରୋଇ ହିଂସାରେ କୌଣସି ସମ୍ପର୍କୀୟଙ୍କୁ ଫସାଇବା ଭୁଲ'

**ନୂଆଦିଲ୍ଲୀ, ୭।୨:** ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ବିବାଦରେ ସ୍ୱାମୀଙ୍କ ସମ୍ପର୍କୀୟମାନଙ୍କୁ ମଧ ଅନାବଶ୍ୟକ ଭାବରେ ପକ୍ଷଭୁକ୍ତ କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଯଦି ଜଣେ ସମ୍ପର୍କୀୟ ଘରୋଇ ହିଂସା ମାମଲାରେ ହସ୍ତକ୍ଷେପ କରନ୍ତି ନାହିଁ, ତେବେ ତାଙ୍କୁ ଫୌଜଦାରୀ ମାମଲାରେ ଅଭିଯୁକ୍ତ କରିବାର ଆଧାର ହୋଇପାରିବ ନାହିଁ। ତେଲେଙ୍ଗାନାର ଏକ ମାମଲାରେ ସ୍ୱାମୀଙ୍କ ମାଉସୀ ଏବଂ ତାଙ୍କ ଝିଅକୁ ଆଶ୍ୱସ୍ତି ଦେବା ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ସମ୍ପୂର୍ଣ୍ଣ ମାମଲାରେ ସେମାନଙ୍କର କୌଣସି ଦୋଷ ନାହିଁ। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, 'ପାରିବାରିକ ମାମଲାରେ ଅଭିଯୋଗରେ ସମସ୍ତଙ୍କ ନାମ ସାମିଲ କରିବାର ପ୍ରବୃତ୍ତି ଭୁଲ।' ଯଦି କେହି ହିଂସା ସମୟରେ ଅଭିଯୋଗକାରୀଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରନ୍ତି ନାହିଁ, ତେବେ ଏହି ଆଧାରରେ ତାଙ୍କ



ନାମ ମାମଲାରେ ଯୋଡିବା ଠିକ୍ ନୁହେଁ।

ପୂର୍ବରୁ, ଭୁବନଗିରି ଜିଲ୍ଲାର ଏହି ମାମଲାରେ, ତେଲେଙ୍ଗାନା ହାଇକୋର୍ଟ ଅଭିଯୁକ୍ତ ତାଲିକାରୁ ସ୍ୱାମୀଙ୍କ ମାଉସୀ ଏବଂ ସମ୍ପର୍କୀୟ ଭଉଣୀଙ୍କ ନାମ ବାଦ ଦେବାକୁ ମନା କରିଦେଇଥିଲେ। ଯୌତୁକ ନିର୍ଯାତନା ଏବଂ ଧମକ ପାଇଁ ଉଭୟଙ୍କ ନାମରେ ମାମଲା ରୁଜୁ କରିବାକୁ କୁହାଯାଇଥିଲା, କିନ୍ତୁ ଆଜି ସୁପ୍ରିମକୋର୍ଟ ସେମାନଙ୍କୁ ଆଶ୍ୱସ୍ତି ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ଜଣେ ସମ୍ପର୍କୀୟ ନିର୍ଯାତନା ସମୟରେ ଚୁପଚାପ ରୁହନ୍ତି, ତେବେ ଏହା କୁହାଯାଇପାରିବ ନାହିଁ ଯେ ସେ ନିର୍ଯାତନାରେ ଭୂମିକା ଗ୍ରହଣ କରିଛନ୍ତି। ଜଣଙ୍କୁ ଅଭିଯୁକ୍ତ କରି ମାମଲା ରୁଜୁ କରିବା ପାଇଁ, ମାମଲାରେ ତାଙ୍କର ସ୍ପଷ୍ଟ ଭୂମିକା ରହିବା ଆବଶ୍ୟକ।" ଦୁଇ ଜଣିଆ ଖଣ୍ଡପୀଠ ପକ୍ଷରୁ ଏହି ନିର୍ଦ୍ଦେଶ ଦେବା ସମୟରେ ଜଷ୍ଟିସ୍ ଏନ କୋଟିଶ୍ୱର ସିଂହ ଏହା ମଧ କହିଛନ୍ତି ଯେ ଘରୋଇ ହିଂସା ମାମଲାଗୁଡ଼ିକୁ ସମ୍ବେଦନଶୀଳତାର ସହିତ ଦେଖିବା ଉଚିତ।

## ସମ୍ଭଲରେ ବୁଲଡୋଜର ମାମଲା
# ଆବେଦନର ଶୁଣାଣି କରିବାକୁ ଅଗ୍ରାହ୍ୟ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୭।୨:** ସମ୍ଭଲରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଦାୟର ଅବମାନନା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ଆହ୍ଲାବାଦ ହାଇକୋର୍ଟ ଯିବାକୁ କହିଛନ୍ତି। ଜଷ୍ଟିସ୍ ବି.ଆର. ଗଓ୍ୱଇ କହିଛନ୍ତି ଯେ, ଆପଣ ହାଇକୋର୍ଟ ଯାଇପାରନ୍ତି। ଯଦି ଅଧିକାରୀମାନେ କିଛି ଭୁଲ କରିଛନ୍ତି ତେବେ ସେମାନଙ୍କୁ ଜେଲ ପଠାନ୍ତୁ। ଏହି ଆବେଦନ ସମ୍ଭଲ ନିବାସୀ ମହମ୍ମଦ ଗୟୁର ଦାଖଲ କରିଥିଲେ।

ସମ୍ଭଲ ବାସିନ୍ଦା ମହମ୍ମଦ ଗୟୁରଙ୍କ ଦ୍ୱାରା ଦାୟର କରାଯାଇଥିବା ଆବେଦନରେ ଅଭିଯୋଗ କରାଯାଇଛି ଯେ ଗତ ବର୍ଷ ନଭେମ୍ବରରେ ସାରା ଦେଶରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ଅବମାନନା କରି ତାଙ୍କ କାରଖାନାକୁ ଭାଙ୍ଗି ଦିଆଯାଇଥିଲା। ବୁଲଡୋଜର କାର୍ଯ୍ୟାନୁଷ୍ଠାନ ପୂର୍ବରୁ କୌଣସି ନୋଟିସ ଦିଆଯାଇ ନଥିଲା କିମ୍ବା ନିଜ ପକ୍ଷ ରଖିବାକୁ କୌଣସି ସୁଯୋଗ ଦିଆଯାଇ ନଥିଲା। ଆବେଦନରେ ସମ୍ଭଲ ଡିଏମ୍ ରାଜେନ୍ଦ୍ର ପେନସିଆ, ଏସଡିଏମ୍, ସିଡିଓ ଏବଂ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ସେମାନଙ୍କ ବିରୋଧରେ ଅବମାନନା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।ଏହା ପୂର୍ବରୁ, ଆବେଦନକାରୀ ମହମ୍ମଦ ଗୟୁରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ଶୁଣାଣିକୁ କିଛି ସମୟ ପାଇଁ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ ଏବଂ କହିଥିଲେ ଯେ ଯୁକ୍ତି କରୁଥିବା ଓକିଲ ବ୍ୟକ୍ତିଗତ ସମସ୍ୟାରେ ଅଛନ୍ତି। ସେ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ ଯେ ଗୋଟିଏ ସପ୍ତାହ ପରେ ମାମଲାର ଶୁଣାଣି ପାଇଁ ତାଲିକାଭୁକ୍ତ କରନ୍ତୁ। ତା'ପରେ ଖଣ୍ଡପୀଠ କହିଥିଲେ ଯେ ଆବେଦନକୁ ଗୋଟିଏ ସପ୍ତାହ ପରେ ଶୁଣାଣି ପାଇଁ ଉପସ୍ଥାପନ କରାଯିବା ଉଚିତ। ଆଇନଜୀବୀ ଚାନ୍ଦ କ୍ୟୁରେଶୀଙ୍କ ମାଧ୍ୟମରେ ଦାଖଲ କରିଥିବା ଆବେଦନରେ, ଆବେଦନକାରୀ ସୁପ୍ରିମକୋର୍ଟଙ୍କ ନଭେମ୍ବର ୧୩ ନିଷ୍ପତ୍ତିର ଉଲ୍ଲଂଘନ ଅଭିଯୋଗ କରିଛନ୍ତି।

## ଆପ୍‌ର 'ଅପରେସନ୍ ଲୋଟସ୍' ଅଭିଯୋଗ
# ତଦନ୍ତ ନିର୍ଦ୍ଦେଶ ଦେଲେ ଉପରାଜ୍ୟପାଳ

**ନୂଆଦିଲ୍ଲୀ, ୭।୨:** ଫଳାଫଳ ଆସିବା ପୂର୍ବରୁ ଦିଲ୍ଲୀରେ ବଡ଼ ଧରଣର ରାଜନୈତିକ ହଲଚଲ। ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳ ଆସିବା ପୂର୍ବରୁ, ସମସ୍ତ ୭୦ ପ୍ରାର୍ଥୀଙ୍କୁ ନେଇ ଏକ ବୈଠକ ଡାକିଥିଲେ ଆପ୍‌ର ସଂଯୋଜକ ଅରବିନ୍ଦ କେଜ୍ରିୱାଲ। ମିଳିଥିବା ସୂଚନା ମୁତାବକ, ଆମ୍ ଆଦମୀ ପାର୍ଟି ନିଜର ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ନେଇ ଏକ ବୈଠକ ଡାକି ବୈଠକରେ ବିଜେପିର 'ଅପରେସନ୍ ଲୋଟସ୍' ପ୍ରତି ସତର୍କ ରହିବାକୁ କହିଛି। ଏହାରି ମଧ୍ୟରେ ଦିଲ୍ଲୀର ଉପରାଜ୍ୟପାଳ ଭିକେ ସକ୍ସେନା ଶୁକ୍ରବାର ଦିନ ବିଜେପି ବିରୋଧରେ ଆମ ଆଦମୀ ପାର୍ଟି (ଆପ)ର "ଅପରେସନ ଲୋଟସ" ଅଭିଯୋଗର ତଦନ୍ତ କରିବାକୁ ଦୁର୍ନୀତି ନିବାରଣ ବ୍ୟୁରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରି ୫ ତାରିଖରେ ଅନୁଷ୍ଠିତ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଶନିବାର ଘୋଷଣା ହେବାକୁ ଥିବା ବେଳେ ତାହାର ଠିକ୍ ଗୋଟିଏ ଦିନ ପୂର୍ବରୁ ଏହି ଘଟଣା ଘଟିଛି।

ଗୁରୁବାର ଦିନ ଦଳର ସାଂସଦ ସଞ୍ଜୟ ସିଂହ ଦାବି କରିଥିଲେ ଯେ ବିଜେପି ସାତ ଜଣ ଆପ ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତନ କରିବା ପାଇଁ ୧୫ କୋଟି ଟଙ୍କା ପ୍ରଦାନ କରିଥିଲା। ସେମାନଙ୍କ ନାମ ପ୍ରକାଶ ନକରି ଅଭିଯୋଗ ଆଣିଛନ୍ତି ଯେ ବୁଧବାର ଦିନ ୭୦ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନ ହେବାର ଗୋଟିଏ ଦିନ ପରେ ପ୍ରାର୍ଥୀମାନେ ବିଜେପିରୁ ଫୋନ୍ କଲ୍ ମଧ ପାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୫ ତାରିଖରେ ପଡ଼ିଥିଲା ଦିଲ୍ଲୀ ଭୋଟ୍। ଆଉ ଏହାପରେ ଆସିଥିଲା ଏକଜିଟ୍ ପୋଲ୍। ଅଧିକାଂଶ ଏକଜିଟ୍ ପୋଲରେ ଏଥର ଦିଲ୍ଲୀରେ ବିଜେପି ସରକାର ଗଠନ କରୁଥିବା କୁହାଯାଉଛି, ହେଲେ ଏହି ଏକଜିଟ୍ ପୋଲ୍ ଉପରେ ପ୍ରଶ୍ନ ଉଠାଇଛନ୍ତି କେଜ୍ରିୱାଲ। ଏହାସହ ତାଙ୍କର କିଛି ନେତାଙ୍କ ପାଖକୁ ଫୋନ୍ ଆସିବା ଆରମ୍ଭ ହୋଇଯାଇଛି। ଆଉ ସେମାନଙ୍କୁ ୧୫ କୋଟି ଲେଖାଏ ଟଙ୍କା ଦେଇ, ନିଜ ଦଳରେ ସାମିଲ କରିବାକୁ ବିଜେପି ଚେଷ୍ଟା ଚଳାଇଥିବା ଅଭିଯୋଗ କରିଛନ୍ତି କେଜ୍ରିୱାଲ।



# ଅସଦାଚରଣ ପରେ ଗର୍ଭବତୀଙ୍କୁ ଚଳନ୍ତା ଟ୍ରେନରୁ ଠେଲିଦେଲେ ଦୁର୍ବୃତ୍ତ

**ନୂଆଦିଲ୍ଲୀ, ୭।୨:** ତାମିଲନାଡୁରେ ଦୁଇଜଣ ଯୁବକ ଜଣେ ଚାରି ମାସର ଗର୍ଭବତୀ ମହିଳାଙ୍କୁ ନିର୍ଯାତନା ଦେବା ଏବଂ ପରେ ତାଙ୍କୁ ଚଳନ୍ତା ଟ୍ରେନରୁ ଠେଲି ଦେବା ଅଭିଯୋଗ ହୋଇଛି। ଏହି ଘଟଣା ରାଜ୍ୟରେ ଉତ୍ତେଜନା ସୃଷ୍ଟି କରିବା ସହ ବିରୋଧୀ ଏବଂ ଶାସକ ଡିଏମକେ ମଧ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖିଥିବା ସାମ୍ନାକୁ ଆସିଛି। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ମହିଳାଜଣକ ଆନ୍ଧ୍ରପ୍ରଦେଶର ଚିତ୍ତୋରକୁ ଟ୍ରେନ ଯୋଗେ ଯାତ୍ରା କରୁଥିଲେ। ଶୁକ୍ରବାର ସକାଳ ସମୟରେ ଟ୍ରେନଟି ତିରୁପତ୍ତୁର ଜିଲ୍ଲାର ଜୋଲାରପେଟ୍ଟାଇ ପାର୍ ହେବା ପରେ ୨ଜଣ ଯୁବକ, ପୀଡ଼ିତାଙ୍କୁ ଟାର୍ଗେଟ କରିଥିଲେ। ମହିଳା ଜଣକ ଶୌଚାଳୟକୁ ଯାଉଥିବା ସମୟରେ ଦୁଇ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଅସଦାଚରଣର ଶିକାର ହେବା ପରେ ମହିଳା ଜଣକ ସାହାଯ୍ୟ ପାଇଁ ଚିତ୍କାର କରି ଶୌଚାଳୟ ଆଡ଼କୁ ଦୌଡ଼ିଥିଲେ। କିନ୍ତୁ ଅଭିଯୁକ୍ତମାନେ ତାଙ୍କ ପିଛା କରି ଭେଲୋର ଜିଲ୍ଲାରେ, କୋଏମ୍ବାଟୁର-ତିରୁପତି ଇଣ୍ଟରସିଟି ଏକ୍ସପ୍ରେସରୁ ପୀଡ଼ିତାଙ୍କୁ ଠେଲି ଦେଇଥିଲେ। ଏଭଳି ହେବା ପରେ ମହିଳାଙ୍କ ହାତ ଏବଂ ଗୋଡ଼ ଭାଙ୍ଗି ଯାଇଛି ଏବଂ ତାଙ୍କ ମୁଣ୍ଡରେ ମଧ ଆଘାତ ଲାଗିଛି। ତାଙ୍କୁ ତୁରନ୍ତ ଭେଲୋରର ଜିଲ୍ଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା କରାଯାଉଛି। ମହିଳା ଜଣକ କୋଏମ୍ବାଟୁରରେ ଏକ ପୋଷାକ କମ୍ପାନିରେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଏନେଇ ଅଭିଯୋଗ ହେବା ପରେ ରେଳ ସୁରକ୍ଷା ବଳ (ଆରପିଏଫ) ମାମଲାର ତଦନ୍ତ ଆରମ୍ଭ କରିଥିଲା ଏବଂ ଅପରାଧୀମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ହେମରାଜ ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ଏହି ମାମଲାରେ ଅଟକ ରଖି ପଚରାଉଚରା ପାଇଁ ନେଇଥିବା ଜଣାଯାଇଛି। ପୁଲିସ ଅନୁଯାୟୀ, ହେମରାଜ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କର ଅପରାଧିକ କାର୍ଯ୍ୟକଳାପର ଇତିହାସ ଅଛି।

# କୁମ୍ଭମେଳାରେ ପୁଣି ଅଗ୍ନିକାଣ୍ଡ



**ପ୍ରୟାଗରାଜ, ୭।୨:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ହୋଇଥିବା ମହାକୁମ୍ଭ ମେଳା ଅଞ୍ଚଳରେ ପୁଣି ଅଗ୍ନିକାଣ୍ଡ ଘଟିଛି। ସମୟ ଥାଉଥାଉ ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣ କରି ନେଇଥିବାରୁ ବିଶେଷ କିଛି କ୍ଷୟକ୍ଷତି ହୋଇ ନଥିଲା। ପୁଲିସ ଅଧିକାରୀ ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ କହିଛନ୍ତି,' ଯେ ନିଆଁ ଲାଗିବାର କିଛି ସମୟ ମଧ୍ୟରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। କୌଣସି ଜୀବନହାନି ହୋଇନାହିଁ। ଆର୍ଥିକ କ୍ଷତିର ଆକଳନ କରାଯାଉଛି। ଅଗ୍ନିକାଣ୍ଡର କାରଣ କ'ଣ ତାହା ଅଗ୍ନିଶମ ବାହିନୀର ବିଶେଷଜ୍ଞ ଦଳ ଜାଣିବାକୁ ଚେଷ୍ଟା କରୁଛନ୍ତି। ସେକ୍ଟର ୧୮ର ଶଙ୍କରାଚାର୍ଯ୍ୟ ମାର୍ଗରେ ଥିବା ହରିହରାନନ୍ଦ କ୍ୟାମ୍ପରେ ଏହି ଅଗ୍ନିକାଣ୍ଡ ଘଟିଥିଲା, ଏଠାରେ ବହୁ ସଂଖ୍ୟକ ସନ୍ଥ ଏବଂ ମହାତ୍ମା ବାସବାସ କରୁଛନ୍ତି। ପୁଲିସ, ଆରଏଏଫ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦଳଗତ କାର୍ଯ୍ୟ ମାଧ୍ୟମରେ କିଛି ସ୍ଥାନରେ ରାସ୍ତା ଅବରୋଧ କରିଥିଲେ ଏବଂ ଅନ୍ୟ ସ୍ଥାନରେ ରାସ୍ତା ପରିବର୍ତ୍ତନ କରିଥିଲେ।

### ନିଆଁକୁ ଆୟତ୍ତ କରିଥିଲେ ଅଗ୍ନିଶମ ବାହିନୀ

ଏପରି ଭାବେ ପରିସ୍ଥିତିକୁ ଆୟତ୍ତ କରାଯାଇଥିଲା। ଅନ୍ୟପକ୍ଷରେ, ଶୁକ୍ରବାର ସକାଳେ ମଧ ମହାକୁମ୍ଭ ନଗରର ସେକ୍ଟର-୧୯ ନିକଟସ୍ଥ ପୁରୁଣା ଜିଟି ରୋଡରେ ଥିବା ଏକ ଶିବିରରେ ଅଗ୍ନିକାଣ୍ଡ ଘଟିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

ଖବର ପାଇ ଦମକଳ ଗାଡ଼ିଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ। ଖାକ୍ ଚୌକ୍ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଯୋଗେଶ ଚତୁର୍ବେଦୀ କହିଛନ୍ତି ଯେ,' ପୁରୁଣା ଜିଟି ରୋଡର ତୁଳସୀ ଛକ ନିକଟରେ ଏକ କ୍ୟାମ୍ପରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ କର୍ମଚାରୀମାନଙ୍କ ଉଦ୍ୟମ ଯୋଗୁଁ ନିଆଁକୁ ଆୟତ୍ତ କରାଯାଇ ପାରିଥିଲା।

# ବାଣ କାରଖାନାରେ ବିସ୍ଫୋରଣ, ୪ ମୃତ



**କୋଲକାତା, ୭।୨:** ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଶୁକ୍ରବାର ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ୩ ଜଣ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଆଉ ଜଣେ ମହିଳା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣା କଲ୍ୟାଣୀର ରଥତଳା ଅଞ୍ଚଳର ଥିବା ଏକ ବାଣ କାରଖାନାରେ ଘଟିଛି।

ପୋଲିସ ସୂଚନା ଅନୁସାରେ, ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଆଖପାଖରେ ଥିବା ଘରଗୁଡ଼ିକ ମଧ କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣ ପରେ ସମଗ୍ର ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ବିସ୍ଫୋରଣ ସ୍ଥଳରୁ ୪ ଜଣଙ୍କୁ ଉଦ୍ଧାର କରାଯାଇଥିଲା। କିନ୍ତୁ ଯେତେବେଳେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ଆହତ ହୋଇଥିବା ଜଣେ ମହିଳାଙ୍କ ଅବସ୍ଥା ଏବେ ସଙ୍କଟାପନ୍ନ ରହିଛି। ସମସ୍ତ ମୃତକ ଏବଂ ଆହତଙ୍କୁ ଚିହ୍ନଟ କରାଯାଉଛି। ସେମାନେ କାରଖାନାର କର୍ମଚାରୀ ଥିଲେ କି ନାହିଁ, ତାହା ଜାଣିବାକୁ ଆମେ ଚେଷ୍ଟା କରୁଛୁ ବୋଲି ପୋଲିସ ଅଧିକାରୀ କହିଛନ୍ତି। ବିସ୍ଫୋରଣ ପରେ କାରଖାନାରେ ନିଆଁ ଲାଗିଯିବାରୁ ସ୍ଥିତି ଆହୁରି ଭୟଙ୍କର ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପ୍ରାୟ ଦେଢ଼ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ।ବିସ୍ଫୋରଣର କାରଣ ଖୋଜିବା ପାଇଁ ଫୋରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ବିସ୍ଫୋରଣ କିପରି ହେଲା ଏବଂ କାରଖାନାରେ ବାଣ ତିଆରି ପାଇଁ ଆଇନଗତ ଲାଇସେନ୍ସ ଥିଲା କି ନାହିଁ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ରୁଷ ବିରୋଧରେ ଏକାଠି ହେଲେ ଦୁଇ ଚରମପନ୍ଥୀ ସିଆ ଗୋଷ୍ଠୀ

**ନୂଆଦିଲ୍ଲୀ,୭।୨:** ଜିଓ ପଲିଟିକ୍ସ ଦୁନିଆରେ ମଧ ଆକର୍ଷଣୀୟ ଖେଳ ଚାଲିଛି। ପ୍ରତ୍ୟେକ ଦେଶ ନିଜ ସ୍ୱାର୍ଥ ପୂରଣ ପାଇଁ ପଦକ୍ଷେପ ନେଇ ଚାଲିଥାଆନ୍ତି। ଏବେ ଭ୍ଲାଦିମିର ପୁଟିନଙ୍କ ପଦକ୍ଷେପ ଦେଖନ୍ତୁ, ଇସ୍ରାଏଲର ବନ୍ଧୁ ଆଜରବାଇଜାନ ତାର ଚିର ଶତ୍ରୁ ଇରାନ ସହିତ କାମ କରିବା ପାଇଁ ରୁଷ ପ୍ରକଳ୍ପରେ ରାଜି ହୋଇଛି। ରୁଷ ଏବଂ ଇରାନ ଆଜରବୈଜାନ ଦେଇ ଏକ ଗ୍ୟାସ ପାଇପଲାଇନ ବିଛାଇବାକୁ ରାଜି ହୋଇଛନ୍ତି। ଏହି ପ୍ରକଳ୍ପ ଉପରେ ଆଲୋଚନା ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରିପୋର୍ଟ ଅନୁଯାୟୀ, ଗ୍ୟାସ ଯୋଗାଣର ମୂଲ୍ୟ ଉପରେ ଏବେ ଆଲୋଚନା ଚାଲିଛି। ରୁଷର ଶକ୍ତି ମନ୍ତ୍ରୀ ସଗେଇ ସିଭିଲିଓଭ ଏନେଇ ସ୍ପଷ୍ଟ କରିଛନ୍ତି।

ରୁଷ ଖବର ଏଜେନ୍ସି 'ଟାସ୍'ର ରିପୋର୍ଟ ମୁତାବକ ରୁଷ ଶକ୍ତି ମନ୍ତ୍ରୀ କହିଛନ୍ତି ଯେ,'ଆମେ ଆଜରବାଇଜାନ ରାସ୍ତାରେ ଗ୍ୟାସ୍ ପାଇପଲାଇନ ବିଛାଇବାକୁ ସହମତି ପ୍ରକାଶ କରିଛୁ। ଏବେ ଆମେ ଆଲୋଚନାର ଶେଷ ପର୍ଯ୍ୟାୟରେ ଅଛୁ। ମୂଲ୍ୟ ଅନୁମୋଦନ ହୋଇସାରିଛି। ପରିମାଣ ପୂର୍ବରୁ ସ୍ଥିର ହୋଇସାରିଛି। ମୂଲ୍ୟ ନିର୍ଦ୍ଧାରଣ ସର୍ବଦା ଏକ ବାଣିଜ୍ୟିକ ପ୍ରସଙ୍ଗ ଏବଂ ଏଥିରେ ଆପୋଷ ବୁଝାମଣା ଖୋଜା ଚାଲିଛି, ତେଣୁ ଉଭୟ ପକ୍ଷରେ କାମ ପାଇଁ ଗୋଷ୍ଠୀ ଗଠନ କରାଯାଇଛି ଏବଂ ବିଶେଷଜ୍ଞମାନେ ମୂଲ୍ୟ ନିର୍ଦ୍ଧାରଣ ପାଇଁ ପଦ୍ଧତି ବିକଶିତ କରୁଛନ୍ତି।" ରୁଷ ଶକ୍ତି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ମୂଲ୍ୟ ନିର୍ଦ୍ଧାରଣ ପାଇଁ ମୌଳିକ ସମାଧାନ ହେଉଛି ଏକ ନିର୍ଦ୍ଦିଷ୍ଟ ଅନୁପାତ ସହିତ ତୈଳ ଏବଂ ଗ୍ୟାସର କ୍ୟାଲୋରିଫିକ୍ ମୂଲ୍ୟର ସମାନତା, ଯାହା ଉପରେ ଉଭୟ ପକ୍ଷ ମଧ୍ୟରେ ଏବେ ବି ମତଭେଦ ରହିଛି। ଏହା ପୂର୍ବରୁ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଥିଲେ ଯେ ରୁଷରୁ ଇରାନକୁ ଏକ ଗ୍ୟାସ ପାଇପଲାଇନ ନିର୍ମାଣ ପାଇଁ ଏକ ପ୍ରକଳ୍ପ ଉପରେ କାମ ଦ୍ରୁତ ଗତିରେ ଚାଲିଛି ଯାହା ପ୍ରଥମ ପର୍ଯ୍ୟାୟରେ ୨ ବିଲିୟନ କ୍ୟୁବିକ ମିଟର ଯୋଗାଣ କରିପାରିବ, ଏହାକୁ ୫୫ ବିଲିୟନ କ୍ୟୁବିକ ମିଟରକୁ ବଢ଼ାଇବାର ସମ୍ଭାବନା ରହିଛି। ପୁଟିନ କହିଥିଲେ ଯେ ରୁଷ ଏବଂ ଇରାନ ତୈଳ କ୍ଷେତ୍ରରେ ସହଯୋଗ ଉପରେ ମଧ ଆଲୋଚନା କରୁଛନ୍ତି। ସୂଚନାଥାଉକି, ଏହା ପୂର୍ବରୁ, ରୁଷିଆନ ତୈଳ କମ୍ପାନୀ ଗଜପ୍ରୋମ୍ ଏବଂ ଇରାନର ସରକାରୀ ଗ୍ୟାସ କମ୍ପାନୀ ୨୦୨୪ ଶେଷରେ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତିନାମା ଅନୁଯାୟୀ, ଏକ ରଣନୈତିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଏବଂ ଇରାନକୁ ରୁଷ ଗ୍ୟାସ ଯୋଗାଣ ପାଇଁ ଏକ ସଂଗଠନ ବିକଶିତ ହୋଇଥିଲା। ଏହା ବ୍ୟତୀତ, କମ୍ପାନୀ ଶକ୍ତି କ୍ଷେତ୍ରରେ ଭବିଷ୍ୟତର ସହଯୋଗ ପାଇଁ ଏକ ବୁଝାମଣାପତ୍ର ମଧ ସ୍ୱାକ୍ଷର କରିଥିଲା। ସେହିପରି, ଏହି



### ପୁଟିନଙ୍କ ଯୋଜନାରେ ଆମେରିକା ଛାନିଆ

ଚୁକ୍ତିର କିଛି ସମୟ ପରେ, ଇରାନ ପକ୍ଷରୁ କୁହାଯାଇଥିଲା ଯେ ପ୍ରତିଦିନ ପ୍ରାୟ ୩୦୦ ନିୟୁତ ଘନ ମିଟର ଗ୍ୟାସ ରୁଷିଆରୁ କାସ୍ପିଆନ ସାଗର ଦେଇ ଇରାନକୁ ଯୋଗାଣ କରାଯିବ। ଚୁକ୍ତିନାମାର ସର୍ତ୍ତାବଳୀ ଉପରେ ନିର୍ଭର କରି, ଇରାନ ନିଜ ବ୍ୟବହାର ବ୍ୟତୀତ ସଞ୍ଚୟ କରୁଥିବା ଗ୍ୟାସକୁ ଅନ୍ୟ ଦେଶକୁ ବିକ୍ରି କରିପାରିବ। ରିପୋର୍ଟ ଅନୁଯାୟୀ, ଏହି ଚୁକ୍ତି ୩୦ ବର୍ଷ ପାଇଁ କରାଯାଇଛି ଏବଂ ଏହା ଇରାନକୁ ବାର୍ଷିକ ପ୍ରାୟ ୧୦-୧୨ ବିଲିୟନ ଡଲାର ଦେବ। ରୁଷର ଉପପ୍ରଧାନମନ୍ତ୍ରୀ ଆଲେକଜାଣ୍ଡାର ନୋଭାକ ବର୍ତ୍ତମାନ କହିଛନ୍ତି ଯେ ମସ୍କୋ ଏବଂ ତେହେରାନ କତାର ଏବଂ ତୁର୍କମେନିସ୍ତାନର ଅଂଶଗ୍ରହଣରେ ଏକ ଶକ୍ତି କେନ୍ଦ୍ର ନିର୍ମାଣ କରିବାକୁ କାମ କରୁଛନ୍ତି। ଏହା ବ୍ୟତୀତ, ସେ ଏହା ମଧ କହିଛନ୍ତି ଯେ ଉତ୍ତର ଇରାନକୁ ଯୋଗାଣ ଆଦାନପ୍ରଦାନ ଏବଂ ଇସଲାମିକ୍ ଗଣରାଜ୍ୟର ଦକ୍ଷିଣରେ ଏକ ଇଲେକ୍ଟ୍ରୋନିକ୍ ଗ୍ୟାସ ବାଣିଜ୍ୟ ପ୍ଲାଟଫର୍ମ ସୃଷ୍ଟି କରିବାର ସମ୍ଭାବନା ଉପରେ ଆଲୋଚନା କରାଯାଉଛି। ୨୦୨୩ରେ, ତତ୍କାଳୀନ ଇରାନ ତୈଳ ମନ୍ତ୍ରୀ ଜାଭାଦ ଓଭଜି କହିଥିଲେ ଯେ ତେହେରାନ ଏବଂ ଗାଜପ୍ରୋମ ୪୦ ବିଲିୟନ ଡଲାରର ମିଳିତ ପ୍ରକଳ୍ପ ଚିହ୍ନଟ କରିଛନ୍ତି।

ଆମେରିକାର ପ୍ରତିବନ୍ଧକ ଯୋଗୁଁ ଇରାନ ଅନେକ ଅସୁବିଧାର ସମ୍ମୁଖୀନ ହେଉଛି। ବିଶ୍ୱର ଦ୍ୱିତୀୟ ବୃହତ୍ତମ ଗ୍ୟାସ୍ ଭଣ୍ଡାର ଥିବା ସତ୍ତ୍ୱେ, ଇରାନ ଏକ ଗୁରୁତର ଇନ୍ଧନ ସଙ୍କଟର ସମ୍ମୁଖୀନ ହେଉଛି। ଏହି ସଙ୍କଟ ଇରାନର ଘର, ଉତ୍ପାଦନ କ୍ଷେତ୍ର ଏବଂ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକୁ ଗମ୍ଭୀର ଭାବରେ ପ୍ରଭାବିତ କରୁଛି। ଗତ ବର୍ଷ ଶୀତ ଋତୁରେ, ଇରାନ ପ୍ରତିଦିନ ୯୦ ମିଲିୟନ କ୍ୟୁବିକ୍ ମିଟର ଗ୍ୟାସ୍ ଅଭାବର ସମ୍ମୁଖୀନ ହୋଇଥିଲା। ଏହି ଶୀତଦିନରେ ଉତ୍ପାଦନ ଏବଂ ବ୍ୟବହାର ମଧ୍ୟରେ ବ୍ୟବଧାନ ୩୦୦ ମିଲିୟନ କ୍ୟୁବିକକୁ ବୃଦ୍ଧି ପାଇବାର ଆଶା କରାଯାଉଛି।

# ବିରଳ କ୍ଲବରେ ଜାଡେଜା ; ସବୁ ଫର୍ମାଟରେ ୬୦୦ ୱିକେଟ୍



**ପୁନେ, ୭।୨:** ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ଦମଦାର ପ୍ରଦର୍ଶନ କରି ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏଥିରେ ଇଂଲଣ୍ଡ ବୋଲରଙ୍କୁ ଘାଇଲା କରିଥିଲେ ଭାରତୀୟ ବୋଲର। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ହାସଲ କରିଥିଲେ। ଏହି ସଫଳତା ସହ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ୬୦୦ ଅନ୍ତର୍ଜାତୀୟ ୱିକେଟ ହାସଲ କରିବାର ମାଇଲଖୁଣ୍ଟି ସ୍ଥାପନ କରିଛନ୍ତି। ଆଦିଲ ରସିଦଙ୍କୁ ନିଜ ତୃତୀୟ ୱିକେଟ ଭାବେ ଆଉଟ୍ କରିବାବେଳେ ଏହି ସଫଳତା ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ରବୀନ୍ଦ୍ର ଜାଡେଜା ସବୁ ଫର୍ମାଟରେ ୬୦୦ ୱିକେଟ୍ ହାସଲ କରିଥିବା ଖେଳାଳି ହୋଇଛନ୍ତି। ଟେଷ୍ଟରେ ୩୨୩, ଦିନିକିଆରେ ୨୨୪ଟି ୱିକେଟ ନେଇଥିବା ବେଳେ ଟି-ଟ୍ୱେଣ୍ଟିରେ ୫୩ଟି ୱିକେଟ ହାସଲ କରିଛନ୍ତି। ଏହି ସଫଳତା ସହ ସାର୍ ଜାଡେଜା ସବୁ ଫର୍ମାଟରେ ୬୦୦ୱିକେଟ୍ କ୍ଲବରେ ସାମିଲ ହୋଇଥିବା ପ୍ରଥମ ଭାରତୀୟ ବାମହାତୀ ସ୍ପିନର ହୋଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଜାଡେଜା ୨୬ ରନ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ୧୯୮ଟି ଦିନିକିଆ ମ୍ୟାଚ ଖେଳି ୨୨୪ଟି ୱିକେଟ ହାସଲ କରିଥିବା ବେଳେ ୮୦ଟି ଟେଷ୍ଟ ମ୍ୟାଚ ଖେଳି ୩୨୩ ଓ ୭୪ଟି ଟି-ଟ୍ୱେଣ୍ଟି ଖେଳି ୫୪ଟି ୱିକେଟ୍ ହାସଲ କରିବାରେ ସଫଳ ହୋଇଛନ୍ତି ଭେଟେରାନ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା।

ଅନ୍ତର୍ଜାତୀୟ କ୍ରିକେଟରେ ୬୦୦ ୱିକେଟ୍ ପୂର୍ଣ୍ଣ କରିବାରେ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି ଜାଡେଜା। ଆଗକୁ ମଧ ଜାରି ରହିବ। ତାଙ୍କ ପୂର୍ବରୁ ଏହି କ୍ଲବରେ ଅନିଲ କୁମ୍ବଳେ (୯୫୩), ରବିଚନ୍ଦ୍ରନ ଅଶ୍ୱିନୀ (୭୬୫), ହରଭଜନ ସିଂହ (୭୦୭) ଓ କପଳ ଦେବ (୬୮୭), ଜାହିର ଖାନ୍ (୬୧୦) ସାମିଲ ଥିଲେ। ଦିନିକିଆରେ ୨୦୦ରୁ ଅଧିକ ୱିକେଟ ହାସଲ କରିବାରେ ସେ ସପ୍ତମ ଭାରତୀୟ ହୋଇଛନ୍ତି।

# ବାରବାଟୀରେ କିଙ୍ଗ୍ କୋହଲିଙ୍କ ଖେଳିବା ନେଇ ଆଶଙ୍କାରେ କ୍ରିକେଟ୍‌ପ୍ରେମୀ



**କଟକ,୭।୨(ସଂଚାର ବ୍ୟୁରୋ):** ଗୁରୁବାର ଭାରତ-ଇଂଲଣ୍ଡ ଦିନିକିଆ ସିରିଜରେ ନାଗପୁରରେ ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା। ଭେଟେରାନ ବିରାଟ କୋହଲି ଆହତ ହେବା ଯୋଗୁ ଏହି ମ୍ୟାଚ୍ ଖେଳିନାହାନ୍ତି। ଏହାକୁ ନେଇ ଆଶଙ୍କାରେ ପଡ଼ିଛନ୍ତି ଓଡ଼ିଶାରେ ଥିବା ବିରାଟ ପ୍ରେମୀ। ଆଉ ଦିନକ ପରେ ଦ୍ୱିତୀୟ ଦିନିକିଆ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏଥିରେ କୋହଲି ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନି। ଯଦି ନଖେଳନ୍ତି ତେବେ ପ୍ରାୟ ୪ବର୍ଷ ପରେ କିଙ୍ଗ୍ କୋହଲିଙ୍କ ଖେଳ ଲାଇଭ୍ ଦେଖିବାକୁ ସୁଯୋଗ ହାତଛଡ଼ା କରିବେ ପ୍ରଶଂସକ। ଅନ୍ୟପକ୍ଷରେ ନୂଆ ତାରକାଙ୍କ ଉପରେ ବାରବାଟୀ ଦର୍ଶକଙ୍କ ନଜର ରହିବ। ଶୁଭମନ୍ ଗିଲ୍, ଯଶସ୍ୱୀ ଜୈସ୍ୱାଲ, ହର୍ଷିତ ରାଣାଙ୍କ ଭଳି ଖେଳାଳି ପ୍ରଥମଥର ବାରବାଟୀ ପିଚ୍‌କୁ ଓହ୍ଲାଇବାକୁ ଯାଉଛନ୍ତି। ବାରବାଟୀରେ ଶେଷଥର ୨୦୧୯ ଡିସେମ୍ବର ୨୨ ତାରିଖରେ କୋହଲିଙ୍କୁ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ସେ ଦଳର ଅଧିନାୟକ ଥିଲେ। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଏହି ମ୍ୟାଚରେ କୋହଲି ଦଳ ପାଇଁ ସର୍ବାଧିକ ୮୫ରନ୍‌ର ପାଳି ଖେଳିଥିଲେ। ଭାରତ ୪ୱିକେଟରେ ମ୍ୟାଚ ଜିତିଥିଲା। ପରେ ୨୦୨୨ରେ ଜୁନ୍ ୧୨ରେ ଦକ୍ଷିଣଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟିରେ କୋହଲି ଦଳରେ ନଥିଲେ। ଏବେ ପ୍ରାୟ ୪ ବର୍ଷ ପରେ ପୁଣିଥରେ କୋହଲିଙ୍କୁ ଦେଖିବାକୁ ସୁଯୋଗ ରହିଛି। ଚାମ୍ପିଅନ୍ସ ଟ୍ରଫି ପରେ କୋହଲି ଦିନିକିଆରୁ ଅବସର ନେବାର ଆଶଙ୍କା ରହିଛି। ତେଣୁ ବାରବାଟୀ ଷ୍ଟାଡିୟମ୍‌ରେ ଏହା ତାଙ୍କର ଶେଷ ମ୍ୟାଚ ବୋଲି କହିଲେ ଭୁଲ୍ ହେବ ନାହିଁ।

## ଶୁଭମନଙ୍କ ନାଁରେ ନୂଆ ରେକର୍ଡ

# କୋହଲିଙ୍କୁ ପଛରେ ପକାଇଲେ

**ପୁନେ,୭।୨:** ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠୁ ଦିନିକିଆ ସିରିଜ ଆରମ୍ଭ ହୋଇଛି। ପ୍ରଥମ ଦିନିକିଆକୁ ୪ ୱିକେଟରେ ଜିତି ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ। ଏହି ମ୍ୟାଚରେ ଶୁଭମନ୍ ଗିଲ ଏକ ଦମଦାର ପାଳି ଖେଳିଥିଲେ। ସେ ୮୭ରନର ଭଲ ପାଳି ଖେଳି ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହା ସହିତ ଏକ ମାମଲାରେ ଭାରତର ନମ୍ବର ୱାନ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କ ରେକର୍ଡ ଭାଙ୍ଗିଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାଙ୍ଗିଲେ କୋହଲି-ଆୟରଙ୍କ ରେକର୍ଡ- ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଉପ-ଅଧିନାୟକ ଶୁଭମନ୍ ଗିଲ ୨୪୯ ଟାର୍ଗେଟର ପିଛା କରି ୮୭ରନର ସାନଦାର ପାଳି ଖେଳିଥିଲେ। ଏହି ପାଳି ସହ ସେ କେବଳ ଭାରତକୁ ବିଜୟ ଦେଇନାହାନ୍ତି ନିଜ ନାଁରେ ଏକ ରେକର୍ଡ କରିଛନ୍ତି। ଶୁଭମନ୍ ଗିଲ ଦିନିକିଆରେ ଭାରତ ପାଇଁ ସବୁଠୁ କମ୍ ମ୍ୟାଚ ଖେଳି ୨୦ ଥର ଅର୍ଦ୍ଧଶତକ ହାସଲ କରିଥିବା ଖେଳାଳି ହୋଇଛନ୍ତି। ଏହି ମାମଲାରେ ସେ ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କୁ ପଛରେ ପକାଇ ଦେଇଛନ୍ତି। ଶୁଭମନ୍ ଦିନିକିଆ କ୍ରିକେଟରେ ୨୦ ଥର ଅର୍ଦ୍ଧଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନ ହୋଇଛନ୍ତି।



୨୦ ଥର ୫୦ ସ୍କୋର ପାର୍ କରିଥିବା ଖେଳାଳି ହେବାକୁ ତାଙ୍କୁ ୪୮ଟି ପାଳି ଖେଳିବାକୁ ପଡିଥିଲା। ପୂର୍ବରୁ ଏହି ରେକର୍ଡ ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କ ନାମରେ ଥିଲା। ଶ୍ରେୟସ ୨୦ ଥର ଅର୍ଦ୍ଧଶତକ କରିବାକୁ ୫୦ ପାଳି ଖେଳି ଖେଳିଥିଲେ। ଏହା ସହିତ ବିରାଟ କୋହଲି ଏହି ରେକର୍ଡ ପାଇଁ ୫୬ ପାଳି ଖେଳିଥିଲେ।

ସୂଚନାଯୋଗ୍ୟ, ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ ଆରମ୍ଭ ହୋଇଛି। ପ୍ରଥମ ଦିନିକିଆକୁ ୪ ୱିକେଟରେ ଜିତି ନେଇଛି ଟିମ୍ ଇଣ୍ଡିଆ। ଉଭୟ ବୋଲିଂ ଓ ବ୍ୟାଟିଂରେ ଦମଦାର ପ୍ରଦର୍ଶନ କରିଥିଲା ଭାରତୀୟ କ୍ରିକେଟ ଦଳ। ବର୍ତ୍ତମାନ ସିରିଜ୍ ୧-୦ ସ୍ଥିତିରେ ରହିଛି। ଆସନ୍ତା ୯ ତାରିଖରେ ଦ୍ୱିତୀୟ ଦିନିକିଆ ଖେଳାଯିବ।

# ଡାକ୍ତର ହେବା ପାଇଁ ଦେଖିଥିଲେ ସ୍ୱପ୍ନ, ହୋଇଗଲେ ଖେଳାଳି

## ସଟ୍‌ପୁଟ୍ ଏବଂ ଜାଭେଲିନ୍ ଥ୍ରୋ'ରେ ପାରା ଆଥଲେଟ୍ ଶେଖର ଜିତିଲେ ସ୍ୱର୍ଣ୍ଣପଦକ

**ନୂଆଦିଲ୍ଲୀ ୭।୨:** ଜୀବନରେ ଯଦି କିଛି କରିବାର ଆଗ୍ରହ ଥାଏ ପରିସ୍ଥିତି ଯେତେ କଷ୍ଟକର ହେଉନା କାହିଁକି ସେଥିରେ ସଫଳତା ନିଶ୍ଚିୟ ମିଳିଥାଏ। ଏହାର ଏକ ଉଦାହରଣ ମିରଟ କୈଳାସ ପ୍ରକାଶ ଷ୍ଟାଡିୟମରେ ଦେଖିବାକୁ ମିଳୁଛି। ଏହି ଷ୍ଟାଡିୟମକୁ ବିଭିନ୍ନ ଖେଳାଳିମାନେ ଅଭ୍ୟାସ କରିବାକୁ ଆସିଥାଆନ୍ତି। ସମ୍ପ୍ରତି ୩ ଫୁଟ ଉଚ୍ଚତା ଥିବା ୨୩ ବର୍ଷୀୟ ପାରା ଖେଳାଳି ଶେଖର ଚର୍ଚ୍ଚାର ପରିସରରେ ରହିଛନ୍ତି। ପାରା ଆଥଲେଟ୍ ଶେଖର ତାଙ୍କ କଠିନ ପରିଶ୍ରମ ଯୋଗୁଁ ସଟ୍ ପୁଟ୍ ଏବଂ ଜାଭେଲିନ୍ ଥ୍ରୋ ଖେଳରେ ନିରନ୍ତର ଭାବେ ଭଲ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ସେ ବରେଲିରେ ଆୟୋଜିତ ହୋଇଥିବା ଉତ୍ତରପ୍ରଦେଶ ପାରା ଆଥଲେଟ୍ସ ଚାମ୍ପିଅନସିପରେ ଉଭୟ ଖେଳରେ ସ୍ୱର୍ଣ୍ଣ ପଦକ ଜିତି ତାଙ୍କ ପିତାମାତାଙ୍କ ପାଇଁ ଗୌରବ ଅର୍ଜନ କରିଛନ୍ତି।

ପାରା ଆଥଲେଟ୍ ଶେଖର ପ୍ରତିକ୍ରିୟା ଦେଇ କହିଛନ୍ତି, 'ମୋର ସ୍ୱପ୍ନ ଥିଲା ଡାକ୍ତର ହେବା। ତେଣୁ ମୁଁ ମେଡିକାଲ ଲାଇନ ସହିତ ଜଡିତ ଡି ଫାର୍ମା ଅଧ୍ୟୟନ କରୁଥିଲି। ଏଭଳି ସମୟରେ ମୋର ଜଣେ ବନ୍ଧୁ ମୋତେ କୈଳାସ ପ୍ରକାଶ ଷ୍ଟାଡିୟମକୁ ଆଣିଥିଲେ। କ୍ରୀଡା ସମ୍ବନ୍ଧୀୟ କ୍ଷେତ୍ରକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ମୁଁ ଆଥଲେଟ୍ ପ୍ରଶିକ୍ଷକ ଗୌରବ ତ୍ୟାଗୀଙ୍କଠାରୁ ତାଲିମ ନେବା ଆରମ୍ଭ କରିଥିଲି। ମୁଁ ମାତ୍ର ୭ମାସ ପୂର୍ବରୁ ମୋର ଖେଳ ଜୀବନ ଆରମ୍ଭ କରିଛି। ଜଣେ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ଏବେ ମୋର ସ୍ୱପ୍ନ ରହିଛି। ଆମକୁ ବିଭିନ୍ନ ପ୍ରତିଯୋଗିତାରେ ସଟ୍ ପୁଟ୍ ଏବଂ ଜାଭେଲିନ୍ ଥ୍ରୋରେ ପତାକା ଉଡ଼ାଇ ଗର୍ବର ସହିତ ଭାରତକୁ ଗୌରବ ଆଣିବାକୁ ପଡିବ। ୨୦୨୬ ମସିହାରେ



ପାରା ଏସୀୟ ଚାମ୍ପିଅନସିପ ଆୟୋଜିତ ହେବାକୁ ଯାଉଛି। ଯାହା ପାଇଁ ମୁଁ ପ୍ରସ୍ତୁତି ହେଉଛି। ବର୍ତ୍ତମାନ ମୁଁ ୬ ମିଟର ପର୍ଯ୍ୟନ୍ତ ସଟ୍ ପୁଟ୍ ଏବଂ ୧୫ ମିଟର ପର୍ଯ୍ୟନ୍ତ ଜାଭେଲିନ୍ ଫିଙ୍ଗି ପାରୁଛି। ଆଥଲେଟ୍ ପ୍ରଶିକ୍ଷକ ଗୌରବ ତ୍ୟାଗୀ ଶେଖରଙ୍କ କଠିନ ପରିଶ୍ରମ ବିଷୟରେ କହିଛନ୍ତି,' ଶେଖର ଏସୀୟ ପାରାଅଲିମ୍ପିକ୍ସରେ ଭାରତ ପାଇଁ ନିଶ୍ଚୟ ସ୍ୱର୍ଣ୍ଣ ପଦକ ଜିତି ନୂତନ ଇତିହାସ ସୃଷ୍ଟି କରିବେ। ଶେଖର ଷ୍ଟାଡିୟମରେ ସବୁଠାରୁ କମ ଉଚ୍ଚତା ବିଶିଷ୍ଟ ପାରା ଆଥଲେଟ୍ ଭାବରେ ତାଲିମ ନେଉଛନ୍ତି। ବରେଲିରେ ଆୟୋଜିତ ପ୍ରତିଯୋଗିତାରେ ଶେଖର ମୁରାଦାବାଦର ଖେଳାଳିଙ୍କୁ ପରାସ୍ତ କରି ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ ତାଙ୍କୁ ଚେନ୍ନାଇରେ ହେବାକୁ ଥିବା ଜାତୀୟ ଚାମ୍ପିଅନସିପ ପାଇଁ ମନୋନୀତ କରାଯାଇଛି।



# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ସଚିନ ତେନ୍ଦୁଲକର

**ନୂଆଦିଲ୍ଲୀ, ୭।୨:** ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଷ୍ଟାର କ୍ରିକେଟର ତଥା ମାଷ୍ଟରବ୍ଲାଷ୍ଟ ସଚିନ ତେନ୍ଦୁଲକର ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ରାଷ୍ଟ୍ରପତିଙ୍କୁ ଭେଟିବା ସମୟରେ ସଚିନ ତେନ୍ଦୁଲକର ଦ୍ରୌପଦୀ ମୁର୍ମୁଙ୍କୁ ଟେଷ୍ଟ ଜର୍ସି ଉପହାର ଦେଇଥିଲେ। ସଚିନ ତେନ୍ଦୁଲକର ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ଏହି ଭାଇରଲ ଭିଡିଓରେ ସଚିନ ତେନ୍ଦୁଲକର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାରା ତେନ୍ଦୁଲକର ଓ ଅଞ୍ଜଳି ତେନ୍ଦୁଲକରଙ୍କ ସହ ନଜର ଆସିଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ସଚିନ ତେନ୍ଦୁଲକରଙ୍କୁ ସ୍ୱାଗତ କରିଥିଲେ। ତେବେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ସମୟରେ ସଚିନ ତେନ୍ଦୁଲକର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ଟେଷ୍ଟ ଜର୍ସି ପ୍ରଦାନ କରିଥିଲେ। ଏହାପରେ ସଚିନ ତେନ୍ଦୁଲକର ତାଙ୍କ ପତ୍ନୀ ଅଞ୍ଜଳି ତେନ୍ଦୁଲକର ଓ ଝିଅ ସାରା ତେନ୍ଦୁଲକରଙ୍କ ସହ ଫଟୋ ଉଠାଇଥିଲେ। ସୂଚନାଯୋଗ୍ୟ, ସଚିନ ତେନ୍ଦୁଲକର ୨୦୦ ଟେଷ୍ଟ ମ୍ୟାଚ ଛଡା ୪୬୩ ଦିନିକିଆ ଏବଂ ୧ଟି ଟି୨୦ ମ୍ୟାଚ ଖେଳିଛନ୍ତି। ଟେଷ୍ଟ ଫର୍ମାଟରେ ସଚିନ ୧୫,୯୨୧ ରନ୍ କରିଥିବ ବେଳେ ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟର ରହିଛନ୍ତି। ଦୀର୍ଘ ୧୨ ବର୍ଷ ତଳେ ସଚିନ ଟେଷ୍ଟ ଫର୍ମାଟକୁ ବାଏ ବାଏ କହିଛନ୍ତି। କିନ୍ତୁ ଟେଷ୍ଟ ଫର୍ମାଟରେ ସବୁଠାରୁ ଅଧିକ ରନ୍ ଏବଂ ଶତକ ମାରିଥିବା ରେକର୍ଡ ତାଙ୍କ ନାମରେ ରହିଛି। ଅନ୍ତର୍ଜାତୀୟ କ୍ରିକେଟରେ ୩୪,୦୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ୧୯୯୦ରେ ସେ ଶ୍ରୀଲଙ୍କା ବିପକ୍ଷରେ ଘରୋଇ ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ। ୨୦୦ତମ ଟେଷ୍ଟ ମ୍ୟାଚ୍ ଖେଳିବା ପରେ ନଭେମ୍ବର ୨୦୧୩ରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେଇଥିଲେ।

## ଅଟୋଗ୍ରାଫ ଥିବା ଟେଷ୍ଟ ଜର୍ସି ଦେଲେ ଉପହାର

# ଏଏମ୍ଏନ୍ଏସ୍ ଖୋ ଖୋ ଏଚ୍‌ପିସି ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର, ୭।୨(ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ଏଏମ୍ଏନ୍ ଏସ୍ ଇଣ୍ଡିଆ ଖୋ ଖୋ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର (ଏଚ୍‌ପିସି)ର ୧୨ ଜଣ ଖେଳାଳି ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଥିଲେ। ପୁରୁଷ ଓ ମହିଳା ଉଭୟ ବର୍ଗରେ ରୌପ୍ୟ ପଦକ ହାସଲ କରି ଓଡ଼ିଶା ଦଳ ରାଜ୍ୟକୁ ଗର୍ବିତ କରିଛି। ଓଡ଼ିଶା ମହିଳା ଦଳରେ ଏଚ୍‌ପିସିର ୫ଜଣ ଅର୍ଚ୍ଚନା ମାଝୀ, ଅର୍ଚ୍ଚନା ପ୍ରଧାନ, ମଗାଇ ମାଝୀ, ଶୁଭଶ୍ରୀ ସିଂହ ଓ ଲିସାରାଣୀ ରାଇତା ସାମିଲ ଥିବା ବେଳେ ପୁରୁଷ ଦଳରେ ୭ ଜଣ ଅର୍ଜୁନ ସିଂହ, ପବନୀ ଶବର, ଦୀପକ କୁମାର ସାହୁ, ସୁନୀଲ ପାତ୍ର, ବିଶାଲ ଓରାମ, ଟି. ଶଙ୍କର ଓ ଟି.ଜଗନ୍ନାଥ ଦାସ ଥିଲେ। ଏହି ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଥିଲେ, ଯାହା ଓଡ଼ିଶା ଏଏମ୍ ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସିରେ ପ୍ରଦାନ କରାଯାଉଥିବା କଠିନ ପରିଶ୍ରମ ଏବଂ ପ୍ରଶିକ୍ଷଣକୁ ପ୍ରତିଫଳିତ କରିଥିଲା। ଏଥିନେଇ ଓଡ଼ିଶା ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି ଯେ ଆମ ଖେଳାଳିମାନେ ପୂରା ପ୍ରତିଯୋଗିତାରେ ଅସାଧାରଣ ଦକ୍ଷତା, ଚତୁରତା ଓ ଦଳଗତ ମନୋଭାବର ପ୍ରଦର୍ଶନ କରିଥିଲେ। ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଇଭେଣ୍ଟ୍‌ରେ ରୌପ୍ୟ ପଦକ ହାସଲ କରିବା ସେମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣ ଭାବର ଏକ ଜ୍ୱଳନ୍ତ ଉଦାହରଣ। ଏହା କେବଳ ଆରମ୍ଭ ମାତ୍ର, ଆମେ ଆଗାମୀ ପ୍ରତିଯୋଗିତାଗୁଡ଼ିକରେ ସ୍ୱର୍ଣ୍ଣ ପଦକ ହାସଲ ପାଇଁ ନିଜର ପ୍ରୟାସ ଜାରି ରଖିବୁ। ଏଏମ୍ଏନ୍ଏସ୍ ଇଣ୍ଡିଆର ସିଏସ୍ଆର୍ ବିଭାଗ ମୁଖ୍ୟ ଡ.ବିକାଶ ଯାଦବେନ୍ଦୁ କହିଛନ୍ତି ଯେ ଏହି ସଫଳତା ଆମ ଖେଳାଳି ଓ ପ୍ରଶିକ୍ଷକ ମଣ୍ଡଳିଙ୍କ ଦୃଢ଼ ସଂକଳ୍ପ ଓ ନିରନ୍ତର ଉଦ୍ୟମର ଫଳ। ତୃଣମୂଳସ୍ତରରୁ ଯୁବ ପ୍ରତିଭାଙ୍କୁ ବିକଶିତ କରିବାରେ ଓଡ଼ିଶା ଏଏମ୍ଏନ୍ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ପ୍ରମୁଖ ଭୂମିକା ଗ୍ରହଣ କରିଛି। ଆମ ଖେଳାଳିମାନେ ରୌପ୍ୟ ପଦକ ଜିତିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏଏମ୍ଏନ୍ଏସ୍ ଇଣ୍ଡିଆ ସେମାନଙ୍କୁ ସର୍ବୋତ୍ତମ ପ୍ରଶିକ୍ଷଣ ଓ ସହାୟତା ପ୍ରଦାନ ଜାରି ରଖିବ। ଓଡ଼ିଶା ଏଏମ୍ଏନ୍ ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି, ଓଡ଼ିଶାକୁ ଭାରତରେ ଖୋ ଖୋ ଉତ୍କର୍ଷତାର ଏକ ପ୍ରମୁଖ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରତିବଦ୍ଧ ଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ...

ଜିଲ୍ଲାପାଳଙ୍କୁ ସମ୍ମାନିତ ମଧ୍ୟ କରାଯାଇଛି। ସେହିପରି ଢେଙ୍କାନାଳ ଜିଲ୍ଲାର 'କଳ୍ପନା' ଅଭିଯାନ ଯୋଜନାରେ ୨୦୧୯-୨୦୨୪ରେ ୩୪୩ଟି ବାଲ୍ୟ ବିବାହକୁ ରୋକାଯାଇଛି। ଏହି ଯୋଜନାରେ ପ୍ରାୟ ୧,୧୩,୫୧୫ ଜଣ ନାବାଳିକାଙ୍କୁ ଚିହ୍ନଟ କରାଯାଇ ପଞ୍ଜୀକରଣ କରାଯାଇଥିଲା। ବାଲ୍ୟ ବିବାହକୁ ଗ୍ରହଣ କରିବେ ନାହିଁ ବୋଲି ସାର୍ବଜନୀନ ଭାବେ ଶପଥ କରି ୩୪୨୫ଟି ବିଦ୍ୟାଳୟର ପ୍ରାୟ ୪,୪୫,୦ ଛାତ୍ରଛାତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସକାଶେ ଢେଙ୍କାନାଳ ଏଡିଏମ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ବାଲ୍ୟ ବିବାହ ରୋକିବା ଦିଗରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିବାରୁ ଢେଙ୍କାନାଳ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ସମ୍ମାନିତ କରିଛନ୍ତି ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି, ଓଡ଼ିଶାର ମହିଳା ରାଷ୍ଟ୍ରଦୂତ। ବାଲ୍ୟ ବିବାହକୁ ମନା କରିଥିବା ପର୍ବତାରୋହୀଙ୍କୁ ମଧ୍ୟ ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ତାଙ୍କୁ କଳ୍ପନା ଅଭିଯାନ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ଭାବେ ମଧ୍ୟ ଘୋଷଣା କରାଯାଇଥିଲା। ଆହୁରି କେନ୍ଦୁଝର ଜିଲ୍ଲାରେ 'ସ୍ୱର୍ଣ୍ଣକଳିକା' ଯୋଜନା ମାଧ୍ୟମରେ ବାଲ୍ୟ ବିବାହର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରାଯାଇଛି। ଫଳରେ ଜିଲ୍ଲାରେ ୨୦୨୪ ସୁଦ୍ଧା ବାଲ୍ୟ ବିବାହରେ ୫୦ ପ୍ରତିଶତ ହ୍ରାସ ଘଟିଛି।

ଆହୁରି ଦେବଗଡ଼ ଜିଲ୍ଲାରେ 'ବୀରଙ୍ଗନା' ଯୋଜନାରେ ମାର୍ଶଲ ଆର୍ଟ ଏବଂ ଆତ୍ମରକ୍ଷା କୌଶଳ ମାଧ୍ୟମରେ କିଶୋରୀମାନଙ୍କୁ ସେମାନଙ୍କ ସମ୍ମାନ ରକ୍ଷା କରିପାରିଛନ୍ତି।

ଏହି ଅଭିଯାନ ଗଣମାଧ୍ୟମରେ ପ୍ରଶଂସିତ ହୋଇଥିବା ବେଳେ ଅନେକ ସ୍କୁଲ ଓ କଲେଜରେ ଏହାକୁ ସଂସ୍ଥାଗତ ରୂପ ଦିଆଯାଇଥିଲା। ଜିଲ୍ଲା ମହୋତ୍ସବରେ ମଧ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ 'ବୀରଙ୍ଗନା'କୁ ପୁରସ୍କୃତ କରାଯାଇଛି। ସେମିଫାଇନାଲିଷ୍ଟ ଭାବେ ବୀରଙ୍ଗନା ସମ୍ମାନଜନକ ସ୍କୋଚ୍ ପୁରସ୍କାର ମଧ୍ୟ ଜିତିଥିଲା। ଏହି ପଦକ୍ଷେପ ଦ୍ୱାରା ତାଲିମପ୍ରାପ୍ତ ୫୦ ମାଷ୍ଟର ଟ୍ରେନର ଗ୍ରାମାଞ୍ଚଳର ୩୦୦ ସ୍କୁଲର ୬ ହଜାରରୁ ଅଧିକ ବାଳିକାଙ୍କୁ ସ୍ୱଳ୍ପକାଳୀନ ତାଲିମ ଶିବିର ମାଧ୍ୟମରେ ପ୍ରାଥମିକ ମାର୍ଶାଲ ଆର୍ଟ ଶିକ୍ଷା ଦେଇଥିଲେ।

### ସରକାରୀ...

କରୁଛନ୍ତି। ଅର୍ଥାତ ରାଜ୍ୟ ଜନସଂଖ୍ୟାର ଏକ ପ୍ରତିଶତରୁ ବି କମ୍ ଲୋକ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ପାଇଆସୁଛନ୍ତି। ଏହି ଏକ ପ୍ରତିଶତରେ ଆପଣମାନେ ମଧ୍ୟ ସାମିଲ୍। ଏଥିରେ ଆପଣମାନଙ୍କର କଠିନ ପରିଶ୍ରମ ଓ ପିତାମାତାଙ୍କ ଆଶୀର୍ବାଦ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନବନିଯୁକ୍ତମାନଙ୍କୁ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିକାଶ ଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୂ କରିବା ଦିଗରେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ। ଦକ୍ଷ ମାନବ ସମ୍ବଳ ମାଧ୍ୟମରେ ସରକାରୀ ବ୍ୟବସ୍ଥା ସକ୍ରିୟ ଓ ସଜାଗ ରହେ ଏବଂ ଜନସାଧାରଣଙ୍କୁ ସଠିକ୍ ସମୟରେ ଆବଶ୍ୟକ ସେବା ଯୋଗାଇ ଦିଆଯାଏ । ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦାୟିତ୍ୱ ନେବା ପରେ ପରେ ଦୀର୍ଘ ବର୍ଷ ଧରି ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି। ଏହାକୁ ସୁନିଶ୍ଚିତ କରିବା ପାଇଁ ସମୀକ୍ଷା ବୈଠକ କରାଯାଇ ଆସନ୍ତା ମାସ ଶେଷ ସୁଦ୍ଧା ସମସ୍ତେ ନିଜ ନିଜ ବିଭାଗରେ ଖାଲି ଥିବା ପଦକୁ ଚିହ୍ନଟ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବନିଯୁକ୍ତମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଯୁକ୍ତି କ୍ଷେତ୍ରରେ ଗତ ୮ ମାସରେ ସରକାର ବ୍ୟାପକ ପରିବର୍ତ୍ତନ କରିଛନ୍ତି ଏବଂ ଆଗାମୀ ଦିନଗୁଡିକରେ ମଧ୍ୟ ସରକାର ନିଜ ପ୍ରତିଶ୍ରୁତି ପାଳନ କରିବେ ବୋଲି କହିଛନ୍ତି। ଏଥିସହ ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନବନିଯୁକ୍ତମାନଙ୍କୁ ସଚ୍ଚୋଟତାର ସହ କାମ କରିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓ ରାଜ୍ୟ ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍ ଧନ୍ୟବାଦ ଦେଇଛନ୍ତି।

### ୫ ବର୍ଷ...

୪.୫ ପ୍ରତିଶତ, ଦ୍ୱିତୀୟ ତ୍ରୈମାସରେ ୪ ପ୍ରତିଶତ ଓ ତୃତୀୟ ତ୍ରୈମାସରେ ଏହା ୩.୮ ପ୍ରତିଶତ ରହିବ ବୋଲି ଆରବିଆଇ ଗଭର୍ଣ୍ଣର ଆକଳନ କରିଛନ୍ତି।

### ବଢ଼ିପାରେ...

ଆମକୁ ମଞ୍ଜିର ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ହେବ। ଯାହା ଉତ୍କୃଷ୍ଟ ମାନର ଫସଲ ଫଳାଇବାରେ ସହାୟତା କରିବ ଓ ବଳକା ଫସଲକୁ ବିଦେଶକୁ ରପ୍ତାନୀ କରିହେବ। ତା'ଛଡ଼ା ଟ୍ରେଡ୍ ପଲିସିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ମଧ୍ୟ ରହିଛି। ଏହା ଚାଷୀଙ୍କୁ ବିଶେଷ ଲାଭ ପ୍ରଦାନ କରିପାରିବ। ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ବିବିଧିକରଣ ଉପରେ ମଧ୍ୟ ପ୍ରଫେସର ଶର୍ମା ଗୁରୁତ୍ୱାରୋପ କରିଛନ୍ତି।

ସେହିପରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୈଠକକୁ ଉଦଘାଟନ କରିବା ଅବସରରେ କହିଛନ୍ତି ଯେ ଓଡ଼ିଶାରେ ଉତ୍ପାଦିତ ହେଉଥିବା ସାମଗ୍ରୀର ବିଦେଶରେ ଯଥେଷ୍ଟ ଅଧିକ ଚାହିଦା ରହିଛି। ତେଣୁ ବିଦେଶ ରପ୍ତାନୀ ପାଇଁ ଉତ୍ସର୍ଗୀକୃତ କାର୍ଗ ସେବା ଓ ଫ୍ରେଟ୍ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି। ଚଳିତବର୍ଷ ଓଡ଼ିଶାରେ ଉତ୍କୃଷ୍ଟ ମାନର ଷ୍ଟ୍ରବେରୀ ଚାଷ କରାଯାଇଛି। ଏହାବ୍ୟତୀତ ରାଜ୍ୟର ଚାଷୀମାନେ ଜୈବିକ ପଦ୍ଧତିରେ ଚାଷ କରିବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ଅବସରରେ କହିଛନ୍ତି ଯେ ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଗତି କରିଛି। ବିଶେଷ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅଧିକ ୮୦୦ ଟଙ୍କା ଇନପୁଟ ସହାୟତା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି। କ୍ଷୁଦ୍ର ମିଲେଟ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଛି ବୋଲି ଡ. ପାଢ଼ୀ କହିଛନ୍ତି। ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଆଦି ରାଜ୍ୟର କୃଷି ବିଭାଗର ଅଧିକାରୀମାନେ ଯୋଗଦେଇଥିବା ବେଳେ ବିହାରର କୃଷି ଅଧିକାରୀମାନେ ଆଭାସୀ ମାଧ୍ୟମରେ ଅଂଶଗ୍ରହଣ କରିଥିଲେ। ସେହିପରି କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଓଡ଼ିଶା ବିଷୟରେ ସ୍ୱତନ୍ତ୍ର ଉପସ୍ଥାପନା ପ୍ରଦର୍ଶନ କରିଥିବା ବେଳେ ଅତିରିକ୍ତ ନିର୍ଦ୍ଦେଶକ ଡ ରାଜେଶ ଦାସ ଧନ୍ୟବାଦ ଦେଇଥିଲେ।

### ପୁଲିସ୍‌କୁ...

ମନ ପସନ୍ଦର ଅଧିକାରୀମାନଙ୍କୁ ରାଜଧାନୀରେ ଥଇଥାନ କରିବା ପାଇଁ ଲାଗି ପଡ଼ିଛନ୍ତି। ଯିଏ ଟିକେ ମୁହଁ ଖୋଲୁଛି ତା' ନାଁରେ ମିଛ ପିଟିସନ ପ୍ରସ୍ତୁତ କରି ପକାଉଛନ୍ତି। ଉପର ଅଧିକାରୀଙ୍କ ବିରୁଦ୍ଧରେ ମିଛ ଖବର ପ୍ରଚାର ପାଇଁ ରାଜଧାନୀର ଦୁଇ ଡିଏସ୍‌ପି ବାବୁଙ୍କୁ କାମରେ ଲଗାଇ ଦେଇଛନ୍ତି। ଏମାନେ ଏବେ ନିଜ କାମ ଛାଡ଼ି ହାକିମଙ୍କ ଇଙ୍ଗିତରେ ଅନ୍ୟକୁ ବଦନାମ କରିବାରେ ଅଧିକ ସମୟ ଦେଉଛନ୍ତି।

ପୁଲିସ୍ ବିଭାଗର ଏହି ଦୁଇ ବଡ଼ ଅଧିକାରୀଙ୍କ ପୁଲିସ୍ ବିଭାଗ ସହିତ ସରକାର ବି ଧିରେ ଧିରେ ବଦନାମ ହେବାରେ ଲାଗିଛନ୍ତି। ସରକାରଙ୍କର ବିଭିନ୍ନ ସୂଚନା ସନ୍ୟାସୀଙ୍କ ନିକଟରେ ପହଞ୍ଚାଉଛନ୍ତି। ଏମାନଙ୍କ କାର୍ଯ୍ୟ ଉପରେ ରୋକ୍ ନ ଲାଗିଲେ କର୍କଟ ରୋଗ ଭଳି ଅବସ୍ଥା ଉପୁଜିବ ବୋଲି କିଛି ପୁଲିସ୍ ଅଧିକାରୀ କହିବା ସହିତ ଏମାନଙ୍କୁ ସରକାର ତୁରନ୍ତ କଟକ ପ୍ରିଣ୍ଟିଂ ପ୍ରେସ୍ ଓ ପୁଲିସ୍ ତାଲିମ କେନ୍ଦ୍ରକୁ ବଦଳି ପାଇଁ ମତ ଦେଉଛନ୍ତି।

### ଅଛୁଆଁ...

ସମୀକ୍ଷା କରି ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ ନ କରିବାର ଫଳ ଏବେ ବିଜେଡିକୁ ପତନ ଅଭିମୁଖେ ନେବାରେ ଲାଗିଛି। ବିଜେଡିର ଅଘୋଷିତ ସର୍ବେସର୍ବା ସନ୍ୟାସୀଙ୍କ ମାମଲତି ଓ ତାଙ୍କ ଖାସ୍ ଅନୁଗତ କ୍ରୀତଦାସଙ୍କୁ ପୁଣିଥରେ ଦାୟିତ୍ୱ ଦେବାର ପରିଣତି ବିଜେଡିକୁ ମହଙ୍ଗା ପଡ଼ିଛି। ଆଉ ଏହି ଯୋଡ଼ିଙ୍କୁ ଖୁସି କରିବାକୁ ଆଗଧାଡ଼ିର ଯେଉଁ ୮-୧୦ଜଣ ଦଳୀୟ ନେତା ବିଗତ କିଛିମାସ ଧରି ମାମଲତି କରୁଛନ୍ତି, ସେମାନଙ୍କୁ ମଧ୍ୟ ଝଟକା ଲାଗିଛି।

### ଖୋଲୁଛି...

ଓ ଆରଟିଓ ଦୀନବନ୍ଧୁ। ଆରଟିଆଇ କର୍ମୀଙ୍କ ସୂଚନା ମୁତାବକ ସରୋଜ-ଦୀନବନ୍ଧୁ ଯୋଡ଼ି ଆର୍ଯ୍ୟଭଟ୍ଟ ନାମକ ସଂସ୍ଥା ସପକ୍ଷରେ ଚଳାଇଥିଲେ ଲବି। ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନରେ ପ୍ରଥମେ ଆର୍ଯ୍ୟଭଟ୍ଟ ସଂସ୍ଥା ଭାଗ ନେଇଥିଲା। ହେଲେ ଯୋଗ୍ୟତା ମାନଦଣ୍ଡରେ କଟିଯାଇଥିଲା। ନିୟମ ମୁତାବକ ଟେଣ୍ଡର ପକାଇବାର ତିନି ବର୍ଷ ପୂର୍ବରୁ କମ୍ପାନୀର କାରବାର ୨ କୋଟି ଟଙ୍କା ରହିବା କଥା। ହେଲେ ଆର୍ଯ୍ୟଭଟ୍ଟର ତାହା ହୋଇନଥିଲା। କିନ୍ତୁ ଏହାପରେ ଉକ୍ତ ସଂସ୍ଥାକୁ କାର୍ଯ୍ୟ ଦେବା ପାଇଁ ଭିନ୍ନ ଯୋଜନା ହୋଇଥିଲା। ଏଚବିଏସଏସ୍ ନାମକ ସଂସ୍ଥା ସହ ମିଶି ଆର୍ଯ୍ୟଭଟ୍ଟ ଟେଣ୍ଡରରେ ଭାଗ ନେଇଥିଲା। ଏହାପରେ ଏହି ମିଳିତ ସଂସ୍ଥାକୁ ମିଳିଥିଲା ରକ୍ଷଣାବେକ୍ଷଣ ଦାୟିତ୍ୱ। ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣ କରୁଥିବା ସଂସ୍ଥା ସରକାରଙ୍କୁ ବାର୍ଷିକ ୯,୧୭,୨୫୦ ଟଙ୍କା ପ୍ରଦାନ କରୁଛି। ତେବେ ବସଷ୍ଟାଣ୍ଡ ଭିତରେ ନିର୍ମାଣ ହୋଇଥିବା ପ୍ରାୟ ୫୦ଟି ଦୋକାନ ଘରୁ ସଂସ୍ଥା କାହିଁକି ବିପୁଳ ଜମାଅର୍ଥ ଆଦାୟ କଲା, ତାହାକୁ ନେଇ ସୂଚନା ଅଧିକାର କର୍ମୀ ପ୍ରଶ୍ନ ଉଠାଇଛନ୍ତି। କମ୍ପାନୀ ପଇସାରେ ନିର୍ମାଣ ହୋଇଥିବା ଦୋକାନ ଘରୁ ଅର୍ଥ ଆଦାୟ ସମ୍ପୂର୍ଣ୍ଣ ବେଆଇନ ବୋଲି ସେ କହିଛନ୍ତି। ସେହିଭଳି ନୂତନ ସଂସ୍ଥାକୁ କାମ ମିଳୁନଥିବା ଓ ଉକ୍ତ ସଂସ୍ଥା ପ୍ରତି ଅହେତୁକ ଅନୁକମ୍ପାର ବୋଝ ବୋହୁଛନ୍ତି ଝାରସୁଗୁଡ଼ାବାସୀ। ସରୋଜ-ଦୀନବନ୍ଧୁଙ୍କ ଖେଳ ଏବେ ଝାରସୁଗୁଡ଼ାବାସୀଙ୍କ ପାଇଁ କାଳ ହୋଇଥିବା କହିଛନ୍ତି। ରାଜ୍ୟ ସରକାର ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଏ ବାବଦରେ ହୋଇଥିବା କ୍ଷତିର ଭରଣା ତତ୍କାଳୀନ ଜିଲ୍ଲାପାଳ ସରୋଜ ସାମଲ ଓ ଆରଟିଓ ଦୀନବନ୍ଧୁ ସୁଣ୍ଡିଙ୍କ ଦରମା ଓ ପେନ୍‌ସନରୁ ଆଦାୟ ପାଇଁ ସୂଚନା ଅଧିକାର କର୍ମୀ ଶ୍ରୀ ରାଓ ମତ ଦେଇଛନ୍ତି।

# ୱାଲ୍ଟେୟାର ଡିଭିଜନ୍‌ର ନାମ ପରିବର୍ତ୍ତନ

**ନୂଆଦିଲ୍ଲୀ,୭।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୱାଲ୍ଟେୟାର୍ ଡିଭିଜନ୍‌ର ନାମ ପରିବର୍ତ୍ତନ କରାଯାଇ ବିଶାଖାପାଟଣା ଡିଭିଜନ ଭାବେ ନାମିତ କରାଯାଇଛି। ଏହି ନିଷ୍ପତ୍ତି କ୍ରମେ ପ୍ରାୟତଃ ପଲାସା-ବିଶାଖାପାଟଣା-ଦୁଭାଡା, କୁନେରୁ-ବିଜୟନଗରମ୍, ନୌପାଡା ଜଙ୍କସନ୍-ପାରାଳାଖେମୁଣ୍ଡି, ବୋବ୍ବିଲି ଜଙ୍କସନ୍-ସାଲୁର, ସିମ୍ହାଚଲମ୍ ଉତ୍ତର-ଦୁଭାଡା ବାଇପାସ୍, ବଡ଼ାଲପୁଡି-ଦୁଭାଡା ଏବଂ ବିଶାଖାପାଟଣା ଷ୍ଟିଲ୍ ପ୍ଲାଣ୍ଟ-ଜଗଗୟାପାଲେମ୍ ୱାଲ୍ଟେୟାର ମଣ୍ଡଳର ଗୋଟିଏ ଅଂଶକୁ ୱାଲ୍ଟେୟାର ମଣ୍ଡଳ ରୂପେ ନୂଆ ଦକ୍ଷିଣ ତଟ ରେଳବାଇ ଜୋନ୍ ଅଧୀନରେ ରଖାଯିବ। ୱାଲ୍ଟେୟାର୍ ଉପନିବେଶବାଦ ପରିଚୟ ବହନ କରୁଥିବାରୁ ଏହାର ନାମକୁ ବଦଳାଯାଇଛି। କୋଟ୍ଟବାଲାସା-ବାଚେଲି, କୁନେରୁ-ଥେରୁଭାଲି ଜଙ୍କସନ, ସିଙ୍ଗାପୁର ରୋଡ-କୋରାପୁଟ ଜଙ୍କସନ ଏବଂ ପାରଳାଖେମୁଣ୍ଡି-ଗୁଣୁପୁର (ପ୍ରାୟ ୬୮୦ କିମି) ଷ୍ଟେସନ ମଧ୍ୟରେ ଥିବା ସେକ୍ସନକୁ ନେଇ ଗଠିତ ୱାଲ୍ଟେୟାର ଡିଭିଜନର ଅନ୍ୟ ଅଂଶ ପୂର୍ବତଟ ରେଳବାଇ ଅଧୀନରେ ରାୟଗଡ଼ାଠାରେ ମୁଖ୍ୟାଳୟ ସହ ଏକ ନୂତନ ମଣ୍ଡଳରେ ପରିଣତ ହେବ। ଛୋଟ ଆକାରରେ ମଧ୍ୟ ୱାଲ୍ଟେୟାର ଡିଭିଜନକୁ ବଜାୟ ରଖିବା ଦ୍ୱାରା ଏହି ଅଞ୍ଚଳର ଲୋକଙ୍କ ଚାହିଦା ଏବଂ ଆକାଂକ୍ଷା ପୂରଣ ହେବ ବୋଲି କୁହାଯାଇଛି।



ଅବକାରୀ କନେଷ୍ଟବଳଙ୍କ ଦୀକ୍ଷାନ୍ତ ସମାରୋହ

# ଦୁଇ ବର୍ଷ ଭିତରେ ବେଆଇନ ନିଶା କାରବାର ବନ୍ଦ ହେବ



**ନୟାଗଡ଼, ୭।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲରେ ଦୀକ୍ଷାନ୍ତ ସମାରୋହ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ଅବକାରୀ ଆୟୁକ୍ତ ନରସିଂହ ଭୋଳ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଯୋଗ ଦେଇଥିଲେ। ପ୍ରଥମ ଥର ପାଇଁ ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲରେ ଅବକାରୀ କନେଷ୍ଟବଳ ତାଲିମ ଗ୍ରହଣ କରି ପାସ ଆଉଟ୍ ହୋଇଛନ୍ତି। ୧୯୭ ଜଣ ଅବକାରୀ କନେଷ୍ଟବଳ ଗତ ସେପ୍ଟେମ୍ବର ମାସରୁ ତାଲିମ ଗ୍ରହଣ କରି ଆସୁଥିଲେ। ତାଲିମ ପ୍ରାପ୍ତ କନେଷ୍ଟବଳ ଶପଥ ପାଠ କରିଥିଲେ। ଆୟୋଜିତ ପରେଡରେ ଆଇନ ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଭାତ କୁମାର ସାହୁ ପରେଡ କମାଣ୍ଡ ଦାୟିତ୍ୱ ସମାପନ କରିଥିଲେ। ପୁଲିସ ଟ୍ରେନିଂ ସ୍କୁଲ ଅଧ୍ୟକ୍ଷ ଭରଣେଶ ନାୟକ ବିବରଣୀ ପଠନ କରିଥିଲେ। ରାଜ୍ୟ ସରକାର ଅବକାରୀ କର୍ମଚାରୀଙ୍କୁ ସଶସ୍ତ୍ର କରିବାକୁ ସମ୍ମାନିତ ଅତିଥି ଦାବି ରଖିଥିଲେ। ନିଶା ମୁକ୍ତ ଭାରତ ଗଠନ ଦିଗରେ ସହାୟକ ହେବାକୁ ଅବକାରୀ ଆୟୁକ୍ତ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଅବକାରୀ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେବେ ବୋଲି କହିଥିଲେ। କୃତିତ୍ୱ ଅର୍ଜନ କରିଥିବା ତାଲିମ ପ୍ରାପ୍ତ କନେଷ୍ଟବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ପୁଲିସ ଟ୍ରେନିଂ ସ୍କୁଲ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୀକ୍ଷାନ୍ତ ସମାରୋହକୁ ଇନ୍ସପେକ୍ଟର ରଜନୀକାନ୍ତ ମଲ୍ଲିକ ଏବଂ ପିଟିଏସ୍‌ର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ବୋରିଗୁମ୍ମାରେ ପ୍ରସିଦ୍ଧ ମାଘ ମଣ୍ଡେଇ ଯାତ୍ରା



**ବୋରିଗୁମ୍ମା, ୭।୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳ ଆଦିବାସୀ ଓ ବୋରିଗୁମ୍ମା ଇଷ୍ଟଦେବଙ୍କ ପ୍ରସିଦ୍ଧ ବାର୍ଷିକ ମାଘ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମଣ୍ଡେଇ ଯାତ୍ରା ବର୍ଷକୁ ଥରେ ପାଳିତ ହୋଇଥାଏ। ମନ୍ଦିରକୁ ବହୁ ସାଜସଜ୍ଜା, ରଙ୍ଗୀନ ଆଲୋକ ତୋରଣରେ ସଜ୍ଜିତ କରି ନିଜର ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ଗ୍ରାମଦେବଙ୍କ ପୀଠରେ ଭୈରବଙ୍କ ପୂଜା କରାଯାଇଛି। ପ୍ରତିବର୍ଷ ଭଳି ମାଘ ପଞ୍ଚମୀ ପରଦିନ ଅର୍ଥାତ ମାଘ ଷଷ୍ଠିରେ ମଣ୍ଡେଇ ଯାତ୍ରା କରିବା ପାଇଁ ପୂର୍ବରୁ କମିଟି ପକ୍ଷରୁ ତିଥି ଓ ସମୟ ସ୍ଥିର ହୋଇଥିଲା। ଆଖପାଖ ଗ୍ରାମରୁ ଶତାଧିକ ଲାଠି ଓ ପାଲିଙ୍କି ଆସି ପୁରୁଣା ବୋରିଗୁମ୍ମା ବାଲିଘରେ ରୁଣ୍ଡ ହୋଇଥିଲେ। ପରେ ଗ୍ରାମର ମୁଖ୍ୟ ଦେବ ଭୈରବଙ୍କ ଆଜ୍ଞାମାଳ ଆସିବାପରେ ଗ୍ରାମର ସମସ୍ତ ଦେବୀଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ସହ ସମସ୍ତ ଲାଠି ଓ ପାଲିଙ୍କି ବହୁଆଡ଼ମ୍ବର ସହକାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଭୈରବ ମନ୍ଦିର ଅଭିମୁଖେ ବାହାରିଥିଲେ। ଯିବା ସମୟରେ ଆତସବାଜି ବାଜାବାଜଣା ଶବ୍ଦର ପ୍ରତିଧ୍ୱନିରେ ପୂରା ଅଞ୍ଚଳ ପ୍ରକମ୍ପିତ ହେଉଥିଲା।

# କୁଜଙ୍ଗ ସେବା ସମବାୟ ସମିତିରେ ଖୋଲିଲା ଧାନ ମଣ୍ଡି




**କୁଜଙ୍ଗ, ୭।୨ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ଅନ୍ତର୍ଗତ କୁଜଙ୍ଗ ସ୍ଥିତ ଜଗନ୍ନାଥପୁର ସେବା ସମବାୟ ସମିତି ପକ୍ଷରୁ ଆଜି ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଧାନ ମଣ୍ଡି ଖୋଲା ଯାଇଥିବା ଜଣାପଡିଛି ।ସମିତି ସଭାପତି ରଘୁନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଭାରମ୍ଭ ଉତ୍ସବରେ ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଚାଷୀ ମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କୁଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ନାୟକ, ରାହାମା ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ସଂଗ୍ରାମ ବିଶ୍ୱାଳ, ନୋଡାଲ ଅଫିସର ଶ୍ରୀନିବାସ ସ୍ୱାଇଁ, ପରିଚାଳନା କମିଟି ସଦସ୍ୟ ଦେବ ପଟ୍ଟନାୟକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆଜିର ଉତ୍ସବରେ ହୃଷୀକେଶ ନାଥ, ସୁଶାନ୍ତ କୁମାର ଦାସ, ମଧୁ ମଙ୍ଗଳ ସ୍ୱାଇଁ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ । ଶେଷରେ ସମିତି ସମ୍ପାଦକ ରାଜ୍ କିଶୋର ପରିଡ଼ା ଧନ୍ୟବାଦ୍ ଦେଇଥିଲେ।

# ସୋଆ ଲେକ୍ସ କନସିଲିୟମ୍-୨୦୨୫ ତୃତୀୟ ସଂସ୍କରଣ ଆୟୋଜିତ




**ଭୁବନେଶ୍ୱର, ୭।୨ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ସ୍ନିଲ୍) ଓ ସୋଆ ପ୍ଲେସ୍‌ମେଣ୍ଟ ସେଲ୍‌ଫର ମିଳିତ ଆନୁକୂଲ୍ୟରେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିବା ନିମନ୍ତେ ଏକ ଦିବସୀୟ କାର୍ଯ୍ୟକ୍ରମ 'ସୋଆ ଲେକ୍ସ କନସିଲିୟମ୍ -୨୦୨୫'ର ତୃତୀୟ ସଂସ୍କରଣ ନିକଟରେ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏଲ୍‌ପିକୋ କମ୍ପାନୀର ନିର୍ଦ୍ଦେଶକ ଶ୍ରୀ ଲୋକନାଥ ପ୍ରସାଦ କର ଯୋଗ ଦେଇ କହିଥିଲେ ଯେ ନିଜର ଦକ୍ଷତା ଓ ଜ୍ଞାନକୌଶଳ ମାଧ୍ୟମରେ ସବୁ କିଛି ସମ୍ଭବ ହୋଇଥାଏ। ତେଣୁ ପ୍ରଥମେ ନିଜ ଦକ୍ଷତାକୁ ସୁଦୃଢ଼ କରିବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ସେ କହିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ନିଲ୍ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ୍ (ଏନ୍‌ଆଇଆର୍‌ଏଫ୍) ରାଙ୍କିଙ୍ଗସ୍ ୨୦୨୪ ଅନୁଯାୟୀ ଦେଶରେ ୯ମ ଶ୍ରେଷ୍ଠ ଆଇନ୍ ଶିକ୍ଷାନୁଷ୍ଠାନ ଭାବରେ ସ୍ଥାନ ଅଧିକାର କରିଛି। ସୋଆ ସଦାସର୍ବଦା ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏଥି ନିମନ୍ତେ ୨୦ଟି ଗବେଷଣା କେନ୍ଦ୍ର ରହିଛି ବୋଲି ପ୍ରଫେସର ନନ୍ଦ କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍ନିଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ବିବରଣୀ ପ୍ରଦାନ କରିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କର୍ପୋରେଟ ଅଫେୟାର୍ସ ନିର୍ଦ୍ଦେଶକ ରିପ୍ତି ରଞ୍ଜନ ଦାଶ ବକ୍ତବ୍ୟ ରଖିଥଲେ।

'ଆଇନ କ୍ଷେତ୍ରର ଉଦୀୟମାନ ଧାରା ଏବଂ ଫ୍ରେଶର୍ ମାନଙ୍କ ପାଇଁ ସୁଯୋଗ' ବିଷୟବସ୍ତୁ ଉପରେ ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ମୁଥୁଟ ଫିନକର୍ପ ଲିମିଟେଡ୍ (ଲିଗାଲ୍)ର ମୁଖ୍ୟ ପ୍ରଶାନ୍ତ କୁମାର, ଇଂଟିଗ୍ରିଅନ୍‌ର ନିର୍ଦ୍ଦେଶକ(ଏଚ୍‌ଆର) ଦେବେନ୍ଦ୍ର ସୁରେଶ ହାଟଙ୍ଗାଡି, ଚୋଲାମଣ୍ଡଳମ୍ ଏମ୍‌ଏସ୍ ଜେନେରାଲ୍ ଇନ୍‌ସୁରାନ୍‌ସ୍‌ର ଡେପୁଟି ଜେନେରାଲ୍ ମ୍ୟାନେଜର (ଏଚ୍‌ଆର୍) ଅଭିଷେକ ଦତ, ରୁଟ୍‌ସ୍ ସାଇବର ଲ' ଫାର୍ମର ପାର୍ଟନର ଶ୍ରୀମତି ଚିନ୍ମୟୀ ସାହୁ, ଲେକ୍ସ ପବ୍ଲିସିଓର ଆସୋସିଏଟ୍ ପାର୍ଟନର ଆକାଂକ୍ଷା କବି, ଶିବଦାସ୍ ଆଣ୍ଡ ଶିବଦାସ୍‌ର ପାର୍ଟନର ପ୍ରଶାନ୍ତ ଏସ୍ ଶିବଦାସ ଏବଂ ସ୍ନିଲର ଆସୋସିଏଟ ପ୍ରଫେସର ଶିବଶ୍ରୀତା ଭରଦ୍ୱାଜ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

'ଆଇନବୃତିର ଭବିଷ୍ୟତ : କିପରି ବୃତି କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା ପରିବର୍ତ୍ତନ ଆଣୁଛି' ଏହି ବିଷୟବସ୍ତୁ ଉପରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ, ରୁଟ୍‌ସ୍ ସାଇବର ଲ' ଫାର୍ମର ଫାଉଣ୍ଡିଂ ପାର୍ଟନର ରଙ୍ଗନାଥ ଏମ୍ ଏ., ଡିଜିଟ୍ ଇନ୍‌ସୁରାଂସର (କର୍ପୋରେଟ ଲିଗାଲ୍ ଆଣ୍ଡ କମ୍ପ୍ଲିଆନ୍‌ସ) ମୁଖ୍ୟ ରଶିକା ବିବେକ୍ କୁବେର, ଡିଏଲ୍‌ଏଫ୍ ଲିମିଟେଡର ଜେନେରାଲ୍ ମ୍ୟାନେଜର ସ୍ୱାତୀ ସିଂ, ବାଇଓକନ୍ ବାୟୋଲୋଜିର ଗ୍ଲୋବାଲ୍ ଡିପିଓ ତାନିନ୍ ଚକ୍ରବର୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନିଲର ବରିଷ୍ଠ ପ୍ରଫେସର ପ୍ରବୀର ପଟ୍ଟନାୟକ ଏବଂ ପ୍ରଫେସର ମଧୁସୂଦନ ଦାସ ମଧ୍ୟ ଯୋଗ ଦେଇଥିଲେ।



## ବାଲିପୋଖରୀ ଜଙ୍ଗଲର ପୁନରୁଦ୍ଧାର

**ବାଲିଅନ୍ତା, ୭।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଯଶୁଆପୁର ଗ୍ରାମର ବାଲିପୋଖରୀ ନିକଟରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଜଙ୍ଗଲର କିଛି ପରିମାଣ ଗଛ ନଷ୍ଟ ହୋଇଯାଉଥିଲା । ସେହି ନଷ୍ଟ ହୋଇଯାଇଥିବା ଗଛକୁ ପୁନଃରୋପଣ କରିବା, ପରିବେଶ ସୁରକ୍ଷାର ସଚେତନ ବାର୍ତ୍ତା ଦେବା ନେଇ ବାଲିଅନ୍ତା ବ୍ଲକ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ପ୍ରତିଷ୍ଠାତା ରଞ୍ଜନ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଜଙ୍ଗଲରେ ସୃଷ୍ଟି ହୋଇଥିବା ଲତା ଗଛ କାଟି ପରିଷ୍କାର କରିବା, ଚାରା ରୋପଣ କରିବା ସହିତ ଜଙ୍ଗଲର ସୁରକ୍ଷା ପାଇଁ ଚାରିପାଖରେ ତାର ବାଡ ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟରେ ୱାର୍ଡ ସଭ୍ୟ ଅଭିମନ୍ୟୁ ଭୋଇ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଯୋଗଦାନ କରି ଚାରା ରୋପଣ କରିଥିଲେ ।

# କିମ୍‌ସରେ ବିଂଶତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ ଉଦ୍‌ଘାଟିତ




**ଭୁବନେଶ୍ୱର, ୭।୨ (ସଂଚାର ବ୍ୟୁରୋ):** ଆସୋସିଏସନ୍ ଅଫ୍ ଫୋନୋ ସର୍ଜନ୍ସ ଅଫ୍ ଇଣ୍ଡିଆ (ଏପିଏସ୍‌ଆଇ)ର ୨୦ତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ 'ଫୋନୋକନ୍-୨୦୨୫' ଶୁକ୍ରବାର କିମ୍‌ସରେ ଉଦ୍‌ଘାଟିତ ହୋଇଯାଇଛି । ୩ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪ଶହରୁ ଊର୍ଦ୍ଧ୍ୱ ସ୍ୱର ବିଶେଷଜ୍ଞ, ସର୍ଜନ, ସ୍ପିଚ୍ ଥେରାପିଷ୍ଟ ଯୋଗ ଦେଇଛନ୍ତି ।

ଏ ନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଏପିଏସ୍‌ଆଇର ସଭାପତି ତଥା କିମ୍‌ସ କର୍ଣ୍ଣ, ନାସା ଓ ଗଳା ବିଭାଗ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ କହିଲେ ତୃତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀରେ ସ୍ୱରଯନ୍ତ୍ର ଜନିତ ସମସ୍ୟା ଓ ତାହାର ନିରାକରଣ ବିଷୟରେ ତିନିଧରି ଆଲୋଚନା, କର୍ମଶାଳା ଅନୁଷ୍ଠିତ ହେବା ସହ କର୍ଣ୍ଣ, ନାସା ଓ ଗଳା ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରଙ୍କ ପାଇଁ ଲାଇଭ୍ ସର୍ଜରୀ କରାଯିବ। ଅତ୍ୟଧିକ କଥା କହିବା ଆମ ଶରୀରର ସ୍ୱରଯନ୍ତ୍ର ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ । ଫଳରେ ଆମ ସ୍ୱରରେ ପରିବର୍ତ୍ତନ ଘଟିଥାଏ । ତେଣୁ ଆବଶ୍ୟକତା ଠାରୁ ଅଧିକ ସମୟ କଥା ନ କହିବା ଓ ସୁସ୍ଥ ଗଳା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ସମ୍ମିଳନୀ ଆୟୋଜନ କମିଟିର ସମ୍ପାଦକ ଡା. ଖଗେଶ୍ୱର ରାଉତ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପାନ, ଗୁଟଖା ଆଦି ଟବାକୋ ଖାଇବା ଓ ଧୂମପାନ ଆମର ସ୍ୱର ଯନ୍ତ୍ର ଓ ଗଳା ଉପରେ ପ୍ରଭାବ ପକାଇଥାଏ । ଏଥିଯୋଗୁଁ ଆମର ସ୍ୱର ଖରାପ ହେବା ସହ ନିଶ୍ୱାସ ନେବା ଓ ଢୋକିବାରେ ସମସ୍ୟା ସୃଷ୍ଟି ହୋଇଥାଏ । ସ୍ୱରରେ ପରିବର୍ତ୍ତନ କିମ୍ବା ଗଳା ଖରାପ ହେଲେ ଏହାକୁ ଆଦୌ ଅବହେଳା ନ କରିବାକୁ ସେ ପରାମର୍ଶ ଦେଇଥିଲେ । ପାନ, ଗୁଟ୍‌ଖା ଓ ଧୂମପାନ ସେବନଠାରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନା ସୃଷ୍ଟି ଉପରେ ଡା ରାଉତ ଗୁରୁତ୍ୱାରୋପ କରିଥିଲେ । ଏସବୁର ସଚେତନତା ପାଇଁ ସେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ସାମ୍ବାଦିକ ସମ୍ମିଳନୀରେ ଏପିଏସ୍‌ଆଇର ପ୍ରତିଷ୍ଠାତା ସଭାପତି ଡା. ଭି ଫଣୀନ୍ଦ୍ରକୁମାର ଓ ସମ୍ପାଦକ ଡା ଆଲୋକ କାରୋଲକର ପ୍ରମୁଖ ଉପସ୍ଥିତ ଥିଲେ ।

# ମରାମତିକୁ ଦୁଇଦିନ ପୂରିନି ଉଠିଗଲାଣି ପିଚୁ

## ନିମ୍ନମାନର କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ

**ନାଉଗାଁ, ୭।୨ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣାହାଟ-ଦେବିଦୋଳ ମୁଖ୍ୟରାସ୍ତାର ଉନ୍ନତିକରଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଉକ୍ତ ରାସ୍ତାଟି ପୂର୍ତ୍ତ ବିଭାଗର ବାଲିଭଉଁରୀ-ଶିଖର ମୁଖ୍ୟ ରାସ୍ତାରୁ ଅଲଣାହଟ ଉଚ୍ଚ ବିଦ୍ୟାଳୟ ନିକଟରୁ ଦେବିଦୋଳ ସେତୁ ଦେଇ ଜଗତସିଂହପୁର ଜିଲାରୁ କଟକ, ଖୋର୍ଦ୍ଧା ଓ ପୁରୀ ଜିଲାକୁ ସଂଯୋଗ କରୁଛି। ଯାହାପାଇଁ ଏହି ରାସ୍ତାରେ ପ୍ରତ୍ୟହ ଶତାଧିକ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ମଟର ଚଳାଚଳ କରିଥାଏ। ପୂର୍ବରୁ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଥିବା ବେଳେ ଯାତାୟତରେ ବାଧା ସୃଷ୍ଟି ହେବାରୁ ବିଭାଗ ପକ୍ଷରୁ ଏହି ରାସ୍ତାର ମୁଣ୍ଡାଲୋ ବଜାର ନିକଟରୁ ଆଲଣାହାଟ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପିଚୁ ମରାମତି କାର୍ଯ୍ୟ କରାଯାଇଛି। ହେଲେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏହି ମରାମତି କାର୍ଯ୍ୟକୁ ଅତି ନିମ୍ନମାନର କରିଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଥିବାବେଳେ କାମ ହେବାର ମାତ୍ର ଦୁଇ ଦିନରେ ରାସ୍ତାରୁ ଫଡା ଫଡା ପିଚୁ ଉଠି ଯାଉଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଜିଲ୍ଲା ପ୍ରଶାସନ ଏହି କାର୍ଯ୍ୟର ତୁରନ୍ତ ତଦନ୍ତ କରିବାକୁ ଦାବି କରିଛନ୍ତି।



# ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟାଳୟ ଗୃହ ପାଲଟିଛି ଭୂତକୋଠି

**ବୋରିଗୁମ୍ମା, ୭।୨ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ପଞ୍ଚାୟତର ଆଦର୍ଶ ବିଦ୍ୟାଳୟର ପାର୍ଶ୍ୱରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ସରକାରୀ ତରାଗୁଡ଼ା ନୂତନ ପ୍ରାଥମିକ ବିଦ୍ୟାଳୟ ଗୃହ ଏବେ ଭୂତକୋଠି ପାଲଟିଛି।

୨୦୧୯ ମାର୍ଚ୍ଚ ୩ରେ ଏହି ବିଦ୍ୟାଳୟ ଗୃହକୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିଲେ।



ଉଦ୍‌ଘାଟନକୁ ପାଖାପାଖି ପାଞ୍ଚ ବର୍ଷ ପୂରିଥିଲେ ମଧ୍ୟ ତାହା କାର୍ଯ୍ୟରେ ଲାଗି ପାରୁନାହିଁ। ସଞ୍ଜ ନଇଁଲେ ଏଠି ଜମେ ଅସାମାଜିକଙ୍କ ଆଡ୍ଡା ଓ ଚାଲେ ମଦ ଗଞ୍ଜେଇ ଆସର। ଦିନ ଥିଲା ଏହା କୁନି କୁନି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଢିବା ବିଦ୍ୟାଳୟ। ଏହା ଆଜି କୃତିମ ଜଙ୍ଗଲ ଘେରି ରହିଥିବା ବେଳେ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଶିକ୍ଷାଦାନ ଦେଇ ଆସୁଥିବା ଏହି ବିଦ୍ୟାଳୟ ଆଜି ସେବା ପାଇଁ ଚାହିଁ ବସିଛି। କିନ୍ତୁ ଏବେ ଏପରି ଅବସ୍ଥା ହୋଇଛିଯେ, ଦିନରେ ଯିବାକୁ ଡର ଲାଗୁଛି।

ଏହି ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ବେଳେ ପ୍ରଶାସନର ଦୃଷ୍ଟି ପଡୁନି। ଅପରପକ୍ଷେ ଅଞ୍ଚଳର ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଶ୍ରେଣୀଗୃହ ଖଣ୍ଡେ ନଥିବାରୁ ସେମାନେ ନାହିଁ ନଥିବା ହୀନସ୍ତା ହୋଇ ବିଦ୍ୟାଳୟ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ତୁରନ୍ତ ଉକ୍ତ ବିଦ୍ୟାଳୟ ଗୃହକୁ କାର୍ଯ୍ୟରେ ଲଗାଇବା ଦିଗରେ ନୂତନ ସରକାର ଦୃଷ୍ଟି ଦେବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ଚାକିରି କରାଇ ଦେବାକୁ କହି ୨୦ ଲକ୍ଷ ଠକେଇ, ଜେଲ୍‌ଗଲେ ମହିଳା

**ବାଲିଅନ୍ତା, ୭।୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ପୁଲିସ ଚାକିରି ପ୍ରଲୋଭନ ଦେଖାଇ ୨୦ ଲକ୍ଷ ଠକି ନେବା ମାମଲାରେ ଆଜି ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମହିଳା ହେଲେ ବରଗଡ଼ ଜିଲ୍ଲା ବରପାଲ୍ଲି ଥାନା ଅଧୀନ କୁମ୍ଭାରିଆ ଗ୍ରାମର ଶ୍ୱେତା ଛତାର ( ୩୨)। ତେବେ ଜାମିନ ନାମଞ୍ଜୁର ହେବାରୁ ଶ୍ୱେତାକୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୋଗକାରିଣୀ ବୀଣାପାଣି ଦାସଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ଯେ,ବୀଣାପାଣି ପରିବାର ସହ ବାଲିଅନ୍ତା ଥାନା ଅନ୍ତର୍ଗତ ସାଇବିହାର ଅଞ୍ଚଳରେ ରୁହନ୍ତି । ସେ ସରକାରୀ ବିଭାଗରେ ଚାକିରି କରିବା ଲାଗି ପ୍ରୟାସ ଚଳାଇଥିବା ବେଳେ, ଅଭିଯୁକ୍ତ ଶ୍ୱେତା ଏବଂ ତାଙ୍କର ଜଣେ ସହଯୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ। ଦୁଇ ଅଭିଯୁକ୍ତ ତାଙ୍କୁ ସଚିବାଳୟରେ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେବା ସହିତ ପ୍ରତିବଦଳରେ ଟଙ୍କା ଦାବି କରିଥିଲେ। ଦୁଇ ଅଭିଯୁକ୍ତଙ୍କ ଦାବି ମୁତାବକ ଅଭିଯୋଗକାରିଣୀ ବୀଣାପାଣି ଏବଂ ତାଙ୍କ ସ୍ୱାମୀ ଗତ ତା.୧୩.୦୭.୨୦୨୩ ରିଖରୁ ତା.୨୯.୧୦.୨୦୨୩ ରିଖ ମଧ୍ୟରେ ପର୍ଯ୍ୟାୟ କ୍ରମେ ମୋଟ ୨୦ ଲକ୍ଷ ଟଙ୍କା ଦେଇଥିଲେ । ଟଙ୍କା ନେବାର ବହୁତ ଦିନ ବିତି ଯାଇଥିଲେ ମଧ୍ୟ ଉଭୟ ଅଭିଯୁକ୍ତ ତାଙ୍କୁ ଚାକିରି ଯୋଗାଇ ପାରିନଥିଲେ ବରଂ ଦିନପରେ ଦିନ ଗଡାଇ ଚାଲିଥିଲେ । ଶେଷରେ ବାଧ୍ୟ ହୋଇ ବୀଣାପାଣି ଉଭୟଙ୍କୁ ଫୋନ କରି ନେଇଥିବା ଟଙ୍କା ଫେରାଇଦେବା ଲାଗି କହିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଦୁଇ ଅଭିଯୁକ୍ତ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ । ଏଥିରେ ମର୍ମାହତ ହୋଇ ବୀଣାପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

ଛେଳି ଜଗୁଆଳିଙ୍କ ଜଘନ୍ୟ କାଣ୍ଡ

# ଜମି ମାଲିକଙ୍କୁ ଗୋଡ଼େଇ ଗୋଡ଼େଇ ହାଣିଲେ



**ନୟାଗଡ଼, ୭।୨ (ସଂଚାର ବ୍ୟୁରୋ):** ଛେଳି ଜାଗୁଆଳିଙ୍କ ଜଘନ୍ୟ କାଣ୍ଡ । ଜମି ମାଲିକଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ପୂର୍ବରୁ ଦେଶୀ ମଦ ବେପାର କରି ଜେଲ ଯାଇଥିବା ଏହି ଗାଁ ଡନ ଦିନ ଦି'ପ୍ରହରେ ଜଣେ ବ୍ୟକ୍ତିଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରଣପୁର ଥାନା ରାଜ ସୁନାଖଳା ଫାଣ୍ଡି ଅନ୍ତର୍ଗତ କୋଟପୋଖରୀ ଗାଁରେ। ଏହି ଗାଁର ଛେଳି ଜଗୁଆଳି ଧରଣୀ ବେହେରା ଏବଂ ତାଙ୍କ ପୁଅ ମୁନା ବେହେରା ସାମାନ୍ୟ ବଚସାରେ ଜଣେ ବ୍ୟକ୍ତିଙ୍କୁ ଫାର୍ସାରେ ଗୋଡ଼ାଇ ଗୋଡ଼ାଇ ହାଣିଥିବା ଗୁରୁବାର ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ ହୋଇଛି । ସୂଚନାନୁସାରେ, ଖଇରପଲି ଗାଁର ବ୍ୟକ୍ତି ବିଜୟ ମହାନ୍ତିଙ୍କର କ୍ଷେତରେ କୋଟପୋଖରୀ ଗାଁର ଛେଳି ଜଗୁଆଳି ଧରଣୀ ବେହେରା ଛେଳି ଚରାଇ ଫସଲ ଖୁଆଇ ଦେଇଥିଲେ। ଏନେଇ ବିଜୟ ଧରଣୀଙ୍କୁ ପଚାରିବାରେ ସେ ଉତକ୍ଷିପ୍ତ ହୋଇଯାଇଥିଲେ । ପରେ ଧରଣୀ ଏବଂ ତାଙ୍କ ପୁଅ ମୁନା ବେହେରା ମାରଣାସ୍ତ୍ର ଦ୍ୱାରା ବିଜୟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟ ରଖି ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବିଜୟଙ୍କ ପିଠିରେ ଆଘାତ ଲାଗିବା ସହ ମୁଣ୍ଡରେ ଫାର୍ସା ଚୋଟ ପଡି ଗଭୀର ଆଘାତ ଲାଗିଛି । ଆହତଙ୍କୁ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏନେଇ ରଣପୁର ଥାନା ଅଧିକାରୀଙ୍କୁ ପଚାରିବାରେ, ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ଆସିଥିଲା । ତେବେ କେସ ନଂ ୩୩/୨୦୨୫ ଓ ୩୪/୨୦୨୫ ଦୁଇଟି ମାମଲା ରୁଜୁ କରାଯାଇଛି । ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାରେ ସଂପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଗିରଫ କରାଯାଇ ନାହିଁ ବୋଲି ଥାନା ଅଧିକାରୀ ମୁକେଶ ବେହେରା ସୂଚନା ଦେଇଛନ୍ତି । ତେବେ ଅଭିଯୁକ୍ତ ଧରଣୀ ବେହେରାଙ୍କ ପୁଅ ଏକ ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ହୋଇଥିବାରୁ ପୋଲିସ ଉପରେ ରାଜନୈତିକ ଚାପ ପଡୁଥିବା ଅଭିଯୋଗ କରିଛନ୍ତି ବିଜୟଙ୍କ ପାରିବାର ଲୋକ ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେ ପାଇଁ ଅର୍ଥ ଜୁଲୁମ !

## ବିରୋଧ କରିବାରୁ ସରପଞ୍ଚଙ୍କୁ ଗାଳିଗୁଲଜ, ଥାନାରେ ମାମଲା

**କୁଜଙ୍ଗ, ୭।୨ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବାକୁ ଯାଉଥିବା ଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରିବାକୁ ଆସିଥିବା ଅଧିକାରୀ ଅର୍ଥ ଜୁଲମ୍ କରିଛନ୍ତି। ତେବେ ଏହି ଘଟଣାକୁ ତୀବ୍ର ବିରୋଧ କରିଥିଲେ ସ୍ଥାନୀୟ ସରପଞ୍ଚ। ଫଳରେ ଅଧିକାରୀ ଜଣଙ୍କ ରାଗିଯାଇ ସରପଞ୍ଚଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି। ଏଭଳି ଅଭାବନୀୟ ଘଟଣା ଘଟିଛି କୁଜଙ୍ଗ ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋରଡ଼ ଗ୍ରାମ ପଂଚାୟତରେ। ଏନେଇ ମହିଳା ସରପଞ୍ଚ ନଳିନୀ ନାୟକ ତିର୍ତ୍ତୋଲ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।ପୋଲିସ ସରପଞ୍ଚଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଗୋରଡ଼ ଗ୍ରାମ ପଂଚାୟତ ମହିଳା ସରପଞ୍ଚ ନଳିନୀ ନାୟକଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ପକ୍କା ଘର ପ୍ରଧାନ କରାଯିବ। ତେବେ କୁଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତ ଗୁଡିକରେ ଯୋଗ୍ୟ ହିତାଧିକାରୀମାନଙ୍କ ଚୟନ ପ୍ରକିୟା ଅର୍ଥାତ୍ ସର୍ଭେ କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୋରଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମର ଯୋଗ୍ୟ ହିତାଧିକାରୀ ମାନଙ୍କୁ ଚୟନ ଓ ସର୍ଭେ କରିବାକୁ ପ୍ରଶାସନ ପକ୍ଷରୁ ଜଳ ଓ ପରିମଳ ବିଭାଗର ସଂଯୋଜକ ଜଗନ୍ନାଥ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ତେବେ ଏହି ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗତ ୪ ତାରିଖରେ ଗୋରଡ଼ରେ ପହଞ୍ଚିଥିଲେ ଶ୍ରୀ ମହାନ୍ତି। ସାଙ୍ଗରେ ଥିଲେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କିଛି କର୍ମକର୍ତ୍ତା। ଫଳରେ ଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କାର୍ଯ୍ୟରେ ଶ୍ରୀ ମହାନ୍ତି ପକ୍ଷପାତିତା କରିଥିବା ଖବର ପାଇଥିଲେ ସରପଞ୍ଚ ଶ୍ରୀମତୀ ନାୟକ। ଏନେଇ ସରପଞ୍ଚ ବ୍ଲକ ପ୍ରଶାସନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଅଭିଯୋଗ ସମ୍ପର୍କରେ ପ୍ରଶାସନ ଠାରୁ ଶ୍ରୀ ମହାନ୍ତି ଖବର ପାଇ ସରପଞ୍ଚଙ୍କ ଘର ପାଖରେ ପହଞ୍ଚି ଯାଇଥିଲେ। ଶ୍ରୀ ମହାନ୍ତିଙ୍କୁ ସରପଞ୍ଚ କହିଥିଲେ ଯେ, ଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରାଯାଉ, କେହି ଯୋଗ୍ୟ ହିତାଧିକାରୀ ପକ୍କା ଘର ପାଇବାରୁ ବଞ୍ଚିତ ନ ହୁଅନ୍ତି । ଏଥିରେ ଶ୍ରୀ ମହାନ୍ତି ସର୍ଭେ କରିବା ପାଇଁ କିଛି ଅର୍ଥ ଜୁଲମ କରିଥିଲେ। ଘଟଣାକୁ ତୀବ୍ର ବିରୋଧ କରିଥିଲେ ସରପଞ୍ଚ ଶ୍ରୀମତୀ ନାୟକ। ଫଳରେ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ପରିସ୍ଥିତି ଘଟିଥିଲା। ଏମିତି କି ମହିଳା ସରପଞ୍ଚଙ୍କୁ ସେ ଧକ୍କା ମାରିବାକୁ ପଛାଇ ନଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।

ଅନୁରୂପ ଭାବେ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଯେ, ସରପଞ୍ଚଙ୍କ ସ୍ୱାମୀ ଚନ୍ଦ୍ରଭାନୁ ନାୟକ ତାଙ୍କୁ ବେଆଇନ କାର୍ଯ୍ୟ କରିବାକୁ ଚାପ ପକାଇଥିଲେ। ସେ ଏହାକୁ ବିରୋଧ କରିବାରୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ନେଇ ଥାନାରେ ପାଲଟା ଏତଲା ଦେଇଛନ୍ତି। ତେବେ ଏହି ଘଟଣା ରାଜନୈତିକ ଅଭିସନ୍ଧି କାରଣରୁ ସୂତ୍ରପାତ ହୋଇଥିବା ଶୁଣିବାକୁ ମିଳୁଛି।

# ଟିକେଟ ବ୍ଲାକ ଘଟଣା, ୭ ଗିରଫ



**କଟକ,୭।୨ (ସଂଚାର ବ୍ୟୁରୋ):** କଟକର ଐତିହାସିକ ବାରବାଟୀରେ ଆସନ୍ତା ୯ ତାରିଖରେ ଘରୋଇ ଭାରତ ତା'ର ଦ୍ୱିତୀୟ ଦିନିକିଆରେ ଭ୍ରମଣକାରୀ ଇଂଲଣ୍ଡକୁ ଭେଟିବ। ତେବେ ଏହି ମ୍ୟାଚ୍‌ର ଟିକେଟ୍ ଯଥେଷ୍ଟ ସଅଳ ଶେଷ ହେବା ପରେ ଟିକେଟ୍ କଳାବଜାରୀ ହୋଇଥିବା ଅଭିଯୋଗ ଆସିଥିଲା। ଏହି ଘଟଣାରେ ଆଜି ୭ ଜଣଙ୍କୁ ଗିରଫ କରାଯାଇଛି। କଟକ କମିଶନରେଟ୍ ପୁଲିସ ଏହି ଗିରଫଦାରୀ କରିଛି। ଦରଘା ବଜାର ଓ କ୍ୟାଣ୍ଟନ୍‌ମେଣ୍ଟ ଥାନାରେ ୪ଟି ମାମଲା ରୁଜୁ କରାଯାଇଥିବା ବେଳେ ଏହି ୭ ଜଣ ଟିକେଟର କଳାବଜାର କରୁଥିବା ସମୟରେ ଧରାପଡ଼ିଥିବା ଜଣାପଡ଼ିଛି। ସେମାନେ ୧୧ ଶହ ଟଙ୍କା ଦାମ୍‌ର ଟିକେଟ୍‌କୁ ୭ ହଜାର ଟଙ୍କାରେ ବିକ୍ରି କରୁଥିବା ବେଳେ ପୁଲିସ୍ ମାଡ଼ିବସିଥିଲା। ସେମାନଙ୍କ ନିକଟରୁ ୨୫ଟି ଟିକେଟ୍ ସହ ନଗଦ ୩୦ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ସୋସିଆଲ ମିଡିଆରେ ଟିକେଟ କଳାବଜାର କରାଯାଉଥିବା ଘଟଣା ଉପରେ ମଧ ସାଇବର ଥାନା ପୁଲିସ ନଜର ରଖିଛି। ଟିକେଟ୍ କଳାବଜାର କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ସେହିପରି ବିନା ଟିକେଟରେ ପଡ଼ିଆ ଭିତରେ ପ୍ଲପ୍ରବେଶ ଉଦ୍ୟମ କରୁଥିବା ଲୋକଙ୍କ ବିରୋଧରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଟକ ଡିସିପି ଜଗମୋହନ ମୀନା କହିଛନ୍ତି।

# ଓଲଟିଲା ସ୍କୁଲ ଭ୍ୟାନ୍, ବର୍ତ୍ତିଗଲେ ୨୩ ଛାତ୍ରଛାତ୍ରୀ



ନରସିଂହପୁର,୭।୨(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଏକ ସ୍କୁଲ ଭ୍ୟାନ୍ ଓଲଟି ପଡ଼ିଥିଲେ ହେଁ ଏଥିରେ କୌଣସି ଛାତ୍ରଛାତ୍ରୀ ଆହତ ହୋଇନାହାନ୍ତି। ଫଳସ୍ୱରୂପ ଏହି ଛାତ୍ରଛାତ୍ରୀମାନେ ଏକ ବଡ଼ ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। କଟକ ଜିଲ୍ଲା ଯୋଡୁମୁ ଥାନା ଜିଲିଣ୍ଡାରେ ଏହି ଦୁର୍ଘଟଣା ଘଟିଛି। ଶିଶୁ ମନ୍ଦିର ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଫେରୁଥିବା ସମୟରେ ଉକ୍ତ ସ୍କୁଲ୍ ଭ୍ୟାନ୍‌ଟି କଟକ କାମଳାଦିହ ମୁଖ୍ୟ ରାସ୍ତା ଚକାମୁଣ୍ଡାଠାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ତେବେ ସେଥିରେ ବସିଥିବା ସମସ୍ତ ୨୩ଜଣଯାକ ଛାତ୍ରଛାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଛାତ୍ରଛାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ଯୋଡୁମୁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇବା ପରେ ଘରକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

● ବନ ବିଭାଗର ଚଢ଼ାଉ

# ୬ ଗିରଫ, ବାଘଛାଲ ଜବତ



କରଞ୍ଜିଆ,୭।୨(ସଂଚାର ବ୍ୟୁରୋ): ବାଘଛାଲ ଡିଲ ଚାଲିଥିବା ସମୟରେ ଅଚାନକ ବନ ବିଭାଗର କର୍ମଚାରୀମାନେ ଚଢ଼ାଉ କରିଛନ୍ତି। ଫଳରେ ୬ ଜଣ ଗିରଫ ହୋଇଥିବା ବେଳେ କଲରାପତରିଆ ବାଘ ଛାଲ ଜବତ କରାଯାଇଛି। କରଞ୍ଜିଆ ବ୍ଲକ ମଣ୍ଡୁଆ ଗାଁର ନାୟକସାହି ନିକଟରେ ଚଢ଼ାଉ କରି ବନ ବିଭାଗ ଉକ୍ତ ୬ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। କୌଣସି ସୂତ୍ରରୁ ବାଘ ଛାଲ ଡିଲ ହେଉଥିବା ସୂଚନା ପାଇ କରଞ୍ଜିଆ ଡିଏଫଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରିଥିଲା। ଏହି ଘଟଣା ସହ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ, ଏହି ବାଘଛାଲ ଉକ୍ତ ବ୍ୟକ୍ତିମାନେ କେଉଁଠାରୁ, ସେ ସମ୍ପର୍କରେ ସବିଶେଷ ସୂଚନା ପାଇବା ସକାଶେ ତଦନ୍ତ ଜାରି ରହିଥିବା ଡିଏଫ୍‌ଓ ଶ୍ରୀକାନ୍ତ ନାଏକ କହିଛନ୍ତି।

**ବାରବାଟୀ ଦିନିକିଆ**

# ପହଞ୍ଚିଲେ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ଖେଳାଳି

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ଖେଳାଯିବାକୁ ଥିବା ଚଳିତ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ସକାଶେ ଆଜି ଏଠାରେ ପହଞ୍ଚିଛନ୍ତି ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ଦଳର ଖେଳାଳିମାନେ। ଖେଳାଳି ଓ ଅଫିସିଆଲ୍‌ମାନେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବନ୍ଦରରେ ଟିମ୍ ଇଣ୍ଡିଆ ଖେଳାଳି ପହଞ୍ଚିବା ପରେ ସେଠାରେ ପ୍ରଶଂସକଙ୍କ ବେଶ୍ ଭିଡ଼ ଜମିଥିଲା। ନିଜର ମନପସନ୍ଦ ଖେଳାଳିଙ୍କ ଝଲକ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ବିମାନବନ୍ଦର ପରିସରରେ କ୍ରିକେଟ୍‌ପ୍ରେମୀମାନେ ଅପେକ୍ଷା କରିଥିବା ଦେଖିବାକୁ







ମିଳିଥିଲା। ପ୍ରଥମେ ଭାରତୀୟ ଦଳର ଖେଳାଳିମାନେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ମଧ୍ୟରେ ମେ ଫେୟାର୍ ହୋଟେଲ୍‌କୁ ନିଆଯାଇଥିଲା। ମେ' ଫେୟାର୍ ନିକଟରେ ମଧ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେଠାରେ ଖେଳାଳିମାନେ ପହଞ୍ଚିବା ପରେ ସେମାନଙ୍କୁ ପାରମ୍ପରିକ ଢଙ୍ଗରେ ସ୍ୱାଗତ କରାଯାଇଥିଲା। ପାରମ୍ପରିକ ନୃତ୍ୟଗୀତରେ ଖେଳାଳିମାନେ ରାଜ୍ୟର ଆତିଥ୍ୟ ପାଇଥିଲେ। ସେହିପରି କିଛି ସମୟ ପରେ ଇଂଲଣ୍ଡ ଦଳର ଖେଳାଳିମାନେ ମଧ ବିମାନବନ୍ଦରରେ ପହଞ୍ଚିଥିଲେ। ସେମାନଙ୍କୁ ମଧ ଅନୁରୂପ ଢଙ୍ଗରେ ମେ' ଫେୟାର୍ ହୋଟେଲ୍‌କୁ ନିଆଯାଇଥିଲା। ଅନ୍ୟପକ୍ଷରେ ଆଜି ଭୁବନେଶ୍ୱରରେ ଉଭୟ ଦେଶର ଖେଳାଳି ପହଞ୍ଚିବା ପୂର୍ବରୁ କମିଶନରେଟ୍ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାର କଡ଼ା ଯାଞ୍ଚ କରାଯାଇଥିଲା। ବିଶେଷକରି ଖେଳାଳିଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ସେହିପରି ମ୍ୟାଚ୍ ସମୟରେ ଷ୍ଟାଡିୟମ ଭିତରକୁ ପାଣି ବୋତଲ ମଧ ନେଇ ଦର୍ଶକ ଯାଇପାରିବେ ନାହିଁ ବୋଲି ପୁଲିସ୍ କମିଶନର ଦୋହରାଇଛନ୍ତି ।

ଏୟାରପୋର୍ଟଠାରୁ ହୋଟେଲ୍ ଓ ଆସନ୍ତକାଲି ବାରବାଟୀ ଷ୍ଟାଡିୟମରେ ଉଭୟ ଦଳର ଅଭ୍ୟାସ ସହ ରବିବାର ମୁକାବିଲା ପାଇଁ କମିଶନରେଟ୍ ପୁଲିସ୍ ସବୁପ୍ରକାର ପ୍ରସ୍ତୁତି କରିଛି। ଖେଳାଳିମାନେ ଭୁବନେଶ୍ୱରରୁ କଟକ ଯିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମୋଟ ୫୦ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହୋଇଥିବା। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

ସେହିପରି ବାରବାଟୀରେ ଏକ ହାଇସ୍କୋରିଂ ମ୍ୟାଚ୍ ପାଇଁ ପ୍ରସ୍ତୁତ ଗ୍ରାଉଣ୍ଡ। ମ୍ୟାଚ ଜିତି ସିରିଜ କବଜା କରିବା ଲକ୍ଷ୍ୟନେଇ ଟିମ୍ ଇଣ୍ଡିଆ ଖେଳିବ। ରେକର୍ଡ କହୁଛି ବାରବାଟୀ ଭାରତୀୟ ଦଳ ପାଇଁ ବେଶ ଶୁଭ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ପୂର୍ବରୁ ୫ଟି ମ୍ୟାଚ ଖେଳାଯାଇଥିବା ବେଳେ ସେଥିରୁ ଭାରତ ୩ଟିରେ ବିଜୟୀ ହୋଇଛି। ୧୯୮୨ ଓ ୧୯୮୪ରେ ଖେଳାଯାଇଥିବା ପ୍ରଥମ ଦୁଇଟି ମୁକାବିଲାର ପ୍ରଥମେ ମ୍ୟାଚକୁ ୫ ୱିକେଟରେ ଭାରତ ଜିତିଥିଲା ବେଳେ ଦ୍ୱିତୀୟ ମ୍ୟାଚକୁ ୧ ରନରେ ଜିତିଥିଲା ଇଂଲଣ୍ଡ। ପରେ ଦୀର୍ଘ ୧୮ ବର୍ଷର ଅନ୍ତରାଳରେ ୨୦୦୨ରେ ତୃତୀୟ ମ୍ୟାଚ ଖେଳାଯାଇଥିଲା, ଯେଉଁଥିରେ ୧୬ ରନରେ ଭାରତକୁ ହରାଇଥିଲା ଇଂଲଣ୍ଡ। ୨୦୦୮ ଓ ୨୦୧୭ରେ ବାରବାଟୀରେ ଖେଳାଯାଇଥିବା ଦୁଇଟି ମ୍ୟାଚକୁ କ୍ରମାଗତ ଭାବେ ଟିମ୍ ଇଣ୍ଡିଆ ଜିତିଛି। ଏଥର ବ୍ଲାକ୍ ପିଚ୍‌ରେ ମ୍ୟାଚ୍ ଖେଳାଯିବ। ତେଣୁ ଏହା ହାଇସ୍କୋରିଂ ହେବ ଓ ଦର୍ଶକ ଏହାକୁ ବେଶ୍ ଉପଭୋଗ କରିବେ। ଦିବାରାତ୍ର ମ୍ୟାଚ ହୋଇଥିବାରୁ କାକର ମୁଖ୍ୟ ଭୂମିକା ନେଇପାରେ। ଦ୍ୱିତୀୟ ବ୍ୟାଟିଂରେ ବିଜୟ ସମ୍ଭାବନା ଅଧିକ ଥିବାରୁ ଟସ୍‌ର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ ହେବ। ବାରବାଟୀ ମୁଖ୍ୟତଃ ଏକ ବ୍ୟାଟିଂ ଟ୍ରାକ ହୋଇଥିବାରୁ ୨୦୧୭ରେ ଖେଳାଯାଇଥିବା ଶେଷ ମ୍ୟାଚରେ ଯୁବରାଜ ସିଂ ୧୨୭ ବଲରୁ ଧୂଆଁଧାର ୧୫୦ ଓ ଏମଏସ ଧୋନିଙ୍କ ୧୩୪ ରନ ବଳରେ ଭାରତ ୩୮୧ ରନର ଏକ ବିଶାଳ ସ୍କୋର ଛିଡା କରିଥିଲା। ଜବାବରେ ବ୍ୟାଟିଂ ଟ୍ରାକର ଫାଇଦା ଉଠାଇ ୩୬୬ ରନ କରି ମାତ୍ର ୧୫ ରନ୍‌ରେ ଇଂଲଣ୍ଡ ପରାସ୍ତ ହୋଇଥିଲା। ତେଣୁ ଆସନ୍ତା ରବିବାରର ମ୍ୟାଚ୍ ରୋମାଞ୍ଚକର ହେବା ନିଶ୍ଚିତ। ବାରବାଟୀ ରେକର୍ଡ ଭାରତ ସପକ୍ଷରେ ଥିବାରୁ ଏଠାରେ ଦଳ ସିରିଜ୍ କରାୟତ୍ତ କରିବ ବୋଲି ଦର୍ଶକ ଆଶା ବାନ୍ଧିଛନ୍ତି।

# ନେତାଙ୍କ ଦୁଆରେ ଟିକଟ ପାଇଁ ଭିଡ଼

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ଦୀର୍ଘଦିନ ପରେ ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ଏକଦିବସୀୟ କ୍ରିକେଟ ମ୍ୟାଚର ଟିକଟ ଖଣ୍ଡିଏ ପାଇବା ପାଇଁ ନେତାଙ୍କ ଦୁଆରେ ଏବେ କର୍ମୀଙ୍କ ଭିଡ଼। ଶାସକ ଦଳର ବିଧାୟକଙ୍କଠାରୁ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ମାଳ ମାଳ ଟିକଟ ଆଶାୟୀ ପହଞ୍ଚୁଥିବା ବେଳେ କାହାକୁ କ'ଣ କହିବେ, ନେତାଏ ଜାଣିପାରୁନାହାନ୍ତି। କାହାକୁ କେତେ ବାଣ୍ଟିବେ ଓ ନିଜେ କେତେ ରହିବେ, ତାହାକୁ ନେଇ ଅଙ୍କକଷା ଚାଲିଛି। ବାରବାଟୀର ୪୫ ହଜାର ଟିକଟ ମଧ୍ୟରୁ ୨୪ ହଜାର ଟିକଟ ଭିଆଇପି ଓ ଭିଭିଆଇପିଙ୍କ ନିକଟକୁ ଯିବା ପ୍ରଚାର ହେବା ପରେ ନେତାଙ୍କ ଦୁଆରେ ଭିଡ଼ ଜମିଛି। କାରଣ ମନ୍ତ୍ରୀ ଓ ବିଧାୟକମାନଙ୍କୁ ଏକାଧିକ ପାସ୍ ମିଳିଥିବା ନେଇ ପ୍ରଚାର ଜୋର ଧରିଛି। ତେଣୁ ନିଜ ନିଜ ଏରିଆରୁ କର୍ମୀମାନେ ରାଜଧାନୀକୁ ଛୁଟିବାରେ ଲାଗିଛନ୍ତି। ପାସ୍ ଖଣ୍ଡିଏ ପାଇଁ କିଏ କାକୁତିମିନତି ହେଉଛି ତ ଆଉ କିଏ ଚଢ଼ାଗଳାରେ କହୁଛି। ଅନେକ ତ ନିର୍ବାଚନ ବେଳେ କିଭଳି ରାତି ଅନିଦ୍ରା ହୋଇ ଖଟିଥିଲେ, ତାହା ବୁଲେଇବଙ୍କେଇ କହିବାରେ ଲାଗିଛନ୍ତି। ତେବେ ନେତା କାହାକୁ କ'ଣ କହି ବୁଝାଇବେ ଜାଣିପାରୁନାହାନ୍ତି। କାରଣ ସେମାନେ ଭଲ ଭାବେ ଜାଣିଛନ୍ତି ଯେ ଜଣକୁ ଦେଲେ ଅନ୍ୟମାନେ କି ଅବସ୍ଥା କରିବେ। ଭାଲୁ ଲାଞ୍ଜ ଧରିବା ଭଳି ସ୍ଥିତି ଉପୁଜିଛି। ହେଲେ କର୍ମୀମାନେ କିନ୍ତୁ ନଛୋଡ଼ ବନ୍ଧା। ତେଣେ ମନ୍ତ୍ରୀ ଓ ବିଧାୟକଙ୍କ ବନ୍ଧୁବାନ୍ଧବ ବି ରାଜଧାନୀରେ ଟିକଟ ପାଇଁ ପହଞ୍ଚିବା ଆରମ୍ଭ କରିଛନ୍ତି। ହେଲେ ନେତାଙ୍କ ପାଇଁ ଖଟିଥିବା କର୍ମୀମାନେ ଶେଷ ଆଶା ଛାଡ଼ିନାହାନ୍ତି। କିଏ କେତେ ଟିକଟ ହାତେଇଛି, ତାହାର ଗୁଜବ ଏବେ ଉଡୁଥିବାବେଳେ ନେତାଏ କାହାକୁ କେତେ ଟିକଟ ଦେଉଛନ୍ତି ଓ କିଏ ବାରବାଟୀ ଯାଉଛନ୍ତି, ତାହା ଦେଖିବାକୁ କର୍ମୀମାନେ ଛକି ରହିଛନ୍ତି।

➪ ବାଜିରେ ଲାଗିଲାଣି ଇଜ୍ଜତ

➪ ଭାଲୁ ଲାଞ୍ଜ ଧରିବା ଭଳି ସ୍ଥିତି

**ଗୃହ ଓ ନଗର ଉନ୍ନୟନ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

# ୪ ସହରକୁ ନେଇ ଗ୍ରେଟର ଭୁବନେଶ୍ୱର ଯୋଜନା



● ଭୁବନେଶ୍ୱର ନିକଟରେ ଅନ୍ୟ ଏକ ସହର ସହ ମେଟ୍ରୋ ଚଳାଚଳ ଲକ୍ଷ୍ୟ

ଭୁବନେଶ୍ୱର,୭।୨ (ସଂଚାର ବ୍ୟୁରୋ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବୈଠକରେ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ୍ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି। ୨୦୩୬ ବିକଶିତ ଓଡ଼ିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମୁଦାୟ ୮୫୦୦ ବର୍ଗ କିମି ଅଞ୍ଚଳକୁ ସମାବେଶୀ, ବାସୋପଯୋଗୀ ଓ ଦୀର୍ଘସ୍ଥାୟୀ ଅର୍ଥନୈତି କ ରିଜିଅନ ଭାବେ ବିକଶିତ କରିବାର ଯୋଜନା ରହିଛି। ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟମାନଙ୍କୁ ଯାଇ ସେମାନଙ୍କ ଯୋଜନାର ଅନୁଧ୍ୟାନ ପାଇଁ ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଏକ ନୂତନ ସହର ନିର୍ମାଣ ଓ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଏହି ଅବସରରେ ରାଜ୍ୟର ସହରାଞ୍ଚଳ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭିଭି ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

● ଓପିଏଚ୍‌ଡବ୍ଲ୍ୟୁସି ଓ ଗୃହ ବିଭାଗ ମଧ୍ୟରେ ବୁଝାମଣା

# ଉଗ୍ରବାଦ ପ୍ରଭାବିତ ଅଞ୍ଚଳ ପାଇଁ ୨୦୦ ପ୍ରକଳ୍ପ

ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୁଲିସ୍ ହାଉସିଂ ଓ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚଡବ୍ଲ୍ୟୁସି) ଓ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଓପିଏଚ୍‌ଡବ୍ଲ୍ୟୁସି ସିଏମ୍‌ଡି ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣା ଅନୁସାରେ ଓପିଏଚଡବ୍ଲ୍ୟୁସି ୧୨୫୦ କୋଟି ଟଙ୍କାର କାରବାର କରିବ। ଏଥିସହ ଚଳିତ ଆର୍ଥିକ ବର୍ଷରେ ଓପିଏଚ୍‌ଡବ୍ଲ୍ୟୁସି ୭୦୦ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଯୋଜନା ରଖିଥିବା ବେଳେ ଏଥି ମଧ୍ୟରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ୨୦୦ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସେହିପରି ଓପିଏଚଡବ୍ଲ୍ୟୁସିକୁ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫ ପ୍ରତିଶତ ଅଭିବୃଦ୍ଧି ସହ ୧୨୫୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓପିଏଚଡବ୍ଲ୍ୟୁସିକୁ ୧୬ ପ୍ରତିଶତ ଅଭିବୃଦ୍ଧି ସହ ୬୨.୫୦ କୋଟି ଟଙ୍କା ଲାଭ ଲକ୍ଷ୍ୟ ମଧ ଦିଆଯାଇଛି। ଓପିଏଚଡବ୍ଲ୍ୟୁସି ଟଙ୍କା ଲାଭ ବଣ୍ଟନ କରିବାକୁ ମଧ ପ୍ରତିଶ୍ରୁତିବଦ୍ଧ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନ ଲକ୍ଷ୍ୟ ରହିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬ ପ୍ରତିଶତ ଅଧିକ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗ ବ୍ୟତୀତ ଅନ୍ୟ ବିଭାଗଗୁଡ଼ିକରୁ କାରବାର ଲକ୍ଷ୍ୟ ୫୦ ପ୍ରତିଶତ ହେବ। ୭୦୦ ସମ୍ପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଓପିଏଚଡବ୍ଲ୍ୟୁସିକୁ ମଧ ଲକ୍ଷ୍ୟ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଆବଶ୍ୟକତା ପାଳନ କରିବା ସକାଶେ ଓପିଏଚଡବ୍ଲ୍ୟୁସିକୁ ପରାମର୍ଶ ଦିଆଯାଇଛି।



# କୃଷି ଓ ସଂସ୍କୃତି ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ: ମୃଦୁଳା




ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ଫୁଲ ଚାଷ ଏବଂ ଦୃଶ୍ୟ କଳା ଉପରେ ଉଦ୍ୟାନ ସାଂସ୍କୃତିକ ଆଲୋଚନାଚକ୍ର ସହ ପ୍ରଦର୍ଶନୀରେ ଯୋଗଦେବା ହେବା ଏକ ମହାନ ସୌଭାଗ୍ୟ। ଓଡିଶା କୃଷି ବିଶ୍ୱବିଦ୍ୟାଳୟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି ବସନ୍ତ ଉତ୍ସବ ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ସୃଜନଶୀଳତାର ସାରକୁ ପ୍ରତିଫଳିତ କରେ ବୋଲି କହିଛନ୍ତି ବିଶିଷ୍ଟ ସମାଜସେବୀ ତଥା ବିଜେପି ନେତ୍ରୀ ମୃଦୁଳା ଠାକୁର ପ୍ରଧାନ। ବସନ୍ତ ଉତ୍ସବ, କିମ୍ବା ବସନ୍ତ ମହୋତ୍ସବ, ଶୀତରୁ ବସନ୍ତକୁ ପରିବର୍ତ୍ତନକୁ ଚିହ୍ନିତ କରେ, ନବୀକରଣର ଏକ ଋତୁ। ଏହା ଫୁଲ ସହିତ ଗଭୀର ଭାବରେ ଜଡ଼ିତ, ଯାହା ଆନନ୍ଦ, ପୁନର୍ଜୀବନ ଏବଂ ପ୍ରକୃତିର ଜାଗରଣର ପ୍ରତୀକ । ସୋରିଷ ଫୁଲର ସୁବର୍ଣ୍ଣ ଫୁଲ ଏବଂ ଗାଣ୍ଡାର ସମୃଦ୍ଧ ରଙ୍ଗ ଦ୍ୱାରା ବର୍ଣ୍ଣିତ ଏହି ଉତ୍ସବ ସମୃଦ୍ଧି, ଖୁସି ଏବଂ ଉଷ୍ମତାକୁ ପ୍ରତିଫଳିତ କରେ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଆଜି ଏଠାରେ ଏତେ ଫୁଲ ଚାଷୀ, ଫୁଲ ଚାଷକାରୀ, ନର୍ସରୀ ମାଲିକ ଏବଂ ଉଦ୍ୟାନ ଉତ୍ସାହୀଙ୍କୁ ଦେଖି ମୁଁ ଆନନ୍ଦିତ। ଫୁଲ ଚାଷ କେବଳ ଫୁଲ ଚାଷ ନୁହେଁ; କିନ୍ତୁ ଏହା ସୌନ୍ଦର୍ଯ୍ୟ, ଭାବନା ଏବଂ ପରିବେଶକୁ ପୋଷଣ କରିଥାଏ। କୃଷି ଏବଂ ସଂସ୍କୃତି ସର୍ବଦା ଜଟିଳ ଭାବରେ ଜଡିତ । ଫୁଲ, ଗଛଲତା, ଫସଲ ଚାଷ କେବଳ ଏକ କୃଷି ପ୍ରୟାସ ନୁହେଁ ବରଂ ଆମର ମୂଲ୍ୟବୋଧ ଏବଂ ସୃଜନଶୀଳତାର ଏକ ସାଂସ୍କୃତିକ ପ୍ରକାଶ ବୋଲି ସେ କହିଛନ୍ତି । ଏହି ଉଦ୍ୟାନ ସାଂସ୍କୃତିକ ଆଲୋଚନାଚକ୍ର ବିଶେଷଜ୍ଞମାନଙ୍କ ପାଇଁ ଫୁଲ ଚାଷ ସମେତ ଉଦ୍ୟାନ କୃଷିରେ ନୂତନତ୍ୱ, ସ୍ଥାୟୀ ଅଭ୍ୟାସ ଏବଂ ଭବିଷ୍ୟତ ଧାରା ବିଷୟରେ ଆଲୋଚନା କରିବା ପାଇଁ ଏକ ମଞ୍ଚ ଭାବରେ କାର୍ଯ୍ୟ କରୁଛି। ଏହି ପ୍ରଦର୍ଶନୀରେ ଦୃଶ୍ୟ କଳା ସହିତ ଫୁଲ ଚାଷର ମିଶ୍ରଣ ପ୍ରକୃତି ପ୍ରେରଣା ଦେଉଥିବା ଅସୀମ ସୃଜନଶୀଳତାର ଏକ ଉତ୍ସବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, କଳାକାରମାନେ ଦୀର୍ଘ ସମୟ ଧରି ସେମାନଙ୍କ କାର୍ଯ୍ୟରେ ଫୁଲରୁ ପ୍ରେରଣା ପାଇଛନ୍ତି, ପାଖୁଡା, ରଙ୍ଗ ଏବଂ ବ୍ୟବସ୍ଥା ବ୍ୟବହାର କରି ସେମାନଙ୍କର ସୃଷ୍ଟିକୁ ଜୀବନ୍ତ କରିଛନ୍ତି। କଳା ସହିତ ଫୁଲ ସୌନ୍ଦର୍ଯ୍ୟର ପରସ୍ପର ଦୃଶ୍ୟ ଅଭିଜ୍ଞତାକୁ ବୃଦ୍ଧି କରେ, ଯେଉଁମାନେ ଏହାକୁ ଦେଖନ୍ତି ସେମାନଙ୍କୁ ପ୍ରେରଣା ଦିଏ। ଏହି କାର୍ଯ୍ୟକ୍ରମ ଶିକ୍ଷା, ନବସୃଜନ ଏବଂ ଚିନ୍ତାଧାରାର ଆଦାନପ୍ରଦାନକୁ ପ୍ରୋତ୍ସାହିତ କରେ। ମୁଁ ଆମର ଯୁବ ଛାତ୍ର ଏବଂ ଉଦୀୟମାନ ଉଦ୍ୟାନବିତ୍ ଏବଂ କଳାକାରମାନଙ୍କୁ ଏହି ସୁଯୋଗର ପୂର୍ଣ୍ଣ ସଦୁପଯୋଗ କରିବାକୁ ଉତ୍ସାହିତ କରୁଛି ଯାହା ଦ୍ୱାରା ସେମାନେ ବୃଦ୍ଧି, ନୂତନତ୍ୱ ଏବଂ ସଂଯୋଗ ସ୍ଥାପନ କରିପାରିବେ। ଯେତେବେଳେ ଆମେ କୃଷି ଏବଂ ସଂସ୍କୃତିର ଏହି ମିଶ୍ରଣ ଏବଂ ଫୁଲ ଓ କଳାର ପର୍ବ ପାଳନ କରୁଛୁ, ଆସନ୍ତୁ ଆମେ ପ୍ରକୃତି ସଂରକ୍ଷଣ ତଥା ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ପ୍ରତିବଦ୍ଧ ହେବା, ଯାହାଦ୍ୱାରା ଆମେ ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ଏବଂ ସୁସ୍ଥ ବିଶ୍ୱ ଛାଡ଼ିଯିବା ବୋଲି ଶ୍ରୀମତୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

# ସାରଦା ପ୍ରଧାନଙ୍କ ନୂଆ ଫଣ୍ଡା

● ଆଗ ଆନୁଗତ୍ୟ, ପରେ ମିଶ୍ରଣ

● ବ୍ଲକ ଉପାଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ଅଶୋକ



ଭୁବନେଶ୍ୱର,୭।୨(ସଂଚାର ବ୍ୟୁରୋ): ମାହାଙ୍ଗା ବିଧାୟକ ରାଜନୀତିରେ ନୂଆ ଫଣ୍ଡା ଆପଣେଇଛନ୍ତି। ରାଜନୀତିରେ ଅନେକ ନେତା ଦଳଡିଆଁ କରିଥାନ୍ତି। କିନ୍ତୁ ଦଳ ପରିବର୍ତ୍ତନ ପରେ ସେମାନେ ସ୍ଥାନୀୟ ନେତାଙ୍କ ନେତୃତ୍ୱକୁ ଗ୍ରହଣ କରନ୍ତି ନାହିଁ। ଯାହାକୁ ନେଇ ସାମଗ୍ରିକ ଭାବେ ଜିଲ୍ଲା ଓ ରାଜ୍ୟ ସ୍ତରରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ସମାଧାନ ପାଇଁ ସାରଦା ପ୍ରଧାନ ନିଜସ୍ୱ ସର୍ତ୍ତ ତିଆରି କରିଛନ୍ତି। ଏହା ଅବଶ୍ୟ ତାଙ୍କ ନିଜ ନିର୍ବାଚନମଣ୍ଡଳୀରେ ସୀମିତ ରହିଛି। ସାରଦାଙ୍କ ସର୍ତ୍ତ ହେଉଛି, ଯେଉଁମାନେ ବିଜେପିକୁ ଆସିବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ନିଜ ପଦ ପଦବୀରୁ ଇସ୍ତଫା ଦେବେ। ଏଥିସହିତ ସେମାନେ ବିଜେପିର ସ୍ଥାନୀୟ ନେତାଙ୍କ ନେତୃତ୍ୱକୁ ଗ୍ରହଣ କରିବେ। ଯଦି ବିଜେଡି କିମ୍ବା କଂଗ୍ରେସର କେଉଁ ସରପଞ୍ଚ, ସମିତି ସଭ୍ୟ କିମ୍ବା ଜିଲ୍ଲା ପରିଷଦ ସଦସ୍ୟ ବିଜେପିରେ ଯୋଗ ଦେବାକୁ ଚାହୁଁଛନ୍ତି, ତେବେ ସେମାନେ ପ୍ରଥମେ ନିଜ ପଦରୁ ଇସ୍ତଫା ଦେବେ। ଏହାସହ ସେମାନେ ବିଜେପିର ସମ୍ପୃକ୍ତ ପଞ୍ଚାୟତ କିମ୍ବା ଜିଲ୍ଲା ପରିଷଦ ଜୋନ୍‌ର ବିଜେପି ନେତାଙ୍କ ଆନୁଗତ୍ୟକୁ ଗ୍ରହଣ କରିବେ। ଏହାପରେ ଯାଇଁ ସମ୍ପୃକ୍ତ ନେତା ବିଜେପିରେ ବିଧିବଦ୍ଧ ଭାବେ ଯୋଗଦେଇପାରିବେ। ସାରଦାଙ୍କ ଏହି ଫଣ୍ଡାକୁ ଗ୍ରହଣ କରି ଆଜି ନିଶ୍ଚିନ୍ତକୋଇଲି ବ୍ଲକର ଜିଗିନପୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ସେ ବ୍ଲକର ବର୍ତ୍ତମାନର ବିଜେପି ନେତାଙ୍କ ଆନୁଗତ୍ୟକୁ ଗ୍ରହଣ କରିଛନ୍ତି। ଏକଦା ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ ଓ ସାରଦା ନାୟକଙ୍କ ବ୍ଲୁଆଏଡ ବୟ ଥିଲେ ଅଶୋକ। ସେ ପୂର୍ବରୁ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ମଧ ଥିଲେ।

# ରାଜଧାନୀରେ ଅଢ଼େଇ ଲକ୍ଷ ଲୁଟ୍

ଭୁବନେଶ୍ୱର,୭।୧(ସଂଚାର ବ୍ୟୁରୋ): ରାଜଧାନୀରେ ଦିନକୁ ଦିନ ଅପରାଧୀଙ୍କ କଳାକାର୍‌ନାମା ବଢ଼ିଚାଲିଛି। ଆଇନକାନୁନ୍ ପ୍ରତି ଯେମିତି କାହାର ଆଦୌ ଭୟ ନାହିଁ। ତେଣୁ ଦିନଦ୍ୱିପ୍ରହରରେ ବି ଲୁଟେରାମାନେ ଲୁଟ୍ କରିବାକୁ ସାମାନ୍ୟତମ କୁଣ୍ଠାବୋଧ କରୁନାହାନ୍ତି। ଏହି କ୍ରମରେ ଆଜି ସ୍ପଷ୍ଟ ଦିବାଲୋକରେ କେତେକ ଲୁଟେରା ପାଖାପାଖି ଅଢ଼େଇ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୁଯୋଗ ଦେଖି ଟଙ୍କା ବ୍ୟାଗ୍ ଝାମ୍ପିନେଇ ଫେରାର୍ ହୋଇଯାଇଛନ୍ତି। ସ୍ଥାନୀୟ ଇନଫୋସିଟି ଥାନାଞ୍ଚଳରେ ଏକ ସିକ୍ୟୁରିଟି ସଂସ୍ଥାର ମୁଖ୍ୟଙ୍କଠାରୁ ଏହି ଟଙ୍କା ଲୁଟ୍ ହୋଇଛି। ବାଇକ୍‌ରେ ଦ୍ରୁତ ଗତିରେ ଆସି ଦୁଇ ଜଣ ଲୁଟେରା ଏପରି ଲୁଟ୍ ଘଟଣା ଘଟାଇଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ସିସିଟିଭି ଫୁଟେଜ୍ ଆଧାରରେ ଛାନ୍‌ଭିନ୍ ଚଳାଇଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଲୁଟେରାଙ୍କ ସମ୍ପର୍କରେ କୌଣସି ପ୍ରକାର ସୂଚନା ପୁଲିସ୍ ପାଇପାରିନାହିଁ। ମିଳିଥିବା ସୂଚନାନୁସାରେ, ଇନଫୋସିଟି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖାରୁ ଅଢେଇ ଲକ୍ଷ ଟଙ୍କା ଧରି ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ଶିଶିର ମହାପାତ୍ର ଫେରୁଥିବା ସମୟରେ ଉକ୍ତ ଦୁଇ ଲୁଟେରା ତାଙ୍କ ପିଛା କରିଥିଲେ। ସେ ଅଫିସ କ୍ୟାମ୍ପସରେ ପ୍ରବେଶ କରୁ କରୁ ସୁଯୋଗ ଦେଖି ଉକ୍ତ ଦୁଇ ଲୁଟେରା ଟଙ୍କା ବ୍ୟାଗ୍ ଝାମ୍ପିନେଇ ଆଖି ପିଛୁଳାକେ ସେଠାରୁ ଉଭାନ୍ ହୋଇଯାଇଥିଲେ। ଲୁଟ୍‌ର ଶିକାର ହୋଇଥିବା ଶ୍ରୀ ମହାପାତ୍ର କହିଛନ୍ତି ଯେ ପୁଅ ପାଠପଢ଼ା ସହ ବ୍ୟକ୍ତିଗତ କାମ ପାଇଁ ଏହି ଟଙ୍କା ଉଠାଇଥିଲେ। କିନ୍ତୁ କେଇ ମୁହୂର୍ତ୍ତ ଭିତରେ ତାଙ୍କ କଷ୍ଟ ଅର୍ଜିତ ଅର୍ଥ ଲୁଟ୍ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଗତ ମାସରେ ପିସିସିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଦୁଇ ଦୁଇ ଥର ଚୋରି ହୋଇଥିବା ବେଳେ ଅଦ୍ୟାବଧି ଏହି ମାମଲାର ସମାଧାନ କମିଶନରେଟ୍ ପୁଲିସ୍ କରିପାରିନାହିଁ। ଏହାଛଡ଼ା ଅନ୍ୟାନ୍ୟ କେତେକ ପ୍ରମୁଖ ଚୋରି ଘଟଣାର ସମାଧାନ କରିବାରେ ମଧ କମିଶନରେଟ୍ ପୁଲିସ୍ ଆଜି ପର୍ଯ୍ୟନ୍ତ ସଫଳତା ମିଳିନଥିବାରୁ ପୁଲିସ୍ ଉପରୁ ଦିନକୁ ଦିନ ଜନସାଧାରଣଙ୍କ ଭରସା ତୁଟିବାରେ ଲାଗିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଟେନସନ ବଢ଼ାଇ ଚାଲିଛି ସୁନା ଦର। ୧୦ ଦିନ ହେଲା ହୁ ହୁ ହୋଇ ବଢୁଛି ରେଟ। ବିବାହ ଋତୁ ଚାଲିଥିବା ବେଳେ ସୁନା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ର ସରକାର ବଜେଟ୍ ଘୋଷଣା କରିବା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଓ ଚୀନ୍ ଉପରେ ଶୁଳ୍କ ଲଗାଇବା ପରଠାରୁ ସୁନା ଦରରେ ନିଆଁ ଲାଗିଛି। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୮୬ହଜାର ୫୧୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୩୦୦ଟଙ୍କା ଛୁଇଁଛି। ଇଣ୍ଟରନ୍ୟାସନାଲ ମାର୍କେଟରେ ଦରବୃଦ୍ଧି ଓଡ଼ିଶା ମାର୍କେଟରେ ପ୍ରଭାବ ପଡିଛି। ଏଭଳି ଦରବୃଦ୍ଧି ହେଲେ ଖୁବଶୀଘ୍ର ସୁନା ଦର ୧ଲକ୍ଷ ଛୁଇଁବ ବୋଲି ଆଶଙ୍କା କରୁଛନ୍ତି ବ୍ୟବସାୟୀ। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୯, ୩୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୬ ,୫୧୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୩୦୦ ଟଙ୍କା ଓ ୮୬,୫୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୪୫୦ ଟଙ୍କା ଓ ୮୬, ୬୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୩୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୫୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୩୦୦ ଟଙ୍କା ଓ ୮୬,୫୧୦ ଟଙ୍କା ରହିଛି। ସେହିପରି ରୁପା ୯୯, ୫୦୦ ଟଙ୍କାରେ ପହଞ୍ଚିଛି।

# ୫ ବର୍ଷ ପରେ ଆରବିଆଇ ହ୍ରାସ କଲା ରେପୋ ରେଟ୍

## ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତି

ମୁମ୍ବାଇ: ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ବା ଆର୍‌ବିଆଇ ରେପୋ ରେଟ୍ ହ୍ରାସ କରି ୬.୨୫% କରିବାକୁ ଘୋଷଣା କରିଛି। ଯାହାକି ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି। ନୂତନ ଭାବରେ ନିଯୁକ୍ତ ହୋଇଥିବା ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ସଞ୍ଜୟ ମଲୋହୋତ୍ରାଙ୍କ ନେତୃତ୍ୱରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ଏମ୍‌ପିସି ହାରକୁ ୨୫ ବେସିକ୍ ପଏଣ୍ଟ୍ ହ୍ରାସ କରିବା ପରେ ୬.୨୫% ରହିଛି ରେପୋ ରେଟ୍। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କର ଏହା ପ୍ରଥମ ନୀତି ବୈଠକ ଥିଲା। ୨୦୨୦ ମସିହା ପରଠାରୁ ରେପୋ ରେଟ୍ ପ୍ରଥମ ଥର ପାଇଁ ହ୍ରାସ ପାଇଛି। ବ୍ୟୟ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଏପରି ନିଷ୍ପତ୍ତି ନେଇଥିବା ସୂଚନା ରହିଛି। ପୂର୍ବରୁ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୨୦ ମସିହା ମେ ମାସରେ ରେପୋ ହାର ହ୍ରାସ କରିଥିଲା। କିନ୍ତୁ ଏହାପରେ ଏହାକୁ ଧୀରେ ଧୀରେ ୬.୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଶେଷ ଥର ପାଇଁ ଫେବୃଆରି ୨୦୨୩ରେ ରେପୋ ହାର ବୃଦ୍ଧି କରାଯାଇଥିଲା। ଏବେ ରେପୋ ହାର ୬.୫୦ରୁ ୬.୨୫କୁ ହ୍ରାସ କରାଯାଇଛି। ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ହୋଇଛି। ଏଣୁ ରିଜର୍ଭ ବ୍ୟାଙ୍କ ଆଗରେ ଅନେକ ବଡ଼ ଚ୍ୟାଲେଞ୍ଜ ରହିଛି ବୋଲି ପୂର୍ବରୁ ଗଭର୍ଣ୍ଣର କହିଥିଲେ। ସୂଚନାଯୋଗ୍ୟ, ରେପୋ ରେଟ୍ ବା ସୁଧ ହାର ହେଉଛି ରିଜର୍ଭ ବ୍ୟାଙ୍କ୍‌ରୁ ବାଣିଜ୍ୟିକ ବ୍ୟାଙ୍କ୍‌ମାନେ ନେଉଥିବା ଅର୍ଥ ଉଧାର ଉପରେ ଦେବାକୁ ପଡୁଥିବା ସୁଧ। ରିଭର୍ସ ରେପୋ ରେଟ୍ ହେଉଛି ବାଣିଜ୍ୟିକ ବ୍ୟାଙ୍କ୍‌ଗୁଡ଼ିକୁ ରିଜର୍ଭ ବ୍ୟାଙ୍କ୍ ଦେଉଥିବା ଦେୟ। ଉପରୋକ୍ତ ଉଭୟ ବ୍ୟବସ୍ଥାକୁ ଭାରତୀୟ ଅର୍ଥନୀତିରେ ‘ବେଞ୍ଚମାର୍କ ଇଣ୍ଟ୍ରେଷ୍ଟ ରେଟ୍’ ଭାବେ ବିବେଚନା କରାଯାଏ।



## ରେପୋ ଓ ରିଭର୍ସ ରେପୋ କ'ଣ ?




ମୁମ୍ବାଇ, ୭।୨: ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ରୋପୋ ରେଟ୍ ହ୍ରାସ କରି ୬.୨୫% କରିବାକୁ ଘୋଷଣା କରିଛି। ଯାହାକି ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି। ଜତ ପାଞ୍ଚ ବର୍ଷ ହେବ ରୋପଠ ରେଟ୍ ଅପରିର୍ତ୍ତିତ ରହିଥିବା ବେଳେ ଚଳିତବର୍ଷ ୨୫ ପଏଣ୍ଟ୍ ହ୍ରାସ କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ୍। ତେବେ ଆପଣ ଜାଣନ୍ତି କି ରେପୋ ରେଟ୍ କାହାକୁ କୁହାଯାଏ ? ରେପୋ ରେଟ୍, ରିଭର୍ସ ରେପୋ ରେଟର ଅର୍ଥ ସାଧାରଣଭାବେ ବୁଝାପଡେନାହିଁ। ଏ ବାବଦରେ ସମସ୍ତଙ୍କୁ ବହୁତ କମ ଜଣାଅଛି।

ରିଜର୍ଭ ବ୍ୟାଙ୍କର ଅନେକ କାମ ରହିଛି। ଏଥିରୁ ଗୋଟିଏ ପ୍ରମୁଖ କାମ ହେଉଛି ନୀତିଗତ ଦର ଉପରେ ନିଷ୍ପତ୍ତି ନେବା। ଏହାର ଅର୍ଥ ହେଉଛି ଯେଉଁ ଆଧାରରେ ରିଜର୍ଭ ବ୍ୟାଙ୍କ ସହ ଅନ୍ୟବ୍ୟାଙ୍କର ନେଣଦେଣ ହୋଇଥାଏ। ଏଇ ଯେମିତି ଆପଣ ଗୋଟିଏ ବ୍ୟାଙ୍କ ଖୋଲୁଛନ୍ତି। ନିଜର କାମ ଚଳାଇବା ପାଇଁ ଆପଣଙ୍କୁ ଋଣ ନେବାକୁ ପଡିବ। ଯଦି ଆପଣଙ୍କ କାମ ଭଲ ଚାଲୁଛି ତେବେ ଆପଣ କେଉଁଠି ଟଙ୍କା ରଖିବାକୁ ଚାହିଁବେ। ଏହି ସମୟରେ ସାମ୍ନାକୁ ଆସେ ରିଜର୍ଭ ବ୍ୟାଙ୍କ। ବ୍ୟାଙ୍କ ଗୁଡିକ ଏହି ସମୟରେ ରିଜର୍ଭ ବ୍ୟାଙ୍କ ଠାରୁ ଋଣ ନେଇଥାନ୍ତି। ଏକ ସମୟ ଅବଧି ପାଇଁ ସେମାନେ ଏହି ଋଣ ନେଇଥାନ୍ତି। ଯେଉଁ ସୁଧ ଦେଇ ସେମାନେ ଏହି ଋଣ ନେଇଥାନ୍ତି ତାକୁ ରେପୋ ରେଟ୍ କୁହାଯାଏ। ସେପଟେ ବ୍ୟାଙ୍କକୁ ଯେତେବେଳେ ରିଜର୍ଭ ବ୍ୟାଙ୍କରେ ରଖିବାକୁ ହୋଇଥାଏ ସେତେବେଳେ ଯେଉଁ ସୁଧ ମିଳେ ତାକୁ ରିଭର୍ସ ରେପୋ ରେଟ୍ କୁହାଯାଏ। ରେପୋ ରେଟ୍ ରିଜର୍ଭ ବ୍ୟାଙ୍କ ଅନ୍ୟବ୍ୟାଙ୍କକୁ କେତେ ସୁଧରେ ଋଣ ଦେଇଥାଏ।




## ଦିନକରେ ଗୁଗଲ୍ ହରାଇଲା ୧୭,୫୧,୯୮୧ କୋଟି

ନୂଆଦିଲ୍ଲୀ, ୭।୨: ଗୁଗଲ୍‌ର ମାଲିକାନା ରଖିଥିବା ଆମେରିକୀୟ ସଂସ୍ଥା ଆଲ୍‌ଫାବେଟ୍‌ର ସେୟାର ମୂଲ୍ୟରେ ପ୍ରାୟ ୮ ପ୍ରତିଶତ ହ୍ରାସ ଘଟିବାରୁ ଗୋଟିଏ ଦିନରେ କମ୍ପାନି ୨୦,୦୦୦ କୋଟି ଡଲାର (୧୭,୫୧,୯୮୧ କୋଟି ଟଙ୍କା) ହରାଇଛି। ୨୦୨୩ ଅକ୍ଟୋବରରେ ଶେଷ ଥର ଲାଗି କମ୍ପାନି ସେୟାରରେ ଏଭଳି ହ୍ରାସ ଘଟିଥିଲା। କିନ୍ତୁ, ଏହା ଗୁଗଲ୍ ବଜାର ପୁଞ୍ଜିରେ ସର୍ବବୃହତ୍ ଦୈନିକ ହ୍ରାସ। ଆଲ୍‌ଫାବେଟ୍‌ର ଆର୍ଥିକ ଫଳାଫଳ ଘୋଷଣା ବେଳେ ସିଇଓ ସୁନ୍ଦର ପିଚାଇଙ୍କୁ ଦୁଇଟି ମନ୍ତବ୍ୟ ଲାଗି କମ୍ପାନିର ସେୟାର ମୂଲ୍ୟରେ ହ୍ରାସ ଘଟିଛି। କ୍ଲାଉଡ୍ କମ୍ପ୍ୟୁଟିଂ ବିଭାଗର ଆୟ କମ୍ ହେବା ଓ ଏଆଇରେ ଅଧିକ ନିବେଶ ପାଇଁ କମ୍ପାନି ପ୍ରଭାବିତ ହୋଇଛି।

# ଆସନ୍ତା ସପ୍ତାହରେ ନୂଆ ଆୟକର ବିଲ୍

## ୬ ଦଶନ୍ଧି ପୁରୁଣା ଆଇନ ସ୍ଥାନରେ ଲାଗୁ ହେବ

ନୂଆଦିଲ୍ଲୀ, ୭।୨: କେନ୍ଦ୍ର ସରକାର ଆସନ୍ତା ସପ୍ତାହରେ ସଂସଦରେ ନୂଆ ଆୟକର ବିଲ୍ ଉପସ୍ଥାପନ କରିବେ। ଏହା ପୂର୍ବରୁ ତାହାକୁ ଶୁକ୍ରବାର କ୍ୟାବିନେଟ୍‌ରେ ଉପସ୍ଥାପନ କରାଯିବ। ନୂଆ ବିଲ୍‌ରେ ଲମ୍ବା ବାକ୍ୟ ରହିବ ନାହିଁ। ଯେଉଁ ଭଳି ଆଇନଗୁଡ଼ିକୁ ଲେଖାଯାଉଥିଲା ସେଥିରେ ପରିବର୍ତ୍ତନ କରାଯାଇଛି। ସେଥିରେ କୌଣସି ନୂଆ ଟିକସ କିମ୍ବା ଅତିରିକ୍ତ ବୋଝ ରହିବ ନାହିଁ ବୋଲ ଅର୍ଥ ସଚିବ ତୁହିନ୍ କାନ୍ତ ପାଣ୍ଡେ କହିଛନ୍ତି। ଏହି ବିଲ୍ ୬ ଦଶନ୍ଧି ପୁରୁଣା ଆୟକର ଆଇନ ସ୍ଥାନରେ ଲାଗୁ ହେବ। ଶ୍ରୀ ପାଣ୍ଡେ କହିଛନ୍ତି ଯେ ନୂଆ ବିଲ୍‌ରେ ଆମୁଳଚୁଳ ପରିବର୍ତ୍ତନ କରାଯାଉନାହିଁ।

ସେଭଳି କରି ଆମେ ଏକ ଅସ୍ଥିରତାର ପରିବେଶ ସୃଷ୍ଟି କରିବାକୁ ଚାହୁନୁ। ନୂଆ ବିଲ୍ ସରଳ ଭାଷାରେ ହେବ। ଏହା ଏଭଳି ଏକ ଆଇନ ଯାହାକୁ କେବଳ ଆଇନ ପେସାର ଲୋକମାନେ ନୁହେଁ, ସାଧାରଣ ନାଗରିକମାନେ ବୁଝିପାରିବେ ବୋଲି ସେ କହିଛନ୍ତି। ଦେଶରେ ଆୟକର ନିୟମ ୧୯୬୧ ଲାଗୁ ହୋଇଥିବା ବେଳେ ସେଥିରେ ପରିବର୍ତ୍ତନ ଆଣିବା ଲାଗି ୬ ମାସ ଧରି କାମ ହୋଇଛି। ଆଇନର ଭାଷାକୁ ସରଳ କରିବା ଲାଗି ଯଥା ସମ୍ଭବ ଉଦ୍ୟମ କରାଯାଇଛି। କିଛି ପୁରୁଣା ବ୍ୟବସ୍ଥାକୁ ବାଦ୍ ଦିଆଯାଇଛି। ନୂଆ ଆୟକର ବିଲ୍ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ବଜେଟ୍‌ରେ ଉଲ୍ଲେଖ କରିଥିଲେ। ଶ୍ରୀ ପାଣ୍ଡେ ସ୍ପଷ୍ଟ କରିଛନ୍ତି ଯେ ବଜେଟ୍‌ରେ ଆୟକର ସ୍ଲାବ୍‌ରେ ହୋଇଥିବା ପରିବର୍ତ୍ତନ, ଛାଡ଼, ରିହାତି, ଟିଡିଏସ୍‌କୁ ନେଇ ହୋଇଥିବା ଘୋଷଣା ରହିବ।






## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

# ଓଡ଼ିଶା ବଜାର: ମାସକରେ ୬୯,୫୭୯ ଗାଡ଼ି ବିକ୍ରି

ଭୁବନେଶ୍ୱର, ୭।୨(ସଂଚାର ବ୍ୟୁରୋ): ଚଳିତ ବର୍ଷର ପ୍ରଥମ ମାସରେ ରାଜ୍ୟରେ ୬୯,୫୭୯ଟି ଗାଡ଼ି ବିକ୍ରି ହୋଇଛି। ୨୦୨୪ ଜାନୁଆରିରେ ହୋଇଥିବା ୬୮,୦୨୪ ଗାଡ଼ି ବିକ୍ରି ତୁଳନାରେ ଏହା ୨.୨୯ ପ୍ରତିଶତ ଅଧିକ ବୋଲି ଅଟୋମୋବାଇଲ୍ ଡିଲର୍‌ଙ୍କ ସର୍ବଭାରତୀୟ ମହାସଂଘ ଏଫ୍‌ଏଡିଏ ଜାରି କରିଥିବା ତଥ୍ୟରୁ ଜଣାପଡ଼ିଛି। ଜାନୁଆରିରେ କାର୍ ବିକ୍ରିରେ ଉତ୍ସାହଜନକ ୧୬.୦୯ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟ ଗାଡ଼ିଗୁଡ଼ିକର ବିକ୍ରି ନଗଣ୍ୟ ଭାବେ ବଢ଼ିଛି। ଦୁଇଚକିଆ ଯାନ ବିକ୍ରି ୫୪ହଜାର ସ୍ତର ପାଖାପାଖି ପହଞ୍ଚିଛି। କିନ୍ତୁ ପୂର୍ବବର୍ଷର ଜାନୁଆରିର ବିକ୍ରି ତୁଳନାରେ ବୃଦ୍ଧି ମାତ୍ର ୦.୯୩ ପ୍ରତିଶତ ରହିଛି। ବାଣିଜ୍ୟିକ ଯାନ ଓ ଟ୍ରାକ୍ଟର ବିକ୍ରି ହ୍ରାସ ପାଇଛି। କିନ୍ତୁ ତିନିଚକିଆ ଯାନ ବିକ୍ରି ବଢ଼ିଛି। ଏ ସମ୍ପର୍କରେ ଏଫ୍‌ଏଡିଏ ଓଡ଼ିଶା ଶାଖାର ଅଧ୍ୟକ୍ଷ ଅଖିଳ ପୋଦାର କହିଛନ୍ତି ଯେ ବିବାହ ଋତୁ ପାଇଁ ବଜାରରେ ଉତ୍ସାହ ଫେରିଛି। ଗ୍ରାମୀଣ ବଜାରରେ ମଧ ଗାଡ଼ି ବିକ୍ରି ବଢ଼ୁଛି। ଗତ ମାସଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଥିବାରୁ ଚାଷୀ ପରିବାରର ଆୟ ବୃଦ୍ଧି ପାଇବ। ତାହାର ପ୍ରଭାବରେ ଫେବୃଆରିରେ ଗାଡ଼ି ବିକ୍ରି ଆହୁରି ବଢ଼ିବା ଆଶା କରାଯାଉଛି ବୋଲି ସେ କହିଛନ୍ତି। ସର୍ବଭାରତୀୟ ସ୍ତରରେ ଜାନୁଆରିରେ ୨୨,୯୧,୬୨୧ ଗାଡ଼ି ବିକ୍ରି ହୋଇଛି, ଯାହା ୨୦୨୪ ଜାନୁଆରିରେ ହୋଇଥିବା ୨୧,୪୯,୧୧୭ ଗାଡ଼ି ତୁଳନାରେ ୬.୬୩ ପ୍ରତିଶତ ଅଧିକ। ଏହି ମାସରେ ଦେଶରେ ୧୫,୨୫,୮୬୨ ଦୁଇଚକିଆ, ୧,୦୭,୦୩୩ ତିନିଚକିଆ, ୯୯,୪୨୫ ବାଣିଜ୍ୟିକ ଯାନ, ୪,୬୫,୯୨୦ କାର୍ ଓ ୯୩,୩୮୧ଟି ଟ୍ରାକ୍ଟର ବିକ୍ରି ହୋଇଛି। ଦେଶରେ ସବୁ ପ୍ରକାର ଗାଡ଼ିର ବିକ୍ରି ବଢ଼ିଛି।



### ଗୃହରେ ଉତ୍ତରେ ରଖିଲେ କେନ୍ଦ୍ରମନ୍ତ୍ରୀ

## ଦେଶରେ ୯୪% କମିଛି ମୋବାଇଲ୍ ଫୋନ୍ ଟାରିଫ୍

ନୂଆଦିଲ୍ଲୀ,୭।୨: ୨୦୧୪ରୁ ମୋବାଇଲ ଫୋନ୍ ଟାରିଫ୍ ୯୪ ପ୍ରତିଶତ କମିଛି। ଏନେଇ ଲୋକସଭାରେ ତଥ୍ୟ ରଖିଛନ୍ତି କେନ୍ଦ୍ର ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ। ସଂସଦରେ ଏକ ପ୍ରଶ୍ନର ଉତ୍ତର ରଖି କହିଛନ୍ତି, ୨୦୧୪ରେ ଦେଶରେ ୯୦ କୋଟି ମୋବାଇଲ ଫୋନ୍ ଉପଭୋକ୍ତା ଥିଲେ। ବର୍ତ୍ତମାନ ଏହା ବୃଦ୍ଧି ପାଇ ୧୧୬ କୋଟିରେ ପହଞ୍ଚିଛି। ସେହିଭଳି ଇଣ୍ଟର୍‌ନେଟ୍ ଉପଭୋକ୍ତାଙ୍କୁ ଯଦି ବିଚାରକୁ ନିଆଯାଏ, ତେବେ ୨୦୧୪ରେ ଦେଶରେ ମାତ୍ର ୨୫ କୋଟି ଇଣ୍ଟର୍‌ନେଟ୍ ବ୍ୟବହାରକାରୀ ଥିଲେ। ବର୍ତ୍ତମାନ ଏ ସଂଖ୍ୟା ୯୭.୪୪ କୋଟିକୁ ବୃଦ୍ଧି ପାଇଛି। ଯେତେବେଳେ ଉପଭୋକ୍ତା ବଢନ୍ତି, ସେତେବେଳେ ଟାରିଫ୍ ଦରକୁ ତଦାରଖ କରିବାର ଆବଶ୍ୟକତା ପଡ଼ିଥାଏ। ଗୃହକୁ କେନ୍ଦ୍ରମନ୍ତ୍ରୀ ଜଣାଇଛନ୍ତି ଯେ, ୨୦୧୪ରେ ଗୋଟିଏ ମିନିଟ୍‌ର କଲ୍ କରିବା ପାଇଁ ଖର୍ଚ୍ଚ ପଡୁଥିଲା ୫୦ ପଇସା। ବର୍ତ୍ତମାନ ଏହା ୩ ପଇସାକୁ ଖସିଯାଇଛି। ଅର୍ଥାତ୍ ଖର୍ଚ୍ଚରେ ୯୪% ହ୍ରାସ ଦେଖିବାକୁ ମିଳିଛି। ୨୦୧୪ରେ ୧ଜିବି ବ୍ରଡ୍‌ବ୍ୟାଣ୍ଡ ସ୍ପିଡ୍ ଦର ୨୭୦ଟଙ୍କା ପ୍ରତି ଜିବି ଥିଲା। ଏହା ବର୍ତ୍ତମାନ ୯.୭୦ ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଟାରିଫ୍ ଦରରେ ୯୩% ହ୍ରାସ ଘଟିଛି। ଇଣ୍ଟର୍‌ନେଟ୍ ଡାଟା ଦରକୁ ଯଦି ହିସାବ କରାଯାଏ ତେବେ ଭାରତରେ ଏହା ସବୁଠାରୁ ଶସ୍ତା। କମ୍ପାନିମାନେ ଟାରିଫ୍ ଦରରେ ୧୦% ବଢ଼ାଇଛନ୍ତି। ଏହା ଉପରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମୋବାଇଲ ଟାରିଫ୍‌ରେ କମ୍ପାନିଗୁଡ଼ିକ ୧୦% ବୃଦ୍ଧି କରିଛନ୍ତି କାରଣ ଦେଶରେ ୫ଜି ପ୍ରଯୁକ୍ତିରେ ଟେଲିକମ୍ କମ୍ପାନିଗୁଡ଼ିକର ବିପୁଳ ମାତ୍ରାରେ ନିବେଶ କରିଛନ୍ତି। ଏହାକୁ ଆଦାୟ କରିବା ପାଇଁ କମ୍ପାନିଗୁଡ଼ିକ ଟାରିଫ୍ ବୃଦ୍ଧି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ, ୨୨ ମାସରେ ୯୮% ଜିଲ୍ଲା ଏବଂ ୮୨% ଜନସଂଖ୍ୟାଙ୍କ ନିକଟରେ ଟେଲିକମ୍ ସେବା ପହଞ୍ଚିଛି। ଟେଲିକମ୍ ସେବାରେ ସୁଧାର ଆଣିବା ପାଇଁ ତଥା ୫ଜି ସେବାରେ ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କା ବ୍ୟୟ ହୋଇଛି। ନିବେଶ ଉପରେ ରିଟର୍ଣ୍ଣ ଆଦାୟ କରୁଛନ୍ତି ଟେଲିକମ୍ କମ୍ପାନି। ସେଥିପାଇଁ ସେମାନେ ଟାରିଫ୍‌ର ସାହାରା ନେଉଛନ୍ତି। ଭାରତରେ ଭଏସ୍ ଏବଂ ଡାଟା ଟାରିଫ୍ ସବୁଠୁ ଶସ୍ତା ବୋଲି କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି।



# ରିଜର୍ଭ ବ୍ୟାଙ୍କ ସୁଧ ଉପରେ ନଜର

ନୂଆଦିଲ୍ଲୀ, ୭।୨: ମୁଦ୍ରାନୀତି କମିଟିର ସୁଧ ହାର ସମୀକ୍ଷା ରିପୋର୍ଟ ଆସନ୍ତାକାଲି ଘୋଷଣା ହେବ। ଏହା ଚଳିତ ଆର୍ଥିକବର୍ଷର ଶେଷ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ହୋଇଥିବାବେଳେ ରେପୋ ହାରରେ ହ୍ରାସ ନେଇ ଅନେକ ଅର୍ଥନୀତି ବିଶାରଦ ଆଶା ରଖିଛନ୍ତି। ଅଧିକାଂଶଙ୍କ ମତରେ ରେପୋ ହାରରେ ୦.୨୫ ପ୍ରତିଶତ ହ୍ରାସ ହୋଇପାରେ। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ



ଋଣ ପ୍ରଦାନ କରିଥାଏ। ଯେତେବେଳେ ଏହି ହାର ବୃଦ୍ଧି ହୋଇଥାଏ ସେତେବେଳେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପାଇବା ମହଙ୍ଗା ହୋଇଯାଏ। ଏହାର ବୋଝକୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ଋଣଗ୍ରହୀତାଙ୍କ ଉପରେ ଲଦିଥାନ୍ତି। ଫଳରେ ବ୍ୟାଙ୍କରୁ ବିଭିନ୍ନ ପ୍ରକାର ଋଣ ବାବଦ ସୁଧ ବଢ଼ିଯାଇଥାଏ। ଅନ୍ୟପକ୍ଷରେ ରେପୋ ହାର କମିଲେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ କମ୍ ସୁଧ ହାରରେ ଋଣ ଯୋଗାଇ ଦେଇଥାଏ। ଏହାଦ୍ୱାରା ବ୍ୟାଙ୍କ ଋଣଗ୍ରହୀତାଙ୍କୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ କମ୍ ସୁଧ ହାରରେ ଋଣ ଯୋଗାଇ ପାରିଥାନ୍ତି। ଏହାଦ୍ୱାରା ଦେଶରେ ନିବେଶ ବୃଦ୍ଧି ପାଇଥାଏ। ୨୦୨୩ ଫେବୃଆରି ଠାରୁ ମୁଦ୍ରାନୀତି କମିଟି ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ୨୦୨୩ ଫେବୃଆରିରେ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ୦.୨୫ ପ୍ରତିଶତ ବୃଦ୍ଧି କରି ୬.୫୦ ପ୍ରତିଶତ କରିଥିଲା। ଦେଶରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ରିଜର୍ଭ ବ୍ୟାଙ୍କ ରେପୋ ହାରକୁ ଦୀର୍ଘଦିନ ଧରି ସ୍ଥିର ରଖିଥିଲା। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ପଦରୁ ଶକ୍ତିକାନ୍ତ ଦାସଙ୍କୁ ଅବ୍ୟାହତି ଦିଆଯିବା ପରେ ନୂଆ ଗଭର୍ଣ୍ଣରଭାବେ ସଞ୍ଜୟ ମାଲହୋତ୍ରା ଗତବର୍ଷ ଡିସେମ୍ବରରେ ଦାୟିତ୍ୱ ନେଇଛନ୍ତି। ନୂଆ ଗଭର୍ଣ୍ଣର ଶ୍ରୀ ମାଲହୋତ୍ରାଙ୍କ ଅଧୀନରେ ପ୍ରଥମ ଥର ପାଇଁ ମୁଦ୍ରାନୀତି ସମୀକ୍ଷା କରାଯାଇଛି।

# ବଜାରରେ ରୟାଲ ଇନ୍‌ଫିଲ୍ଡର ସୁଟ୍‌ଗନ୍ ୬୫୦

ନୂଆଦିଲ୍ଲୀ, ୭।୨: ରୟାଲ୍ ଇନ୍‌ଫିଲ୍ଡ ଭାରତୀୟ ବଜାରରେ ସୁଟ୍‌ଗନ୍ ୬୫୦ର ଲିମିଟେଡ୍ ଏଡିସନ୍ ମଡେଲ୍ ଲଞ୍ଚ କରିଛି। ବ୍ରିଟିସ୍ ଅଟୋମେକରମାନେ ଆଇକନ୍ ମୋଟରସ୍ପୋର୍ଟସ୍ ସହିତ ମିଳିତ ଭାବରେ ଏହି ନୂଆ ମଡେଲକୁ ଲଞ୍ଚ କରିଛନ୍ତ। ସୁଟ୍‌ଗନ୍ ୬୫୦ ଆଇକନ୍ ଏଡିସନ୍ କେବଳ ୧୦୦ ୟୁନିଟ୍ ତିଆରି କରାଯାଇଛି। ଏହି ୧୦୦ ଟି ବାଇକ୍ ମଧ୍ୟରୁ ୨୫ଟି ଭାରତ ପାଇଁ ଅଲଗା ରଖାଯାଇଛି। ଭାରତରେ ରୟାଲ୍ ଇନ୍‌ଫିଲ୍ଡ ସୁଟ୍‌ଗନ୍ ୬୫୦ ଆଇକନ୍ ଏଡିସନର ମୂଲ୍ୟ ୪.୨୫ ଲକ୍ଷ ଟଙ୍କା ରଖାଯାଇଛି।



ରୟାଲ୍ ଇନ୍‌ଫିଲ୍ଡ ର ଏହି ଲିମିଟେଡ୍ ଏଡିସନ୍ ବାଇକ୍ ତିନି-ଟୋନ୍ କଲର କମ୍ବିନେସନ୍ ସହିତ ଆସିଛି, ଯାହାକୁ ଆଇକନ୍ ମୋଟରସ୍ପୋର୍ଟର୍ସ ଦ୍ୱାରା କଷ୍ଟମାଇଜ୍ କରାଯାଇଛି। ଏହି ମୋଟରସାଇକେଲକୁ ଇଆଇସିଏମଏ ୨୦୨୪ ଏବଂ ମୋଟୋଭର୍ସ ୨୦୨୪ରେ ମଧ ପ୍ରଦର୍ଶିତ କରାଯାଇଥିଲା। ସୁଟ୍‌ଗନ୍ ୬୫୦ ର ଏହି ମଡେଲର ବାକି ପାର୍ଟ୍ସକୁ ହାଇଲାଇଟ୍ କରିବା ପାଇଁ ଖାସ୍ ପେଣ୍ଟ କରାଯାଇଛି। ଏହି ବାଇକରେ ବ୍ଲୁ ସକ୍ ଅବଜର୍ବର, ରେଡ୍ ସିଟ୍ ଗୋଲ୍ଡ ହୁଇଲ୍ ଏବଂ ବାର-ଏଣ୍ଡ ମିରର୍ ଲଗାଯାଇଛି। ସୁଟ୍‌ଗନ୍ ୬୫୦ ର ଏହି ସମସ୍ତ ମଡେଲଗୁଡିକରେ ବାଇକର କରାଯାଇଥିବା ପେଣ୍ଟରେ ମ୍ୟାଚିଙ୍ଗର ରୟାଲ୍ ଇନ୍‌ଫିଲ୍ଡ ଜ୍ୟାକେଟ୍ ମଧ ଦିଆଯାଇଛି। ସୁଟ୍‌ଗନ୍ ୬୫୦ ର ଏହି ଆଇକନ୍ ଏଡିସନରେ ମେକାନିକାଲି ଚେଞ୍ଜ କରାଯାଇ ନାହିଁ। ଏହି ବାଇକର ଇଞ୍ଜିନ୍ ସୁଟ୍‌ଗନ୍ ୬୫୦ ର ଷ୍ଟାଣ୍ଡାର୍ଡ ମଡେଲ୍ ପରି ରହିଛି। ଏହି ମୋଟରସାଇକେଲରେ ୬୪୮CC, ପାରାଲାଲ-ଟ୍ୱିନ୍ ମୋଟର ସିହିତ ଲ୍ୟାସ୍ ହୋଇଛି, ଯେଉଁଥିରେ ୪୭ ଏଚପିର ପାୱାର ମିଳିଥାଏ ଏବଂ ୫୨.୩ ଏନଏମର ଟର୍କ ଜେନେରେଟ୍ କରିଥାଏ।

ସୁଟ୍‌ଗନ୍ ୬୫୦ ର ଆଇକନ୍ ଏଡିସନର ପ୍ରାଇସ୍ ଏହାର ଷ୍ଟାଣ୍ଡାର୍ଡ ମଡେଲର ତୁଳନାରେ ୬୬ ହଜାର ଟଙ୍କା ଅଧିକ ରହିଛି। ଭାରତରେ ସୁଟ୍‌ଗନ୍ ୬୫୦ ର ପ୍ରାଇସ୍ ୩.୫୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି। ଭାରତ ପାଇଁ ଏହି ପ୍ରିମିୟମ୍ ମଡେଲର ୨୫ ୟୁନିଟ୍ ରଖାଯାଇଛି। ଏହି ରୟାଲ୍ ଇନ୍‌ଫିଲ୍ଡ ବାଇକ୍ ବୁକିଂ ପାଇଁ ରେଜିଷ୍ଟ୍ରେସନ୍ ଆରମ୍ଭ ହୋଇଛି। ଏହି ବାଇକ୍ ଯେଉଁ ୨୫ ଜଣ ଲୋକଙ୍କୁ ମିଳିବ, ଏହାର ରେଜଲ୍ଟ ଫେବୃଆରୀ ୧୨ ରାତି ୮.୩୦ ରେ ଘୋଷଣା କରାଯିବ।

# ସୁନ୍ଦରଗଡ଼ରୁ ବାହାରିଲେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ




**ସୁନ୍ଦରଗଡ଼, ୭।୨ (ସଂଚାର ବ୍ୟୁରୋ) :** ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ଗୁରୁବାର ସୁନ୍ଦରଗଡ଼ ଜିଲ୍ଲାରୁ ତୀର୍ଥ ଯାତ୍ରୀମାନେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ସମ୍ବଲପୁରରୁ କଲିକତା ଏବଂ କାମାକ୍ଷା ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ସ୍ଥାନୀୟ ବିକାଶ ଭବନ ଠାରେ ବିଭିନ୍ନ ବ୍ଲକରୁ ଆସିଥିବା ତୀର୍ଥ ଯାତ୍ରୀ ମାନଙ୍କର ବସକୁ ଉପ ବାଚସ୍ପତି ଓଡ଼ିଶା ବିଧାନସଭା ଭବାନୀ ଶଙ୍କର ଭୋଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ମନୋଜ ମହାଜନ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାରୁ ମୋଟ ୧୬୪ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ତୀର୍ଥ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

### ନୌସେନା ଅଧିକାରୀ ନିଖୋଜ ଘଟଣା

# ୱାରେଣ୍ଟ୍ ଜାରିକଲା କୋଚି ନାଭାଲ୍ ୱିଙ୍ଗ୍



**ବ୍ରହ୍ମପୁର, ୭।୨ (ସଂଚାର ବ୍ୟୁରୋ) :** ନିଖୋଜ ନୌସେନା ଅଧିକାରୀ ସୌରଭ କୁମାର ପାତ୍ରଙ୍କ ନାଁରେ କୋଚି ନାଭାଲ୍ ୱିଙ୍ଗ୍ ପକ୍ଷରୁ ୱାରେଣ୍ଟ୍ ଜାରି କରାଯାଇଛି। ୱାରେଣ୍ଟ୍‌ର ଏକ କପି ବ୍ରହ୍ମପୁର ଟାଉନ୍ ଥାନା ପୁଲିସ ନିକଟକୁ ଆସିଥିବା ଥାନାଧିକାରୀ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ଛୁଟି ସମୟ ପରେ ବି ସୌରଭ ନିଜ କର୍ମସ୍ଥଳରେ ଯୋଗ ଦେଇନଥିବାରୁ ନାଭାଲ୍ ପକ୍ଷରୁ ୱାରେଣ୍ଟ୍ ଜାରି କରାଯାଇଥିବା ସୂଚନା ମିଳିଛି। ଅପର ପକ୍ଷରେ ନୌସେନା ଅଧିକାରୀ ସୌରଭ ନିଖୋଜ ହେବାର ୧୮ଦିନ ପରେ ବି ତାଙ୍କର କୌଣସି ପତ୍ତା ମିଳୁନାହିଁ। ନିଖୋଜକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ବ୍ରହ୍ମପୁର ଗେଟ୍‌ବଜାର ନିବାସୀ ଯୁବ ନୌସେନା ଅଫିସର୍ ସୌରଭ କୁମାର ପାତ୍ର ଗତମାସ ୧୯ ତାରିଖ ଦିନ ନିଖୋଜ ହୋଇଯାଇଥିଲେ। ସେ ନିଜ କର୍ମସ୍ଥଳକୁ ଯିବା ପାଇଁ ବ୍ରହ୍ମପୁରରୁ ବିଶାଖାପାଟଣା ଟ୍ରେନ୍ ଯୋଗେ ଯାଉଥିବା ବେଳେ ହଠାତ୍ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାରବର୍ଗ ଏନେଇ ପୁଲିସରେ ଖବର ଦେବା ପରେ ପୁଲିସ ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ କରାଯାଇ ତନାଘନା କରାଯାଇଥିଲା। ତେବେ ପୁଲିସ ତଦନ୍ତ ବେଳେ ସୌରଭ ଇଚ୍ଛାପୁର ଷ୍ଟେସନ୍‌ରୁ ଓହ୍ଲାଇ ବ୍ରହ୍ମପୁର ଫେରିଥିବା ଏବଂ ବ୍ରହ୍ମପୁରରୁ ଏକ ବସ୍ ଯୋଗେ ଭୁବନେଶ୍ୱର ଯାଇଥିବା ଜାଣିବାକୁ ପାଇଥିଲା। ତେବେ ସୌରଭ କାହିଁକି ଅଧରାସ୍ତାରୁ ଟ୍ରେନ୍‌ରୁ ଓହ୍ଲାଇ ଭୁବନେଶ୍ୱର ଗଲେ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ। ସୌରଭ ୨୦୧୯ରେ ନୌସେନାରେ ନିଯୁକ୍ତି ପାଇଥିଲେ। କେରଳର କୋଚି ଆଇଏନ୍‌ଏସ୍ ଗରୁଡ଼ରେ ତାଙ୍କୁ ନିଯୁକ୍ତି ମିଳିଥିଲା। ୨୦୨୪ ଡିସେମ୍ବର ୨୮ରେ ସେ ଘରକୁ ଛୁଟିରେ ଆସିଥିଲେ।

# ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କର୍ମଚାରୀଙ୍କ ନାମରେ ମାମଲା ରୁଜୁ

**ଜଗତସିଂହପୁର, ୭।୨ (ସଂଚାର ବ୍ୟୁରୋ) :** ଜଗତସିଂହପୁର ସଦର ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଶାଖା କର୍ମଚାରୀଙ୍କ ଦୌରାତ୍ମ୍ୟରେ ଋଣ ନେଇଥିବା ଯୁବକ ଯୁବତୀ ଅତିଷ୍ଠ ହୋଇପଡିଛନ୍ତି। ଉକ୍ତ ବ୍ୟାଙ୍କର ଜନୈକ ରିକଭରି ମ୍ୟାନେଜର ଓ ହେଡ଼ ଅଫିସର ରିଜିଓନାଲ ମ୍ୟାନେଜର ଉକ୍ତ ବ୍ୟାଙ୍କର କର୍ମଚାରୀ ଖୋଲାଖୋଲି ଭାବେ ଉଲ୍ଲଘଂନ କରି ଋଣ ନେଇଥିବା ମହିଳାଙ୍କୁ ବାରମ୍ବାର ମାନସିକ ଚାପ ସହ ଶାରୀରିକ ନିର୍ଯ୍ୟାତନା ଦେଇଥିବା ଜଗତସିଂହପୁର ଥାନାରେ ଏକ ଅଭିଯୋଗ ହୋଇଛି। ଜଗତସିଂହପୁର ଥାନା ଆଳିପିଙ୍ଗଳ ଗ୍ରାମର ଜଣେ ଅନୁସୂଚିତ ବର୍ଗର ମହିଳା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଆଣିଥିବା ଏକ ବକେୟା ଋଣ ଟଙ୍କାକୁ କେନ୍ଦ୍ରକରି ଗତ ଜାନୁଆରୀ ମାସ ୨ ତାରିଖ ବୁଧବାର ଦିନ ରାତ୍ର ୧୦:୩୦ରେ ପଞ୍ଜାବ ନ୍ୟାସନାଲ ଜଗତସିଂହପୁର ଶାଖାର ମ୍ୟାନେଜର ଓ ରିକଭରି ମ୍ୟାନେଜର ନିଶାଶକ୍ତ ଅବସ୍ଥାରେ ଉକ୍ତ ଅନୁସୂଚିତ ମହିଳାଙ୍କ ଘରେ ପ୍ରବେଶ କରି ମହିଳାଙ୍କୁ ଟଣାଓଟରା କରିବା ସହ ଅଶୀଳ ଭାଷା ପ୍ରୟୋଗ କରିବାକୁ ମଧ୍ୟ ପଛାଇନଥିଲେ। ଉକ୍ତ ମହିଳା ଏହାକୁ ପ୍ରତିବାଦ କରିବାରୁ ଶକ୍ତ ଧକ୍କା ଦେବାରୁ ଗେଟରେ ପିଟି ହୋଇଥିଲେ ଉକ୍ତ ମହିଳା। ଏହି ବ୍ୟାଙ୍କର ମ୍ୟାନେଜର ଓ ରିକଭରି ମ୍ୟାନେଜରଙ୍କର ଏହି ସମସ୍ତ ଘଟଣାଙ୍କୁ ନେଇ ମହିଳା ଜଣକ ଜଗତସିଂହପୁର ଥାନାରେ ଗତ ଜାନୁୟାରୀ ୩୦ ତାରିଖ ଦିନ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ସମ୍ପୃକ୍ତ ମହିଳାଙ୍କ ଏତଲାକୁ ଭିତ୍ତିକରି କେସ ନଂ ୬୬/୨୫ରେ ଏସସି/ଏସଟି (ପିଏଲ)ଆକ୍ଟ /୧୨ ପୋକ୍ସ ମାମଲା ରୁଜୁ କରିବା ସହ ଏସଡ଼ିପିଓ ରଶ୍ମି ରଞ୍ଜନ ସାହୁଙ୍କୁ ତଦନ୍ତ ଭାର ହାତକୁ ନେଇଛନ୍ତି। ଏଥିପ୍ରତି ଜିଲ୍ଲାଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ଦୃଷ୍ଟି ଦେଇ ଉକ୍ତ ବ୍ୟାଙ୍କ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଉକ୍ତ ମହିଳାଙ୍କ ପକ୍ଷରୁ ଦାବୀ ହେଉଛି।

# ଗ୍ରାମ୍ୟ ସଡ଼କ ନିର୍ମାଣ କାମ ନିମ୍ନମାନର ଅଭିଯୋଗ

**ସାଲେପୁର, ୭।୨ (ସଂଚାର ବ୍ୟୁରୋ) :** ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତାକାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଛି। ରାସ୍ତାରେ ଡଷ୍ଟ ପକାଇବା ପରିବର୍ତ୍ତେ ଠିକାଦାର କେନାଲରୁ ମାଟି ଉଠାଇ ରାସ୍ତା ଉପରେ ପକାଇବା ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି

**ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ**

ହୋଇଥିବାବେଳେ କେନାଲରୁ ମାଟି ଉଠିଯିବାରୁ କେନାଲ ବନ୍ଧ ପ୍ରତି ବିପଦ ସୃଷ୍ଟି କରିବା ସହ ଚାଷଜମିକୁ ଜଳସେଚନ ସଠିକ୍ ଭାବେ ହୋଇପାରିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ ସଉରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ହେଉଥିବା ରାସ୍ତାରେ ଡଷ୍ଟ ବଦଳରେ କେନାଲରୁ ମାଟି ଉଠାଇ ପକାଯାଉଛି।



ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୧ନଂ କେନାଲର ପଟଣା-କିଶିନାପୁର ଓ ରାମକୃଷ୍ଣପୁରର ବୈରାଗୀପଡ଼ାରୁ କେନାଲ ମଧ୍ୟରୁ ମାଟି ଖୋଳିନେଇ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। କେନାଲରେ ପାଣି ଆସିଲେ କେନାଲବନ୍ଧ ପ୍ରତି ବିପଦ ଆଶଙ୍କା ରହିବା ସହ ଉଚ୍ଚ ଚାଷ ଜମିଗୁଡ଼ିକୁ ସୁଚାରୁ ରୂପେ ଜଳସେଚନ ହୋଇନପାରିବା ନେଇ ଚାଷୀମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଏହି ବେଆଇନ୍ କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତବାସୀ ଓ ସରପଞ୍ଚ ପ୍ରଭାତୀ ବେହେରା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳସେଚନ ବିଭାଗକୁ ଚିଠି ଲେଖିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ପତ୍ରଲେଖି ଅଭିଯୋଗ କରିଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଏହି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଯେଉଁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଏହି ନିମ୍ନମାନର କାର୍ଯ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି, ରାସ୍ତା କାର୍ଯ୍ୟରେ ନିୟୋଜିତ ସୁପରଭାଇଜର ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ନେଇ ଅଭିଯୋଗ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଜୀବିକା ମିଶନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




**ଖୋର୍ଦ୍ଧା, ୭।୨ (ସଂଚାର ବ୍ୟୁରୋ) :** ମିଶନ ଶକ୍ତି ବିଭାଗ ଅଧିନସ୍ଥ ଜୀବିକା ମିଶନ ତରଫରୁ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲ୍ଲାର ଦଶ ଗୋଟି ବ୍ଲକରୁ ହଜାର ହଜାର ସଂଖ୍ୟାରେ ମହିଳା ମାନେ ବିରାଟ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମିଶନ ଶକ୍ତି ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଭିସି ମାନଙ୍କୁ ତୁରନ୍ତ ବକେୟା ଦେୟ ପ୍ରଦାନ ଏବଂ ନିୟମିତ କରିବାକୁ ଦାବି କରିଥିଲେ। ମହିଳା ମାନେ କହିଥିଲେ ବର୍ତ୍ତମାନ ସରକାର ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ଭିସିଙ୍କ ରିଷ୍ଟ ଷ୍ଟକଚର ବନ୍ଦ କରିବା ପାଇଁ ମସୁଧା ଚଳାଇଛନ୍ତି। ଏହି ମସୁଧା ବନ୍ଦ କରିବା ପାଇଁ ମିଶନ ଶକ୍ତି ମହିଳା ମାନଙ୍କର ରହିଛି ଦାବୀ। ତତସହିତ ଦଶ ଦଫା ଦାବୀ ସମ୍ବଳିତ ଏକ ଦାବୀପତ୍ର ଜୀବିକା ମିଶନ ଭିସି ସଂଘ ତରଫରୁ ଉପ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ପଦାନ କରାଯାଇଛି। ଦାବୀ ପୂରଣ ନ ହେଲେ ଆସନ୍ତା ୧୩ ତାରିଖରୁ ବିଧାନସଭା ଘେରାଉ କରାଯିବାକୁ ନେଇ ଚେତାବନୀ ଦେଇଛନ୍ତି ମିଶନ ଶକ୍ତି ମହିଳା ।

# କଳାହାଣ୍ଡି ଜିଲ୍ଲାରେ ଶହଶହ ଅଣଓଡ଼ିଆ ଶ୍ରମିକ

## ପୁଲିସ ପାଖରେ ରହୁନି ତଥ୍ୟ, ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି

**କଳାହାଣ୍ଡି, ୭।୨ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଆନ୍ଧ୍ର ଚାଷୀଙ୍କ କାୟା ବିସ୍ତାର ପରେ ଗତ କିଛି ବର୍ଷ ହେଲା ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ବ୍ଲକ ଅଞ୍ଚଳ ଏବେ ଶହଶହ ରାଜ୍ୟ ବାହାର ଅଣଓଡିଆ ଶ୍ରମିକଙ୍କ ଭୂସ୍ୱର୍ଗ ପାଲଟିଛି । ବିଭିନ୍ନ ବ୍ୟବସାୟ ସାଙ୍ଗକୁ ରଙ୍ଗ ଓ ମିସ୍ତ୍ରୀ କାମ ଆଳରେ ସହରକୁ ରାଜ୍ୟ ବାହାରୁ ଅଧିକାଂଶ ଅଣଓଡିଆ ଏହି ଜିଲ୍ଲାରେ ନିଜର କାୟା ବିସ୍ତାର କରିବାରେ ଲାଗିଥିବା ଦେଖାଯାଉଛି । ଜିଲ୍ଲାରୁ ହଜାର ହଜାର କୁଶଳୀ ଅଣକୁଶଳୀ ଶ୍ରମିକ କାମ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଖୋଦ ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ବ୍ଲକ ଅଞ୍ଚଳରେ ଏହି ଅଣଓଡିଆ ଶ୍ରମିକଙ୍କ କାୟା ବିସ୍ତାର ବିଭିନ୍ନ ଅପରାଧିକ କର୍ଯ୍ୟାକଳାପ ବୃଦ୍ଧିର ଯଥେଷ୍ଟ ସମ୍ଭାବନା ରହିବା ସହ ଆଗାମୀ ଦିନରେ ଏକ ଭୟଙ୍କର ପରିସ୍ଥିତିକୁ ଆମନ୍ତ୍ରଣ କରୁଥିବା ଜିଲ୍ଲାର ବିଭିନ୍ନ ସଚେତନ ମହଲରେ ଆଲୋଚନା ହେଉଛି । ଜିଲ୍ଲାରେ ଏତେ ମାତ୍ରାରେ ଅଣ ଓଡିଆ ଶ୍ରମିକ ବିଭିନ୍ନ ଅଞ୍ଚଳରେ ରହୁଥିଲେ ସୁଦ୍ଧା ପୁଲିସ ନିକଟରେ ସେମାନଙ୍କର ପରିଚୟ ସମ୍ପର୍କୀତ କୌଣସି ସୂଚନା ନାହିଁ ।

କଳାହାଣ୍ଡି ଜିଲ୍ଲା ୧୯୪୮ ମସିହାରୁ ଜିଲ୍ଲା ମାନ୍ୟତା ପାଇବା ପରେ ଜିଲା ସଦର ମହକୁମା ସମେତ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ଜନସଂଖ୍ୟା ଅନେକ ମାତ୍ରାରେ ବୃଦ୍ଧି ପାଇଛି। ଜିଲ୍ଲା ଗଠନର ମାତ୍ର କିଛି ବର୍ଷ ପରେ ଜିଲା ସଦର ମହକୁମାରେ ବାସପୋଯୋଗୀ ଜମିର ଅହେତୁକ ମୂଲ୍ୟ ବୃଦ୍ଧି ହୋଇଛି। ବିଭିନ୍ନ ବର୍ଗର ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡ ପୂର୍ବାପେକ୍ଷା ଅନେକ ମାତ୍ରାରେ ସୁଧୁରି ଥିବାରୁ ଅନେକ ନିଜ ନିଜ ପିଲାଛୁଆଙ୍କୁ ସହରାଞ୍ଚଳରେ ଉପଯୁକ୍ତ ଶିକ୍ଷାଗ୍ରହଣ ଆଶାରେ ଜିଲ୍ଲା ସମେତ ପଡୋଶୀ ଜିଲାର ବିଭିନ୍ନ ଅଞ୍ଚଳରୁ ଆସି ଏଠାରେ ସ୍ଥାୟୀ ବସତି ସ୍ଥାପନ କରିଛନ୍ତି। ସେହି ଅନୁସାରେ ଜିଲ୍ଲା ସଦର ମହକୁମାରେ ମଧ୍ୟ ଗୃହ ନିର୍ମାଣ ଶ୍ରମିକଙ୍କ ଆବଶ୍ୟକତା ଅନେକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ଅଣଓଡ଼ିଆ ଶ୍ରମିକଙ୍କ ଉପରେ ସ୍ଥାନୀୟ ଲୋକଙ୍କ ଚାହିଦା ବୃଦ୍ଧି ପାଇବାରୁ ସେହି ଶ୍ରମିକମାନେ ବର୍ତ୍ତମାନ ଦଳ ଦଳ ହୋଇ ଆସି ଏଠାରେ ବିଭିନ୍ନ ଅଂଚଳରେ ଭଡାରେ କିମ୍ବା ନିର୍ମାଣାଧୀନ ଘରେ ରହି କାର୍ଯ୍ୟ କରୁଛନ୍ତି। କିଛି ପୁରୁଣା ମିସ୍ତ୍ରୀ ଏବେ ଘର ନିର୍ମାଣର ବିଭିନ୍ନ କଞ୍ଚାମାଲ ଗଚ୍ଛିତ ରଖି ସ୍ଥାନୀୟ ଶ୍ରମିକ ମାନଂକୁ ନିଜେ ନିୟୋଜିତ କରିଛନ୍ତ। ଅନ୍ୟ ପକ୍ଷରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ରାଜ୍ୟ ବାହାର ନମ୍ବର ଥିବା ଶତାଧିକ ବାଇକ୍‌ରେ ପଲିଥିନ ଜରି, ପ୍ଲାଷ୍ଟିକ୍ ପାଣି ଡ୍ରମ, ପ୍ଲାଷ୍ଟିକ ଚୌକି, ପୋଷାକ ଆଦି ବିକ୍ରି କରିବା ବାହାନାରେ ଆସି ଏଠାରେ ବର୍ଷ ବର୍ଷ ଧରି ରହିଯାଉଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ସହ ଖୋଦ ଜିଲ୍ଲା ସଦର ମହକୁମାରେ ରହୁଥିଲେ ମଧ୍ୟ ଏମାନଙ୍କ ପ୍ରକୃତ ପରିଚୟ କ'ଣ, ଏମାନେ କେଉଁ ଜିଲ୍ଲାରୁ ଆସିଛନ୍ତି, ଏମାନେ କେଉଁ କେଉଁ ଅଞ୍ଚଳରେ ରହି ବ୍ୟବସାୟ କରୁଛନ୍ତି ତାର ଠିକଣା ଖୋଦ ଜିଲ୍ଲା ପୁଲିସ ନିକଟରେ ନାହିଁ। ଜିଲ୍ଲାର ଅନେକ ଅଞ୍ଚଳରେ ଏଭଳି ଅଚିହ୍ନା ବ୍ୟକ୍ତିଙ୍କ ରାଜୁତି ବୃଦ୍ଧି ପାଉଥିବାରୁ ଶାନ୍ତି ପ୍ରିୟ ଏହି ଜିଲ୍ଲାରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଛି। ଫଳରେ ଏଭଳି ରାଜ୍ୟ ବାହାର ବ୍ୟକ୍ତିଙ୍କ ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । ତେଣୁ ଶାନ୍ତ କଳାହାଣ୍ଡି ଜିଲ୍ଲା ଅଶାନ୍ତ ହେବା ପୂର୍ବରୁ ରାଜ୍ୟ ବାହାରୁ ଆସୁଥିବା ଶ୍ରମିକଙ୍କ ତଥ୍ୟ ପୁଲିସ ପ୍ରଶାସନ ସଂଗ୍ରହ କରିବା ଜରୁରୀ ବୋଲି ଜିଲ୍ଲାର ସଚେତନ ମହଲରେ ଦାବି ହେଉଛି ।

# ଉଦ୍‌ଯାପିତ ହେଲା ଜୟ ଜଗନ୍ନାଥ ମହୋତ୍ସବ



**ଯାଜପୁର, ୭।୨ (ସଂଚାର ବ୍ୟୁରୋ) :** ତିନିଦିନ ଧରି ମଞ୍ଚରେ ଚାଲିଥିଲା ଶ୍ରୀ ଜଗନ୍ନାଥ ମହାପ୍ରଭୂ ସଂସ୍କୃତି ନେଇ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ। ସଦାସର୍ବଦା ଶ୍ରଦ୍ଧାଳୁ ଭକ୍ତମାନେ କରୁଥିଲେ ପ୍ରସାଦ ସେବନ ଏବଂ ଯଜ୍ଞ ମଣ୍ଡପରେ ଚାଲିଥିଲା ଅଖଣ୍ଡ ବିଶ୍ୱଶାନ୍ତି ମହାଯଜ୍ଞ। ଏଭଳି ଏକ ନିଆରା ପରମ୍ପରାରେ ଅନୁଷ୍ଠିତ ହେଉଥିବା ଭାବ ଓ ଭକ୍ତିର ଜୟ ଜଗନ୍ନାଥ ମହୋତ୍ସବ ମହାସମାରୋହରେ ଉଦଯାପିତ ହୋଇଛି।

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ/୪ ମହାପ୍ରଭୂଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ ଅବସରରେ ଅନୁଷ୍ଠିତ ହେଇ ଆସୁଛି ଜୟ ଜଗନ୍ନାଥ ମହୋତ୍ସବ। ଏହି ମହୋତ୍ସବର ପ୍ରଥମ ଦିନରେ ବଡ ଧରଣର କଳାସ ଯାତ୍ରା ପରେ ଗଡ଼ମେକର ତରଫରୁ ଗୀତିନାଟ୍ୟ, ଅଙ୍ଗରଙ୍ଗ ତରଫରୁ ଓଡିଶୀ ନୃତ୍ୟ ଏବଂ ଶ୍ରରାମ ସ୍ୟାଡୋ ଥିଏଟର ତରଫରୁ ରାବଣ ଛାୟା ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଓଡ଼ିଶା ପୁରୀ ଡ୍ୟାନ୍ସ ଏକାଡେମୀ ତରଫରୁ ଓଡିଶୀ ନୃତ୍ୟ ସହ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇ ଥିଲା। ଓଡିଆ ଚଳଚିତ୍ର 'କର୍ମ'ର ନାୟୀକା, 'ମାଲ୍ୟଗୀରୀ'ର ସହ ନାୟିକା ଏବଂ 'ଡାଲଚିନି' ଫିଲ୍ମ ପାଇଁ ୩୩ ତମ ରାଜ୍ୟ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନପ୍ରାପ୍ତ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ଚଳିତ ବର୍ଷର ଦ୍ୱିତୀୟ ଦିବସର ଜୟ ଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ସନ୍ତୋଷ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ନିର୍ମଳ ଚନ୍ଦ୍ର ସାମଲ ପ୍ରମୁଖ ଏହି ସମ୍ମାନ ପ୍ରଦାନ କରିଥିଲେ। ତୃତୀୟ ଦିନରେ ରାଜ୍ୟର ଆଗୁଆ ନୃତ୍ୟ ଅନୁଷ୍ଠାନ କୋକିଳା ଡ୍ୟାନ୍ସ ଏକାଡେମୀ ଏବଂ ବ୍ରଜେଶ୍ୱରୀ ନୃତ୍ୟ କଳା ସଂସଦର ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ଅଗଣିତ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଆନନ୍ଦିତ କରିଥିଲା। ସୁନାମଧନ୍ୟ ଭଜନ ଗାୟକ ଶିବନନା ଏବଂ ସସ୍ମିତା ମିଶ୍ରଙ୍କ ତରଫରୁ ଭଜନ ସଂଧ୍ୟା କାର୍ଯ୍ରକ୍ରମରେ ଭଜନ ପରିବେଷଣ ହୋଇଥିଲା। ଏଥିରେ କଣ୍ଠଶିଳ୍ପୀ ସସ୍ମିତା ମିଶ୍ରଙ୍କୁ ଯାଜପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶୀତକଣ୍ଠ କାନୁନଗୋ, ସମାଜସେବୀ କାହ୍ନୁ ଚରଣ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜୟ ଜଗନ୍ନାଥ ସମ୍ମାନ ପ୍ରଦାନ କରିଥିଲେ। ତୃତୀୟ ଦିନର ମଧ୍ୟାହ୍ନରେ ପାଲାଗାୟକ ବିଜୟ କୁମାର ଓଝାଙ୍କୁ ଚଳିତ ବର୍ଷର ତୃତୀୟ ଜୟ ଜଗନ୍ନାଥ ସମ୍ମାନ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ପ୍ରଦାନ କରିଥିଲେ। ଆବାହକ ସତୀଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ଉତ୍ସବରେ ଅମର ଶତପଥୀ କହିଥିଲେ ଯେ, ଓଡିଆ ଭାଷା, ସାହିତ୍ୟ ସହ ମହାନ ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ପ୍ରସାର କ୍ଷେତ୍ରରେ ପାଲାର ବିକଳ୍ପ ନାହିଁ। ଜୟ ଜଗନ୍ନାଥ ମହୋତ୍ସବ ଏକ ମହାନ ଏବଂ ନିଆରା ପବିତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ। ଏହି ମହୋତ୍ସବରେ ହୋଇଥିବା ମାଣ୍ଡିଆ ଖାଦ୍ୟ ଷ୍ଟଲକୁ ଅମର ଶତପଥୀ ଉଦଘାଟନ କରିଥିଲେ।

# ନର୍ଲା ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ

**ଭବାନୀପାଟଣା, ୭।୨ (ସଂଚାର ବ୍ୟୁରୋ) :** ବିଧାନସଭା ମଣ୍ଡଳୀ ବିକାଶ କମିଟି ବୈଠକ ଆଜି ଉପ ନିର୍ଦ୍ଦେଶକ ପ୍ଲାନିଂ କାର୍ଯ୍ୟାଳୟ, ଭବାନୀପାଟଣା ସ୍ଥିତ ସଭା ଗୃହରେ ମାନ୍ୟବର ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଅନୁସୂଚିତ ଜାତି, ଜନଜାତି, ଖାଦ୍ୟ ସୁରକ୍ଷା, ସହର ଏବଂ ଗ୍ରାମ୍ୟ ସ୍ୱଚ୍ଛତା ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ, ଶ୍ରମିକ ସମସ୍ୟା, ଗମନା ଗମନ, ସାମାଜିକ ସୁରକ୍ଷା, ପଶୁପାଳନ, କୃଷି, ମତ୍ସ୍ୟ, ଜଳ ସେଚନ, ଖରିଫ ଧାନ ସଂଗ୍ରହ ଇତ୍ୟାଦି ଉପରେ ଆଲୋଚନା କରା ଯାଇଥିଲା।

ନର୍ଲା ବିଧାନସଭା ମଣ୍ଡଳୀର ବିଭିନ୍ନ ସମସ୍ୟା ଓ ତାରା ସମାଧାନ ସମ୍ପର୍କରେ ମାନ୍ୟବର ବିଧାୟିକା ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ନର୍ଲା ନିର୍ବାଚନ ମଣ୍ଡଳୀ କ୍ଷେତ୍ରର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଜଳସେଚନ, ଗମନାଗମନ ଇତ୍ୟାଦି କ୍ଷେତ୍ରରେ ଉନ୍ନତି ଓ ବିକାଶ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ୍ ହୋଇ ଲୋକଙ୍କ ହିତରେ ସେବା ମନୋଭାବ ନେଇ କାମ କରିବା ପାଇଁ ବିଧାୟିକା ଶ୍ରୀମତୀ ମହାନ୍ତି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ବିକାଶ ମୂଳକ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ମାନେ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ସେ ଗୁରୁତ୍ୱ ଦେଇଥିଲେ।

ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦର ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧକାରୀ, ଜିଲ୍ଲାପରିଷଦ, ଦୟାମୟ



ପାଢ଼ି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିହାରେନ୍ଦ୍ର ପଣ୍ଡା, ଉପ ନିର୍ଦ୍ଦେଶକ ଯୋଜନା ଓ ସମନ୍ୱୟ ବିଭାଗ, ଶ୍ରୀକାନ୍ତ ଦଲେଇଙ୍କ ସମେତ ଜିଲ୍ଲା ସ୍ତରୀୟ ପଦାଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗ ଶ୍ରୀ ଦଲେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନାହିଁ ନାହିଁରେ ଚାଲିଛି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

## ● ଶିକ୍ଷାବ୍ୟବସ୍ଥା ବୁଝିବାକୁ କେହି ନାହାନ୍ତି ● ଖାଲି ପଡିଛି ବିଇଓ, ଏବିଇଓ ପଦବୀ

**କାକଟପୁର/ଅସ୍ତରଙ୍ଗ, ୭।୨ (ସଂଚାର ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ବିଚିତ୍ର ନୀତି ପଦାରେ ପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ନାହିଁ ନାହିଁରେ ଚାଲିଛି। ବ୍ଲକ ଶିକ୍ଷାଅଧିକାରୀଙ୍କ ପଦବୀ ଖାଲି ପଡିଛି। ଆବଶ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି। ଏପରିସ୍ଥିତିରେ ଅସ୍ତରଙ୍ଗ ବ୍ଲକରେ ଶିକ୍ଷାବ୍ୟବସ୍ଥା କିପରି ଚାଲିଥିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୧୫ଟି ପଂଚାୟତର ୧୩୧ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ରହିଛି। କିନ୍ତୁ ଗତ ୩୧ମାର୍ଚ୍ଚ ୨୦୨୪ରେ ଅତିରିକ୍ତ ଶିକ୍ଷାଅଧିକାରିଣୀ ମମତା ମଞ୍ଜରୀ ଦେଇ ଅବସର ନେଇଥିବା ବେଳେ, ଅନ୍ୟତମ ଅତିରିକ୍ତ ଶିକ୍ଷାଅଧିକାରିଣୀ ରାଜଲକ୍ଷ୍ମୀ ପାତ୍ର ୩୧ମେ ୨୦୨୪ରେ ଅବସର ନେଇଛନ୍ତି। କିନ୍ତୁ ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ୨ଟି ଅତିରିକ୍ତ ଶିକ୍ଷାଅଧିକାରିଣୀ ପଦବୀ ଖାଲି ପଡିଛି। ଅନ୍ୟ ପଟେ କାର୍ଯ୍ୟରତ ଅତିରିକ୍ତ ଶିକ୍ଷାଅଧିକାରିଣୀ ସୁଧାଂଶୁବାଳା ଶତପଥୀ ଏକୁଟିଆ ହୋଇ ୧୫ଟି ପଂଚାୟତର ସମସ୍ତ ବିଦ୍ୟାଳୟର ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ, ସୂଚନା




ଅଧିକାର ତଥ୍ୟ ପ୍ରଦାନ, ମୋ ସ୍କୁଲ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ବିଭିନ୍ନ କାର୍ଯ୍ୟ ଏକାକୀ ତୁଲାଉଛନ୍ତି। ଯାହାକି କଷ୍ଟସାଧ୍ୟ। ଆଉ ୨ମାସ ପରେ ଚାକିରୀରୁ ଅବସର ନେବେ ଶ୍ରୀମତୀ ଶତପଥୀ।

ଅସ୍ତରଙ୍ଗ ମଣ୍ଡଳଶିକ୍ଷାଅଧିକାରୀ ଭାବେ ପୂର୍ବରୁ କାର୍ଯ୍ୟରତ ଚିତ୍ତରଞ୍ଜନ ସ୍ୱାଇଁ ୩୦ଜୁନ ୨୦୨୩ରେ ଅବସର ନେବା ପରେ ଦୀର୍ଘ ଏକ ବର୍ଷ ମଣ୍ଡଳ ଶିକ୍ଷାଅଧିକାରୀ ପଦବୀ ଖାଲି ପଡିଥିଲା। ଏକ ବର୍ଷ ପରେ ଶତ୍ରୁଘ୍ନ ବେହେରା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ଯୋଗଦେଇଥିଲେ। ଶ୍ରୀ ବେହେରା ପ୍ରତ୍ୟେକ ଦିନ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ପାଠପଢ଼ା ତଦାରଖ କରୁଥିଲେ। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭିନ୍ନ ପକ୍ଷରୁ ଚିଠି ମେମୋ ନମ୍ବର -୩୫୭୪ ତା ୪ଫେବୃଆରୀ ୨୫ରିଖ ଦିନ ରାଜ୍ୟର ୫୫ଜଣ ଶିକ୍ଷାଅଧିକାରୀଙ୍କ ବିଭିନ୍ନ ବ୍ଲକକୁ ବଦଳି ହୋଇଥିବା ବେଳେ ସେହିକ୍ରମରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରାଙ୍କ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକକୁ ବଦଳି ହୋଇଛି। ଏବେ ବି କାର୍ଯ୍ୟାଳୟରେ ୨ଟି ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀଙ୍କ ପଦବୀ ଖାଲି ପଡିଛି।

ଅନ୍ୟ ପଟେ ମଣ୍ଡଳ ଶିକ୍ଷାଅଧିକାରୀଙ୍କ ବଦଳି ବାତିଲ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି। ଅସ୍ତରଙ୍ଗ ବ୍ଲକରେ ୧୩ଟି କ୍ଲଷ୍ଟର (ସାଧନକେନ୍ଦ୍ର )ରେ ଶିକ୍ଷାଦାନ ନିମନ୍ତେ ୮ ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି। କିନ୍ତୁ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ କିରାଣୀ ଓ ଗୋଟିଏ ଆକାଉଣ୍ଟାଣ୍ଟ ପଦବୀ ଖାଲି ପଡିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ତୁରନ୍ତ ଖାଲି ପଦ ଗୁଡିକ ପୂରଣ ନିମନ୍ତେ ଦାବୀ କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବୈଶିଙ୍ଗା ଡ଼ାକ୍ତରଖାନାର ଉନ୍ନତି ପାଇଁ ସଂଘର୍ଷ ଜାରି

**ବୈଶିଙ୍ଗା, ୭।୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ୧୯୨୫ ମସିହାରେ ବୈଶିଙ୍ଗା ଓ ଏହାର ଆଖପାଖ ଅଞ୍ଚଳର ୫୦/୬୦ ଖଣ୍ଡ ମୌଜାର ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ବୈଶିଙ୍ଗା ଠାରେ ଏକ ଆଞ୍ଚଳିକ ଡାକ୍ତରଖାନା ସ୍ଥାପନା କରଯାଇଥିଲା। ଏହି ଡାକ୍ତରଖାନାଟି ସ୍ଥାପନାର ଶତବାର୍ଷିକୀ ପୂର୍ତ୍ତି ହେବାକୁ ଯାଉଥିବା ସହିତ ସ୍ୱାଧୀନତାର ୭୭ ବର୍ଷ ପୁରି ଯାଇଥିଲେ ମଧ୍ୟ ଆଜି ବି ସେଇ ଆଞ୍ଚଳିକ ଡାକ୍ତରଖାନାର ମାନ୍ୟତା ବଜାୟ ରଖିଛି। ଏଇ ୭୭ ବର୍ଷ ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ କେତେ ସରକାର ଆମକୁ ଶାସନ କରି ଚାଲିଗଲେଣି । ମାତ୍ର ସ୍ୱାସ୍ଥ୍ୟସେବା ନାମରେ ସରକାର କେତେ କେତେ ଟଙ୍କା ବ୍ୟୟ ବରାଦ କରୁଛନ୍ତି ତାର ହିସାବ ନାହିଁ।

ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ପ୍ରଥମ ଡାକ୍ତରଖାନା ବୈଶିଙ୍ଗା ଠାରେ ପ୍ରତିଷ୍ଠାର ବହୁ ବର୍ଷ ପରେ ଆଖପାଖ ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଦି ତତ୍କାଳୀନ ସରକାରଙ୍କ ଦ୍ୱାରା ସ୍ଥାପନା କରାଯାଇଛି। ମାତ୍ର ବୈଶିଙ୍ଗା ଡାକ୍ତରଖାନା ପ୍ରତି କାହାରି ନଜର ରହିଲା ନାହିଁ। ଏଥିପାଇଁ ଚାରିବର୍ଷ ତଳେ ଆଞ୍ଚଳିକ ବିକାଶ ପରିଷଦ ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଡାକ୍ତରଖାନାର ଉନ୍ନତି ପାଇଁ ସଂଘର୍ଷ ଜାରି ରହିଛି। କୋଭିଡର ଭୟାବହତା ବେଳେ ଟୀକାକରଣ ସମୟରେ ଯେଉଁଭଳି ଅବ୍ୟବସ୍ଥା ଡାକ୍ତରଖାନାରେ ଦେଖିବାକୁ ମିଳିଥିଲା ତାହାକୁ ଅନୁଧ୍ୟାନ କରି ଏହି ଡାକ୍ତରଖାନାଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ




କରିବା ପାଇଁ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ପୂର୍ବ ସରକାରଙ୍କୁ ଅବଗତ କରାଯାଇଥିଲା। ମାତ୍ର ଗୋଟିଏ ବ୍ଲକ୍‌ରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହେବା ପରିପେକ୍ଷୀରେ ବୈଶିଙ୍ଗା ଡାକ୍ତରଖାନାରେ ଟ୍ରମା ସେଣ୍ଟର କରାଯିବାର ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବୈଶିଙ୍ଗା ଡାକ୍ତରଖାନାରେ ଟ୍ରମା ସେଣ୍ଟର ହୋଇପାରିଲା ନାହିଁ। ଏହି ଡାକ୍ତରଖାନାର ଉନ୍ନତି ପାଇଁ ମାନ୍ୟବର ବିଧାୟକ ସନାତନ ବିଜୁଳି ପୂର୍ବ ସରକାର ସମୟରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂଆ ମୋହନ ସରକାରଙ୍କ ନଅ ମାସ କାର୍ଯ୍ୟକାଳ ମଧ୍ୟରେ ପୁଣି ସେହି ଅଭିଯୋଗ ଉଠାଇଥିଲେ ମଧ୍ୟ କିଛି କାର୍ଯ୍ୟକାରି ହୋଇ ପାରିନାହିଁ। ତଥାପି ଆଞ୍ଚଳିକ ବିକାଶ ପରିଷଦର ଦାବୀକୁ ସରକାର ପୂରଣ କରିବେ ଆଶାବାଦୀ ଅଛନ୍ତି।